

ଆତଙ୍କବାଦୀଙ୍କୁ ମୂଳପୋଛ କରିଦିଅ | ୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଅଭିଷେକଙ୍କ ଠାରୁ ଐଶ୍ୱର୍ଯ୍ୟା ଅଧିକ ଧନୀ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୮ Vol. 21 No-308 6 FEBRUARY 2025 THURSDAY BHUBANESWAR ଗୁରୁବାର, ୬ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସରିଲା ଦିଲ୍ଲୀ ବିଧାନସଭା ନିର୍ବାଚନ

# ବାଜିମାତ୍ କରିବ ବିଜେପି !





- ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୫୭.୭୦%
- ବୁଥ୍ ଫେରନ୍ତା ମତ ଅନୁଯାୟୀ ବିଜେପି ଆଗରେ
- ୨୭ବର୍ଷ ପରେ ବିଜେପି ଫେରିବା ସମ୍ଭାବନା
- ଇଭିଏମ୍‌ରେ ସିଲ୍ ୬୯୯ ପ୍ରାର୍ଥୀଙ୍କ ଭାଗ୍ୟ
- ରାଷ୍ଟ୍ରପତିଙ୍କ ସମେତ ବହୁ ହେଭିୱେଟ୍‌ଙ୍କ ମତଦାନ
- ୮ରେ ଗଣତି, ଫଳାଫଳ ପ୍ରକାଶ

ନୂଆଦିଲ୍ଲୀ,୫।୨: ବହୁ ପ୍ରତୀକ୍ଷିତ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବୁଧବାର ଭୋଟଗ୍ରହଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୫୭.୭୦ ପ୍ରତିଶତ ରହିଛି। ଦିଲ୍ଲୀର ମୋଟ ୭୦ଟି ଆସନ ପାଇଁ ପ୍ରାର୍ଥୀ ହୋଇଥିବା ୬୯୯ଜଣଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଏହି ଭୋଟ୍ ପାଇଁ ମୋଟ ୧୩,୦୩୩ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା। ମୋଟ ୧.୫୫ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିବା ସୂଚନା ଦିଆଯାଇଛି। ଏହି ଭୋଟ ବୁଧବାର ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ବୁଥ୍ ଫେରନ୍ତା ମତ ଅନୁଯାୟୀ ବିଜେପି ବହୁ ଆଗରେ ଥିବାର ସୂଚନା ମିଳିଛି। ଯଦି ବୁଥ୍ ଫେରନ୍ତା ମତ ସତ ହୁଏ, ତେବେ ଦୀର୍ଘ ୨୭ ବର୍ଷ ପରେ ବିଜେପି ଦିଲ୍ଲୀ ଶାସନ ଗାଦିକୁ ଫେରିବ ବୋଲି କୁହାଯାଉଛି। ଏହି ଭୋଟ୍‌ରେ ମୁଖ୍ୟତଃ ତ୍ରିମୁଖୀ • ପୃଷ୍ଠା ୫ ଦେଖନ୍ତୁ

**ଦିଲ୍ଲୀ ବିଧାନସଭା ଆସନ- ୭୦/୭୦**

| ସର୍ଭେ ସଂସ୍ଥା | ବିଜେପି | ଆପ୍ | କଂଗ୍ରେସ |
|---|---|---|---|
| ମାଟ୍ରିକ୍ | ୩୫-୪୦ | ୩୨-୩୭ | ୦୦-୦୧ |
| ପି.ମାର୍କ | ୩୯-୪୯ | ୩୧-୩୧ | ୦୦-୦୧ |
| ଚାଣକ୍ୟ | ୩୯-୪୪ | ୨୫-୨୮ | ୦୨-୦୩ |
| ଜେଭିସି ପୋଲ୍ | ୩୯-୪୫ | ୨୨-୩୧ | ୦୦-୦୨ |
| ପିପୁଲ୍ସ ଇନସାଇଟ୍ | ୪୦-୪୪ | ୨୫-୨୯ | ୦୦-୦୨ |
| ପିପୁଲ୍ସ ପଲ୍ସ | ୫୧-୬୦ | ୧୦-୧୯ | ୦୦-୦୦ |
| ଡିଭି ରିସର୍ଚ୍ଚ | ୩୬-୪୪ | ୨୬-୩୪ | ୦୦-୦୦ |
| ପୋଲ ଡାଏରୀ | ୪୨-୫୦ | ୧୮-୨୫ | ୦୦-୦୦ |
| ଜି ନ୍ୟୁଜ୍ | ୩୧-୩୬ | ୩୩-୩୮ | ୦୦-୦୨ |

## ପ୍ରୟାଗରାଜ ମହାକୁମ୍ଭ

# ସଙ୍ଗମରେ ବୁଡ଼ ପକାଇଲେ ମୋଦୀ



ପ୍ରୟାଗରାଜ,୫।୨: ବୁଧବାର ସଙ୍ଗମରେ ବୁଡ଼ ପକାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରୟାଗରାଜରେ ସ୍ନାନ, ଧ୍ୟାନ ଓ ପୂଜା ମଧ୍ୟ କଲେ। ଏହି ସମୟରେ ମୋଦୀଙ୍କୁ ଦେଖିବା ପାଇଁ ସଙ୍ଗମ ତଟରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ସଙ୍ଗମନଗରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବୁଧବାର ପୂର୍ବାହ୍ନ ୧୦ଟାରେ ମୋଦୀଙ୍କ ବିମାନ ପ୍ରୟାଗରାଜ ଏୟାରପୋର୍ଟରେ ପହଞ୍ଚିଥିଲା। ଏହାରପୋର୍ଟରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ହେଲିକପ୍ଟର ଯୋଗେ ପ୍ରଧାନମନ୍ତ୍ରୀ ଡିପିଏସ୍ ହେଲିପ୍ୟାଡରେ ପହଞ୍ଚିଥିଲେ। ସେଠାରେ ଅରେଲଘାଟକୁ ଯାଇଥିଲେ। ତାଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ସାମିଲ ହୋଇଥିଲେ। ସେମାନେ ନୌକାରେ ଅରେଲ ଘାଟକୁ ଯାଇଥିଲେ। ମୋଦୀ ତ୍ରିବେଣୀ ସଙ୍ଗମରେ ଆଣ୍ଠୁଏ ପାଣିରେ ପଶି ରୁଦ୍ରାକ୍ଷ ମାଳାଧରି ମନ୍ତ୍ରୀ ଜପ କରୁଥିବା ଦେଖିବାକୁ ମିଳିଥିଲା। ବୁଡ଼ ପକାଇବା ପରେ ମୋଦୀ ଆଖଡା ସାଧୁସନ୍ଥଙ୍କୁ ସାକ୍ଷାତ କରିଥିଲେ। ମୌନୀ ଅମାବାସ୍ୟା ଅମୃତସ୍ନାନ ସମୟରେ ଏଠାରେ ଦଳାଚକଟାରେ ଅତି କମ୍‌ରେ ୩୦ଜଣଙ୍କ ମୃତ୍ୟୁ ଘଟିବାର କିଛିଦିନ ପରେ ମୋଦୀ ବୁଡ଼ ପକାଇବାକୁ ପହଞ୍ଚିଥିଲେ । ଏହାପୂର୍ବରୁ ୨୦୨୪ ଡିସେମ୍ବର ୧୩ରେ ସଙ୍ଗମ ତଟରେ ମୋଦୀ ଗଙ୍ଗା ଆଳତୀ କରିଥିଲେ। ମହାକୁମ୍ଭମେଳା ସୁଚାରୁରୂପେ ସମ୍ପନ୍ନ ହେବା ନେଇ ମଙ୍ଗଳକାମନା କରିଥିଲେ। ସେହିପରି ୨୦୨୪ରେ ଲୋକସଭା ନିର୍ବାଚନ ସମୟରେ ତୃତୀୟ ଥର ନାମାଙ୍କନ ଦାଖଲ କରିବା ସମୟରେ ବାରଣାସୀର ଦଶାଶ୍ୱମେଘ ଘାଟରେ ମୋଦୀ ଗଙ୍ଗା ଆଳତୀ କରିଥିଲେ। ୨୦୨୪ ଫେବୃଆରୀ ୨୫ ତାରିଖରେ ମୋଦୀ ଦ୍ୱାରିକା ସମୁଦ୍ରରେ ସ୍ନାନ କରିବା ସହ ଜଳମଗ୍ନ ଦ୍ୱାରିକା ନଗରୀରେ ପ୍ରାର୍ଥନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ମୟୂରପୁଚ୍ଛ ଅର୍ପଣ କରିବା ପାଇଁ ସେ ସାଙ୍ଗରେ ନେଇଥିଲେ। ଏହାପୂର୍ବରୁ ୨୦୨୪ ଜାନୁଆରୀ ୨୨ରେ ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ପୂର୍ବରୁ ପ୍ରାଣପ୍ରତିଷ୍ଠା ପୂର୍ବରୁ ୨୦ ଜାନୁଆରୀରେ ମୋଦୀ ରାମେଶ୍ୱରମ୍ ଯାଇ ଅଗ୍ନିତୀର୍ଥ ସମୁଦ୍ର ତଟରେ ପବିତ୍ର ସ୍ନାନ କରିଥିଲେ।

## ସଂକ୍ଷେପରେ...

### କୁଆଖାଇରେ ବୁଡ଼ି ଦୁଇ ଛାତ୍ର ମୃତ

ଭୁବନେଶ୍ୱର,୫।୨(ଭାସ୍କର ନ୍ୟୁଜ): ସରସ୍ୱତୀ ମୂର୍ତ୍ତି ବିସର୍ଜନବେଳେ କୁଆଖାଇରେ ବୁଡ଼ି ୨ ଛାତ୍ର ପ୍ରାଣ ହରାଇଛନ୍ତି। ସେମାନଙ୍କ ନାମ ସିକୁନ ଓ ଦିବ୍ୟଜ୍ୟୋତି ବୋଲି ସୂଚନା ମିଳିଛି। ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ରଙ୍ଗବଜାର ନିକଟରେ ଏହି ଅଘଟଣ ଘଟିଛି। ଏକ କୋଚିଂ ସେଣ୍ଟରର ମୂର୍ତ୍ତି ବିସର୍ଜନ ପାଇଁ ଆସିଥିବାବେଳେ ୨ଜଣ ଗଭୀର ଗଣ୍ଡରେ ବୁଡ଼ି ଯାଇଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି।

### ଘନ କୁହୁଡ଼ି ପାଇଁ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୫।୨(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ତାତିର ପ୍ରଭାବ ଆରମ୍ଭ ହୋଇଯାଇଛି। ଆଗାମୀ ୭ ଦିନ ପର୍ଯ୍ୟନ୍ତ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ତେବେ ଆସନ୍ତା ୩ ଦିନ ପାଇଁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଘନକୁହୁଡ଼ି ଦେଖାଦେବ ବୋଲି ବିଭାଗ କହିଛି। ଏଥିପାଇଁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

### ଜୟଦେବ ଜେନାଙ୍କୁ ହତ୍ୟା ଧମକ

ଭୁବନେଶ୍ୱର,୫।୨(ଭାସ୍କର ନ୍ୟୁଜ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ହତ୍ୟା ଧମକ ମିଳିଛି। ତାଙ୍କୁ ଧମକ ଦେଇଥିବା ଦୁର୍ବୃତ୍ତଜଣକ ପ୍ରଥମେ ୫ଲକ୍ଷ ନ ଦେଲେ ସ୍ଥିତି ଭୟଙ୍କର ହେବ ବୋଲି ଧମକ ଦେଇଥିଲା। ପରେ ୫୦ ହଜାର ମାଗିଥିଲା। ଏ ନେଇ ଶ୍ରୀ ଜେନା ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ ଯୋଗେ ଜଣାଇବା ସହ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି।

ସେନ୍‌ସେକ୍ସ: ୭୮,୨୭୧.୨୮
ସର୍ବାଧିକ: ୩୩.୦ ଡିଗ୍ରୀ
ସର୍ବନିମ୍ନ: ୨୨.୨ ଡିଗ୍ରୀ

**୫।୨।୨୦୨୫ ର ମତାମତ**

ଆଇଏଏସ୍ ଅଧିକାରୀ ଗାଁ ବୁଲିଲେ ଲୋକଙ୍କ ସମସ୍ୟା ସମାଧାନ ହେବ କି?




**ଆଜିର ପ୍ରସଙ୍ଗ**

ବାରମ୍ବାର ଘଟୁଥିବା ରେଳ ଦୁର୍ଘଟଣାକୁ ରୋକାଯାଇ ପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କ୍ରିକେଟ ପ୍ରେମୀ ତ କୁଲୁକୁଲୁ ଏବେ
ଖୋଜନ୍ତି ଟିକେଟ, ପାସ୍
ସବୁଠୁଁ ଦୁଃଖରେ ଅଛନ୍ତି ଏବେକେ
ବିଜେଡିର ବବି ଦାସ୍ ।
ହେଇଗଲା ସତ୍ୟାନାଶ୍,
ସଭାପତି ପଦେ ଯଦି ରହିଥାନ୍ତେ
ଡ୍ୟାସ୍ ଡ୍ୟାସ୍ ଆଉ ଡ୍ୟାସ୍ !

## ବିକଶିତ ଗାଁ, ବିକଶିତ ଓଡ଼ିଶାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଗାଁରେ ବହିବ ବିକାଶର ଗଙ୍ଗା



**୫ବର୍ଷରେ ଦିଆଯିବ ୫ ହଜାର କୋଟି ଟଙ୍କା**
**ଗାଁଗୁଡ଼ିକ ହେବ ବିକାଶର ଗ୍ରୋଥ୍ ଇଞ୍ଜିନ୍**
**ପାଲଟିବ ସମୃଦ୍ଧ ଓଡ଼ିଶା ଗଠନର ହାଇୱେ**
**୨୦୨୮-୨୯ ଆର୍ଥିକ ବର୍ଷଯାଏ ହେବ କାର୍ଯ୍ୟକାରୀ**

ଭୁବନେଶ୍ୱର,୫।୨(ଭାସ୍କର ନ୍ୟୁଜ): ଗାଁରେ ବହିବ ବିକାଶର ଗଙ୍ଗା। ଗାଁ ପାଲଟିବ ବିକାଶର ଗ୍ରୋଥ୍ ଇଞ୍ଜିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସର ହେବ ଶ୍ରେଷ୍ଠ ନିଦର୍ଶନ। ସହର ଓ ଗାଁ ଭିତରେ ବିକାଶର ଯେଉଁ ପାର୍ଥକ୍ୟ ଅଛି, ତାକୁ ଦୂରକରି ମୌଳିକ ଭିତ୍ତିଭୂମିରେ ସମାନତା ଆଣିବ ବିକଶିତ ଗାଁ ଓ ବିକଶିତ ଓଡ଼ିଶା। ବୁଧବାର ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆଠାରେ ଏହି ଯୋଜନାର ଶୁଭାରମ୍ଭ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଯୋଜନାରେ ଗାଁ ଗୁଡିକରେ ଭିତ୍ତିଭୂମିର ବିକାଶ ପାଇଁ ବର୍ଷକୁ ଏକ ହଜାର କୋଟି ଟଙ୍କା ଲେଖାଏଁ, ପାଞ୍ଚ ବର୍ଷରେ ପାଞ୍ଚ ହଜାର କୋଟି ଟଙ୍କା ବିନିଯୋଗ କରାଯିବ । ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ • ପୃଷ୍ଠା ୫ ଦେଖନ୍ତୁ

## ■ ଟ୍ରେନ୍ ଦୁର୍ଘଟଣା ■

# କାନ୍ଥ ଭାଙ୍ଗି ବସ୍ତି ଭିତରକୁ ମାଡ଼ିଗଲା



ରାଉରକେଲା,୫।୨(ଭାସ୍କର ନ୍ୟୁଜ): ବୁଧବାର ସକାଳେ ରାଉରକେଲାରେ ଏକ ମାଲବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସକାଳ ୬ଟାରେ ଏହି ଦୁର୍ଘଟଣା ଘଟିଛି। ମାଲବାହୀ ଟ୍ରେନ୍‌ର ୩ଟି ବଗି ଲାଇନଚ୍ୟୁତ ହୋଇ ମାଲଗୋଦାମ ବସ୍ତି ଭିତରକୁ ପଶି ଯାଇଥିବା ସୂଚନା ମିଳିଛି। କିନ୍ତୁ ଏହି ଦୁର୍ଘଟଣାରେ କୌଣସି ଜୀବନହାନୀ ଘଟିନଥିଲେ ମଧ୍ୟ ବହୁ ଛୋଟ ଓ ବଡ଼ ଯାନ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ମାଲବାହୀ ଟେନ୍‌ର ୨ଟି ବଗି ସାଇଡିଂ କାନ୍ଥ ଭାଙ୍ଗି ୬୦ ଫୁଟ ରାସ୍ତା ପାର୍ ହୋଇ ଦୁଇଜଣ ବ୍ୟକ୍ତିଙ୍କ ଦୋକାନ ଘରେ ପଶି ଯାଇଥିଲା। ଫଳରେ ଦୋକାନଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ପରେ ଆଉ ଗୋଟିଏ ବଗି ମଧ୍ୟ ନିକଟରେ ଥିବା ଆଉ ଏକ ଦୋକାନରେ ପଶିଯାଇଥିଲା। ଦୁର୍ଘଟଣାର • ପୃଷ୍ଠା ୫ ଦେଖନ୍ତୁ






କଟକ(ଭାସ୍କର ନ୍ୟୁଜ୍): ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପତି ହୋଇଥିବା ଭିଏଲ୍‌ଡବ୍ଲ୍ୟୁଙ୍କୁ ନିଲମ୍ବନ କ୍ଷମତା ଜିଲ୍ଲାପାଳଙ୍କର ନାହିଁ ବୋଲି ଓଡିଶା ହାଇକୋର୍ଟ ଆଜି ଏକ ମାମଲାର ଶୁଣାଣି କରି ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଆବେଦନକାରୀ ସୁନିଲ କୁମାର ପରିଡ଼ାଙ୍କ ପକ୍ଷରୁ ଆଗତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ସଂଜୀବ୍ ପାଣିଗ୍ରାହୀଙ୍କ ଇଜିଲାସ ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି । ଅଦାଲତ ତାଙ୍କ ରାୟରେ ଦର୍ଶାଇଛନ୍ତ ଯେ ଭିଏଲ୍‌ଡବ୍ଲ୍ୟୁମାନେ ଗ୍ରାମ ପଞ୍ଚାୟତ ଅଧୀନରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ଚାକିରି ମଧ୍ୟ ଗ୍ରାମ ପଞ୍ଚାୟତ ଅଧିନରେ । ଏପରିସ୍ଥଳେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରାମ ପଞ୍ଚାୟତ ହାତରେ ନ୍ୟସ୍ତ ରହିଛି। ଏଣୁ ସେମାନଙ୍କୁ ଜିଲ୍ଲାପାଳ ନିଲମ୍ବନ କରିପାରିବେ ନାହିଁ। ସେହିପରି ହାଇକୋର୍ଟ ଦର୍ଶାଇଛନ୍ତି ଯେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟ ଭିତରେ ଶେଷ ହେବ। ବିନା ପୁନର୍ବିଚାରରେ ୯୦ ଦିନ ପରେ ଜାରି ରହିଥିବା ନିଲମ୍ବନ ଆଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

# ବାରବାଟୀ ଦିନିକିଆ: ଟିକେଟ୍ ବିକ୍ରି ବେଳେ ଧସ୍ତାଧସ୍ତି




କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ୯ ତାରିଖ ଦିନ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍ ନିମନ୍ତେ ବୁଧବାର ଦିନ ଷ୍ଟାଡିୟମ୍ ନିକଟରେ କ୍ରିକେଟ୍‌ପ୍ରେମୀଙ୍କ ଅସମ୍ଭବ ଭିଡ ଦେଖିବାକୁ ମିଳିଥିଲା । ଟିକେଟ୍ ପାଇବା ଅଶାରେ ମଙ୍ଗଳବାର ରାତିରୁ ନିଜ ନିଜର ପରିଚୟପତ୍ର ଧରି ଲାଇନ୍‌ରେ ଥିବା ଶତାଧିକ କ୍ରିକେଟ୍ ପ୍ରେମୀ ଟିକେଟ୍ ନ ପାଇ ନିରାଶ ହୋଇଛନ୍ତି । ସଂଧ୍ୟା ସୁଦ୍ଧା ଅଫ୍‌ଲାଇନ୍ ଟିକେଟ୍ ବିକ୍ରି ଶେଷ ହୋଇଥିବା କଟକ ଡିସିପି ଜଗମୋହନ ମୀନା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଭାରତ-ଇଂଲଣ୍ଡ ଦିବାରାତ୍ର ମ୍ୟାଚ୍ ପାଇଁ ୧୧ ହଜାର ୮୦ ଖଣ୍ଡ ଟିକେଟ୍ ଆସିଥିଲାବେଳେ ହଜାର ହଜାର କ୍ରିକେଟ୍ ପ୍ରେମୀ ଟିକେଟ୍ ନ ପାଇ ଫେରି ଯାଇଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ଟିକେଟ୍ ବିକ୍ରୀ ସମୟରେ ଭିଡ଼କୁ ନିୟନ୍ତ୍ରଣ କରିବାରେ ପୁଲିସ୍ ବିଫଳ ହୋଇଥିଲା । ଫଳରେ ଟଇକେଟ୍ ଅଶାୟୀଙ୍କ ମଧ୍ୟରେ ଧସ୍ତଧସ୍ତି ପରିସ୍ଥିତ ହୋଇଥିଲା । ଏଥିଯୋଗୁ କିଛି ଆଶାୟୀ ଅଚେତ୍ ହୋଇପଡଥିଲେ । ଭିଡ ଏପରିଥିଲା ଯେ, ଛିଡ଼ା ହୋଇଥିବା ଜାଗାରୁ ଟିକିଏ ହଲିଲେ ଆଉ ଜାଗା ପାଇବା କଷ୍ଟ। ସୂଚନାଥାଉକି ପୂର୍ବରୁ ଅନ୍ଲାଇନ୍ ମାଧ୍ୟମରେ ଟିକେଟ୍ ବିକ୍ରି ସମୟରେ ମଧ ହଜାର ହଜାର କ୍ରୀଡ଼ାପ୍ରେମୀ ନିରାଶ ହୋଇଥିଲେ। ଷ୍ଟାଡିୟମରେ ଦର୍ଶକ କ୍ଷମତା ୪୪୫୭୪ ରହିଥିବା ବେଳେ ସେଥିମଧ୍ୟରୁ ମାତ୍ର ୨୪୬୯୨ ଟିକେଟ ବିକ୍ରି ପାଇଁ ରହିଥିଲା।

## ଅରୁଣଙ୍କୁ କଟାକ୍ଷ କଲେ ମନ୍ତ୍ରୀ ରବି ନାରାୟଣ ନାଏକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅରୁଣଙ୍କୁ କଟାକ୍ଷ କଲେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କହିଲେ ତାଙ୍କର ସବୁ ୱାନ ମ୍ୟାନ ଆର୍ମିରେ ଚାଲିଥିଲା । ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଆମେ ଲୋକଙ୍କ ପାଇଁ ଲଢୁଛୁ , ସେମାନେ ନିର୍ବାଚନ ପାଇଁ ଲଢୁଥିଲେ । ସେମାନେ ନିର୍ବାଚନ ପାଇଁ ଥୋପ ଦିଅନ୍ତି । ନିର୍ବାଚନ ଆସିଲେ ସେମାନେ ଲୋକଙ୍କୁ ଥୋପ ଦିଅନ୍ତି । ଏ ସରକାର ଲୋକଙ୍କ ସରକାର ଲୋକଙ୍କ ବ୍ୟବସ୍ଥା ଦୃଷ୍ଟିରୁ ଠିକ କାମ କରିବ । କାମ କରିବାରେ ଗ୍ରାମସଭାକୁ ପ୍ରାଧାନ୍ୟ ଦେଇଛୁ, ଲୋକଙ୍କୁ ପ୍ରାଧାନ୍ୟ ଦେଇଛୁ । ଲୋକ ଅଧିକାର କାଢି ନେଇଛନ୍ତି, ସେଥିପାଇଁ ଲୋକ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ ବୋଲି ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି ।

# 'ଅସ୍ଥିଶଲ୍ୟ ଚିକିତ୍ସାରେ ଓଡ଼ିଶା ଏକ ନୂତନ ଯୁଗ ପାଳନ କରୁଛି'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅସ୍ଥିଶଲ୍ୟ ଚିକିତ୍ସାରେ ଓଡ଼ିଶା ଏକ ନୂତନ ଯୁଗ ପାଳନ କରୁଛି। କେୟର ହସ୍ପିଟାଲ ଏକ 'ପୁର୍ନଉତ୍ଥାନ-୨୦୨୫' ୨୦୦+ ବଞ୍ଚିଥିବା ବ୍ୟକ୍ତିଙ୍କୁ ସମ୍ମାନୀତ କରୁଛି। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଅସ୍ଥିଶଲ୍ୟ ଚିକିତ୍ସାରେ ଉନ୍ନତିକୁ ପ୍ରଶଂସା କରି ସୁଗମ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୦+ ରୋଗୀମାନେ ସୁସ୍ଥତା ଓ ଉପଶମକୁ ପାଳନ କରିଛନ୍ତି। 'ଆଣ୍ଠୁ ପ୍ରତିସ୍ଥାପନ ଏବଂ ପୀଡ଼ାରେ ଆଘାତପ୍ରାପ୍ତ ଅସ୍ତ୍ରୋପଚାରରୁ ବଞ୍ଚିଥିବା ବ୍ୟକ୍ତିମାନେ ଗତିଶୀଳ ଏବଂ ସକ୍ରିୟ ଜୀବନଶୈଳୀ ପୁର୍ନବାର ପାଇବାର ପ୍ରେରଣା ଦାୟକ କାହାଣୀ ବାଣ୍ଟିଛନ୍ତି। ଡ. ସଦୀପ୍ ସିଂ ବିଲିୟନ ନିଜ୍ ପ୍ରୋଜେକ୍ଟ




ଆରମ୍ଭ କରିଛନ୍ତି। ଯାହା ସମଗ୍ର ଓଡ଼ିଶା ରାଜ୍ୟରେ ଆଣ୍ଠୁ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଉଚ୍ଚମାନର ଅସ୍ଥିଶଲ୍ୟ ଚିକିତ୍ସାର ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ଉତ୍ସର୍ଗୀକୃତ ଏକ ପଦକ୍ଷେପ। ଗତ ୫ତାରିଖରେ କେୟର ହସ୍ପିଟାଲ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ଟେନିସ୍ ସେଣ୍ଟରରେ ଅନୁଷ୍ଠିତ ପୁର୍ନଉତ୍ଥାନ 'ଅର୍ଥୋପେଡି ଚ୍ୟାଲେଞ୍ଜ ଉପରେ ବିଜୟ' ସଫଳ ସମାପ୍ତି ଘୋଷଣା କରି ଖୁସି ହେଉଛି। ଏଥିରେ ମୁଖ୍ୟଅତିଥିଭାବେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥିବା ବିଜେପି ରାଜ୍ୟସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ। ସେହିପରି ବହୁ ବରିଷ୍ଠ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


| | | | | | | |
|---|---|---|---|---|---|---|
| | | | ୧୯୮୨ | ଗୋଡା | ୦.୧୦ | ୦.୧୦ |
| | | | ୧୯୮୯ | ବାହାଲ ଜଳସେଚିତ (ଏକଫସଲି) | ୦.୨୮ | ୦.୨୮ |
| | | | ୧୯୯୦ | ବାହାଲ ଜଳସେଚିତ (ଏକଫସଲି) | ୦.୫୮ | ୦.୫୮ |
| | | | ୨୦୦୬ | ବାହାଲ ଜଳସେଚିତ (ଏକଫସଲି) | ୧.୦୦ | ୧.୦୦ |
| | | | ୨୦୧୬ | ମାଳ ଅଣଜଳସେଚିତ | ୦.୧୦ | ୦.୧୦ |
| | | | ୨୦୧୭ | ବାହାଲ ଜଳସେଚିତ (ଏକଫସଲି) | ୦.୦୨ | ୦.୦୨ |
| | | | ୨୩୪୧ | ମାଳ ଅଣଜଳସେଚିତ | ୧.୪୯ | ୧.୪୯ |
| | | | ୨୩୯୫ | ବେର୍ଣ୍ଣା ଅଣଜଳସେଚିତ | ୨.୬୦ | ୨.୬୦ |
| | | | ୨୪୩୪ ସ୍ମ | ବେର୍ଣ୍ଣା ଅଣଜଳସେଚିତ | ୧.୦୦ | ୦.୬୬ |
| | | | ୨୪୩୩ | ବେର୍ଣ୍ଣା ଅଣଜଳସେଚିତ | ୦.୨୨ | ୦.୨୨ |
| ୬୩ | ୪୧୫ | ଶୁକ୍ରା ଓରାମ ପି:ମଙ୍ଗିଆ ଓରାମ, ହେମା ଓରାମ ପି: ଗଣ୍ଡା ଓରାମ ଜା: ଓରାମ ବା: ନିଜଗାଁ ଟୋଲା ଚଡକମରା | ୧୯୪୦ | ମାଳ ଅଣଜଳସେଚିତ | ୩.୧୦ | ୩.୧୦ |
| | | | ୨୩୪୦ | ମାଳ ଅଣଜଳସେଚିତ | ୧.୬୭ | ୧.୬୭ |
| | | | ୨୪୨୯ | ମାଳ ଅଣଜଳସେଚିତ | ୦.୩୪ | ୦.୩୪ |
| | | | ୨୦୧୯ | ବାହାଲ ଜଳସେଚିତ (ଏକଫସଲି) | ୦.୦୮ | ୦.୦୮ |
| | | | ୧୯୮୦ ସ୍ମ | ବାହାଲ ଜଳସେଚିତ (ଏକଫସଲି) | ୦.୬୦ | ୦.୧୫ |
| | | | ୨୦୦୫ | ବାହାଲ ଜଳସେଚିତ (ଏକଫସଲି) | ୧.୦୦ | ୧.୦୦ |
| | | | ୧୯୨୯ | ବାହାଲ ଜଳସେଚିତ (ଏକଫସଲି) | ୦.୪୪ | ୦.୪୪ |
| | | | ୧୯୩୭ | ବାହାଲ ଜଳସେଚିତ (ଏକଫସଲି) | ୦.୪୦ | ୦.୪୦ |
| | | | ୧୯୩୮ | ବାହାଲ ଜଳସେଚିତ (ଏକଫସଲି) | ୧.୬୦ | ୧.୬୦ |
| | | | ୧୯୨୩ | ବାହାଲ ଜଳସେଚିତ (ଏକଫସଲି) | ୦.୭୦ | ୦.୭୦ |
| | | | ୨୦୦୭ | ଗୋଡା | ୦.୨୬ | ୦.୨୬ |
| | | | ୨୩୪୫ | ଗୋଡା | ୦.୬୦ | ୦.୬୦ |
| | | | ୧୯୨୪ | ଗୋଡା | ୧.୨୫ | ୧.୨୫ |
| | | | ୧୯୪୧ | ଗୋଡା | ୦.୭୪ | ୦.୭୪ |
| ୬୪ | ୪୨୨ | ସୁଦର୍ଶନ ବାର୍ଲା, ନିର୍ମଳ ବାର୍ଲା, ପ୍ରଫୁଲ୍ଲ ବାର୍ଲା ପି: ମାଡିଆସ ବାର୍ଲା, ଆନନ୍ଦ ବାର୍ଲା ପି: ମାଙ୍ଗୁ ବାର୍ଲା, ଜା: ଓରାମ ବା: ନିଜଗାଁ ଟୋଲା ରେଙ୍ଗାଲବାହାଲ | ୨୧୪୦ | ବାହାଲ ଅଣଜଳସେଚିତ | ୦.୫୪ | ୦.୫୪ |
| | | | ୨୦୫୩/୪୦୩୫ | ମାଳ ଅଣଜଳସେଚିତ | ୦.୪୦ | ୦.୪୦ |
| | | | ୨୧୫୩/୪୦୪୮ ସ୍ମ | ବେର୍ଣ୍ଣା ଅଣଜଳସେଚିତ | ୦.୫୮ | ୦.୪୫ |
| | | | ୨୧୫୩/୪୦୫୦ ସ୍ମ | ବେର୍ଣ୍ଣା ଅଣଜଳସେଚିତ | ୦.୪୦ | ୦.୩୦ |
| | | | ୨୧୫୬/୪୦୫୭ ସ୍ମ | ବେର୍ଣ୍ଣା ଅଣଜଳସେଚିତ | ୦.୩୩ | ୦.୧୮ |
| ୬୫ | ୪୩୦ | ସୁଲାମି ଖାଖା, ମେରଖାଡି ଖାଖା, ମୁଦିତ ଖାଖା ପି:ଯୋହାନ ଖାଖା, ସାରାମନି ଖାଖା ସ୍ୱା: ଯୋହାନ ଖାଖା, ଜା: ଓରାମ ଖ୍ରୀଷ୍ଟିୟାନ ବା: ନିଜଗାଁ ଟୋଲା ରେଙ୍ଗାଲବାହାଲ | ୧୯୧୮ | ବାହାଲ ଜଳସେଚିତ (ଏକଫସଲି) | ୦.୬୩ | ୦.୬୩ |
| | | | ୧୯୧୯/୩୭୫୪ | ବାହାଲ ଜଳସେଚିତ (ଏକଫସଲି) | ୦.୫୯ | ୦.୫୯ |
| ୬୬ | ୪୩୬ | ସେଲେଷ୍ଟିନ ଖାଖା ପି:ପିଟାର ଖାଖା, ଶାନ୍ତିମନୀ ଖାଖା ସ୍ୱା-ପିଟାର ଖାଖା ଜା: ଓରାମ ଖ୍ରୀଷ୍ଟିୟାନ ବା: ନିଜଗାଁ ଟୋଲା ରେଙ୍ଗାଲବାହାଲ | ୨୧୩୭ ସ୍ମ | ବେର୍ଣ୍ଣା ଅଣଜଳସେଚିତ | ୦.୩୮ | ୦.୩୩ |
| | | | ୨୦୬୬ | ମାଳ ଅଣଜଳସେଚିତ | ୦.୪୨ | ୦.୪୨ |
| | | | ୨୦୭୦ | ଗୋଡା | ୦.୩୫ | ୦.୩୫ |
| | | | ୨୦୬୬/୪୦୭୭ | ମାଳ ଅଣଜଳସେଚିତ | ୦.୧୩ | ୦.୧୩ |
| | | | ୨୩୯୮/୪୧୦୩ | ମାଳ ଅଣଜଳସେଚିତ | ୦.୩୨ | ୦.୩୨ |
| | | | ୨୪୨୧/୪୧୦୪ | ଗୋଡା | ୦.୦୮ | ୦.୦୮ |
| ୬୭ | ୪୪୧/୦୬ | ଲୁକାସ ଖାଖା ପି-ମାଡିଆସ ଓରାମ ଜା-ଓରାମ ବା-ନିଜଗାଁ | ୧୯୧୭/୪୩୨୬ | ବାହାଲ ଜଳସେଚିତ (ଏକଫସଲି) | ୦.୨୫ | ୦.୨୫ |
| | | | ୨୪୦୦/୪୩୨୮ ସ୍ମ | ମାଳ ଅଣ ଜଳସେଚିତ | ୦.୬୪ | ୦.୧୪ |
| | | | ୧୯୧୭/୪୩୨୭ | ବାହାଲ ଜଳସେଚିତ (ଏକଫସଲି) | ୦.୧୦ | ୦.୧୦ |
| ୬୮ | ୪୪୧/୦୭ | ରେଜିନା ଖାଖା ସ୍ୱା-ପାଉଲ ଓରାମ,ଆନାସ୍ଥାସିଆ ଖାଖା,ସୀମା ଖାଖା ପି-ମନସିଦ୍ ଖାଖା, ଶ୍ରୀଯାନ ଖାଖ ପି-ସିମକ ଖାଖା,ରେବେକା ଖାଖା ସ୍ୱା-ଥମାସ ଖାଖା,ଯାସିନ୍ତା ଖାଖା ସ୍ୱା-ଇଗ୍ନେସ ଖାଖା,ମାଧୁରୀ ଖାଖା,ଲୀନାପୁଷ୍ପା ଖାଖା,ସୁରେଶ ଖାଖା ପି-ଇଗ୍ନେସ ଖାଖା, ମେରୀ ଖାଖା ସ୍ୱା-ଦମନିକ ଖାଖା,ସୁମନ ଖାଖା,ଏଲିସ ଖାଖା ପି-ଦମନିକ ଖାଖା ଜା-ଓରାମ ବା-ନିଜଗାଁ | ୧୯୧୭/୪୩୩୦ | ବାହାଲ ଜଳସେଚିତ (ଏକଫସଲି) | ୦.୩୬ | ୦.୩୬ |
| | | | ୨୦୦୪ | ବାହାଲ ଜଳସେଚିତ (ଏକଫସଲି) | ୦.୧୬ | ୦.୧୬ |
| | | | ୨୪୦୦/୪୩୨୯ ସ୍ମ | ମାଳ ଅଣଜଳସେଚିତ | ୧.୦୩ | ୦.୯୫ |
| | | | ୨୪୧୧ | ବେର୍ଣ୍ଣା ଅଣ ଜଳସେଚିତ | ୧.୧୦ | ୧.୧୦ |
| ମୋଟ | ୬୮ ଖାତା | | | | ମୋଟ | ୧୬୪.୮୨ |

ତଫସିଲ-ଖ

(ପୁନର୍ବାସ ନିମନ୍ତେ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ସୁନ୍ଦରଗଡ

ତହସିଲ-ରାଜଗାଙ୍ଗପୁର

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହା ସହିତ ସଂଲଗ୍ନ କରାଗଲା | | | | | | | |

ଅଧିସୂଚନାର ବୈଧ ତାରିଖ-୨୧.୧୨.୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/-ମର୍ନୋଜ ସତ୍ୟବାନ ମହାଜନ
ଜିଲ୍ଲାପାଳ,ସୁନ୍ଦରଗଡ

OIPR 24160/14/0011/2425


# ଆନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖଣ୍ଡଗିରି ପାର୍କିକାରେ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ୩ ଦିନିଆ ଆନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ । ଏହି କାର୍ଯ୍ୟକ୍ରମରେ ଆୟୋଜକ ତଥା ଏକାମ୍ର ବିଧାୟକ ବାବୁ ସିଂ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳ ନନ୍ଦ ମଲ୍ଲିକ ଯୋଗଦେଇ ଥିଲେ। ଐର ଖାରବେଳ ମହୋତ୍ସବ କମିଟି ଓ ନୃତ୍ୟ ଗବେଷଣା ଅନୁଷ୍ଠାନ ଅନୁଚିନ୍ତମ୍ ଦ୍ୱାରା ଏହି ମହୋତ୍ସବ ପାଳିତ ହେଉଛି । ଏଥିରେ ଦେଶ ବିଦେଶର ବହୁ ସୁନାମଧନ୍ୟ ନୃତ୍ୟ, ନାଟକ, ସିନେ ତାରକା ଓ କଣ୍ଠ ଶିଳ୍ପୀ ମାନେ ଯୋଗଦେଇ ନିଜର କଳା ପ୍ରଦର୍ଶନ କରୁଛନ୍ତି । ପ୍ରଜ୍ଞା ନୃତ୍ୟୟନ୍ ଦ୍ୱାରା ଓଡ଼ିଶୀ ନୃତ୍ୟ, ମୂର୍ଚ୍ଛନା ଦ୍ୱାରା ଗୋଟିପୁଅ ନୃତ୍ୟ, ନୃତ୍ୟ ସୃଜନ ଡାନ୍ସ ଦ୍ୱାରା ସମ୍ବପୁରି ଡାନ୍ସ, ଉତ୍କଳ ପାଇକ ଆଖଡ଼ା ଦ୍ୱାରା ପାଇକ ନୃତ୍ୟ, ଡ. ପଞ୍ଚାନନ ନାୟକଙ୍କ ଗ୍ରୁପ ଦ୍ୱାରା ଅକ୍ଷୟ ସଙ୍ଗୀତ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ଅନୁଚିନ୍ତମ୍‌ର ପ୍ରତିଷ୍ଠାତା ତଥା ଡ. ଶ୍ରୀନିବାସ ଖଟୁଆରି ମଞ୍ଚ ପରିଚାଳନା କରିଥିଲେ । ଅନ୍ୟାନ୍ୟ



ଅତିଥି ଭାବେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ, ନାରୀନେତ୍ରୀ ରଶ୍ମି ମହାପାତ୍ର, ବରିଷ୍ଠ ନେତା ଗୋଲକ ମହାପାତ୍ର, ବ୍ଲକ୍ ଚେୟାର ମ୍ୟାନ ନିରୁପମା ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଛୋଟରାୟ, କର୍ପୋରେଟର ରାମ ଚନ୍ଦ୍ର ରଣସିଂହ, ପୂର୍ବତନ କର୍ପୋରେଟର ରଘୁ ମହାନ୍ତି, ସ୍ଥାନୀୟ ନେତୃତ୍ୱ ସୁରେନ୍ଦ୍ର ପ୍ରଧାନ,ଇଦିଶ୍ ଭୁଇଁୟା, ତାପସ ଦଳାଇ, ଧିରେନ୍ ପାତ୍ର, ସ୍ୱୟଂ ସେବକ ରାୟ, ସୁରିୟ ପ୍ରସାଦ ରାଉତରାୟ,ସୁରେଶ ଦାସ, ସଂଗ୍ରାମ ମାର୍ଥା, ଅରୁଣ ପୁରୋହିତ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ସଂଗ୍ରାମ ମହାନ୍ତିଙ୍କ ବିୟୋଗରେ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଂଗ୍ରାମ ମହାନ୍ତିଙ୍କ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ ପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ,ଓଡ଼ିଶାର ସୁପରିଚିତ ଗୀତିକାର ସଂଗ୍ରାମ ମହାନ୍ତିଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସେ ଜଣେ ସରଳ ଓ ମିଷ୍ଟଭାଷୀ ସ୍ୱଭାବର ବ୍ୟକ୍ତି ଥିଲେ । ଓଡ଼ିଆ ସଙ୍ଗୀତ ଜଗତ ପ୍ରତି ତାଙ୍କର ଅବଦାନ ତଥା ତାଙ୍କ ଦ୍ୱାରା ରଚିତ ଗୀତ ଗୁଡିକ ଶ୍ରୋତା ମହଲରେ ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

## ମଞ୍ଚରେ ଚେୟାର ବଦଳାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଞ୍ଚରେ ନିଜ ଚେୟାର ବଦଳାଇ ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚରେ ବଦଳିଲା ମୁଖ୍ୟମନ୍ତ୍ରୀଙ୍କ ପାଇଁ ପଡ଼ିଥିବା ଆରାମ ଦାୟକ ଚେୟାର । ମୁଖ୍ୟମନ୍ତ୍ରୀ ମଞ୍ଚକୁ ଆସି ପ୍ରଥମେ ନିଜ ପାଇଁ ପଡ଼ିଥିବା ଆରାମ ଦାୟକ ଚେୟାରରେ ବସିଲେ। କିନ୍ତୁ ପାଖରେ ଅନ୍ୟ ମନ୍ତ୍ରୀ, ବିଧାୟକ ଓ ଅଧିକାରୀ ମାନଙ୍କ ପାଇଁ ସାଧାରଣ ଚେୟାର ପଡ଼ିଥିବା ଦେଖିଲେ । ଆଉ ତୁରନ୍ତ ତାଙ୍କ ପାଇଁ ପଡ଼ିଥିବା ଆରାମ ଦାୟକ ଚେୟାର ଉଠାଇ ସାଧାରଣ ଚେୟାର ପକାଇବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ। ଅନ୍ୟ ମାନଙ୍କ ଭଳି ସାଧାରଣ ଚେୟାରରେ ବସିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ସଂଗ୍ରାମ କେଶରୀ ମହାନ୍ତିଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଂଗ୍ରାମ କେଶରୀ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ବିଶିଷ୍ଟ ଗୀତିକାର ସଂଗ୍ରାମ କେଶରୀ ମହାନ୍ତିଙ୍କ ପରଲୋକ ବିଷୟରେ ଜାଣି ମୁଁ ଦୁଃଖିତ। ଅନେକ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ରରେ ସେ ଛାଡ଼ି ଯାଇଥିବା ଛାପ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି।

## 'ଗାଁକୁ ସହର ପରି ସୁବିଧା ଦେବା ପାଇଁ ନାରା ଦେଇଥିଲେ ନବୀନ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ବିଜେପି ସରକାର ଆଜି ବିକଶିତ ଗାଁ ବିକଶିତ ଓଡ଼ିଶା ଆରମ୍ଭ କଲେ । ଯେତେବେଳେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ, ସେ ନାରା ଦେଇଥିଲେ ଗାଁକୁ ସହର ପରି ସୁବିଧା ଦେବା ପାଇଁ । ଗାଁରେ ପ୍ରଥମ କଂକ୍ରିଟ ରାସ୍ତା ନବୀନ କରିଥିଲେ । ଯାହା ପରବର୍ତୀ ସମୟରେ ଭାରତ ସରକାର କରିଥିଲେ ବୋଲି କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ ।

# ୧୦ରେ ପାଳିତ ହେବ ଜାତୀୟ କୃମିନାଶକ ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାକୁ କୃମି ମୁକ୍ତ କରିବା ପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶକ ଓ ୟୁନିସେଫର ମିଳିତ ଉଦ୍ୟମରେ ସାରା ଓଡ଼ିଶାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ । ଆସନ୍ତା ଫେବୃଆରୀ ୧୦ ତାରିଖରୁ ସାରା ରାଜ୍ୟରେ ପାଳନ ହେବାକୁ ଯାଉଛି କୃମିନାଶକ ଦିବସ । ଏହି ଅବସରରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ପ୍ରତି ୬ ମାସରେ ଥରେ ସ୍କୁଲ ଆଉ ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଔଷଧ ଦିଆଯାଉଛି। ଏହା ଛଡା ୨୦ ରୁ ୨୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପ୍ରଜନନକ୍ଷମ ମହିଳାଙ୍କୁ ମଧ କୃମିନାଶକ ଔଷଧ ଦିଆଯିବ। ରାଜ୍ୟରେ ୧ ରୁ ୧୯ ବର୍ଷ ମଧ୍ୟରେ ୧୪୬ ୪୯,୬୨୩ ପିଲା ଉପକୃତ ହେଉଥିବା ବେଳେ ୨୦ ରୁ ୨୪ ବର୍ଷ ପର୍ଯ୍ୟନ୍ତ ୧୭ ୭୩,୧୮୭ ପ୍ରଜନନ ମହିଳା ଉପକୃତ ହେବେ । ଯେଉଁମାନେ ୧୦ ଫେବ୍ରୁଆରୀରେ ଏହି ଔଷଧ କୋଣସି କାରଣବଶତଃ ନେଇପାରିବେ ନାହିଁ । ସେମାନେ ୧୭ ତାରିଖ ଏହି ଔଷଧ ଖାଇପାରିବେ। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ,ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ଅନସୂଚିତ ଜାତି ଓ ଜନଜାତି ତଥା ୟୁନିସେଫର ମିଳିତ ପ୍ରୟାସରେ ଏହା କରାଯାଉଛି।






" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



# ପାଣିପାଗର ଅସ୍ୱାଭାବିକ ସ୍ଥିତି

## ମାଘମାସରେ ଗ୍ରୀଷ୍ମର ଜ୍ୱାଳା

ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ସାଂଘାତିକ ପ୍ରଭାବ କ୍ରମଶଃ ଅନୁଭୂତ ହେଉଛି। ଆମ ଦେଶ ସହିତ ଆମ ରାଜ୍ୟ ଓଡ଼ିଶାରେ ଏବେ ପାଣିପାଗର ବିଚିତ୍ର ସ୍ଥିତି ଜନଜୀବନକୁ ଅସ୍ତବ୍ୟସ୍ତ କରିବାରେ ଲାଗିଛି। ଗତ ଜାନୁଆରୀ ମାସ ଅଧାରୁ ଶୀତ ସମ୍ପୂର୍ଣ୍ଣ ଗାଏବ ହେବା ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବ ବୋଲି ପାଣିପାଗ ବିଶେଷଜ୍ଞମାନେ ମତ ଦେଉଛନ୍ତି। ସାଧାରଣତଃ ମାଘ ମାସରେ ବାଘ ଭଳି ଶୀତ ମାଡ଼ି ଆସେ ବୋଲି ଓଡ଼ିଆରେ ଏକ ଲୋକକଥା ରହିଛି। ମାତ୍ର ଏ ବର୍ଷ ମାଘମାସ ନହେଉଣୁ ଶୀତ କେବଳ ବିଦାୟ ନେଇନାହିଁ, ଦିନ ଓ ରାତିରେ ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇଛି। ଦିନବେଳା ବୈଶାଖର ତାତି ଅନୁଭୂତ ହେଉଛି ଏବଂ ରାତିରେ ମଧ୍ୟ ବିନା ପଙ୍ଖା ଓ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର (ଏ.ସି)ରେ ଚଳିବା ଅସମ୍ଭବ ହୋଇପଡୁଛି। ବିଶ୍ୱର ପାଣିପାଗ ସଂସ୍ଥା ଡବ୍ଲ୍ୟୁଏମ୍‌ଓ ସତର୍କବାଣୀ ଶୁଣାଇଛି ଯେ, ଆଗକୁ ଗ୍ରୀଷ୍ମ ପ୍ରବାହ ଜନିତ ସ୍ଥିତି ଅଧିକ ସଙ୍ଗୀନ୍ ହେବ। ଓଡ଼ିଶାରେ ୭୦ରୁ ୮୦ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଆସନ୍ତା ମାର୍ଚ୍ଚ ମାସ ଅଧାରୁ ଜୁନ୍ ମାସ ଅଧା ଯାଏଁ ୯୦ ଦିନରେ ୮୫ ପ୍ରତିଶତ ପ୍ରଚଣ୍ଡ ତାତି ଅନୁଭୂତ ହେବ। ଜାନୁଆରୀ ୧୫ ପରେ ଆମ ରାଜ୍ୟ ଏକ ତତଲା କଢ଼େଇରେ ପରିଣତ ହୋଇଥିବା ବେଳେ ୨୭ ତାରିଖରେ କୋରାପୁଟରେ ତାତି ପ୍ରଥମଥର ପାଇଁ ୩୪.୪ ଡିଗ୍ରୀ ସେଲସିୟସ୍ ଛୁଇଁଥିଲା। ସେହିପରି ୨୧ବର୍ଷ ପରେ ଫେବୃଆରୀ ପ୍ରଥମ ସପ୍ତାହରେ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଛି। ମଙ୍ଗଳବାର ଝାରସୁଗୁଡ଼ାରେ ତାପମାତ୍ରା ୩୬.୪ ଡିଗ୍ରୀ ରେକର୍ଡ ହୋଇଥିବା ସ୍ଥଳେ ସୁନ୍ଦରଗଡ଼ ଓ ପାରଳାଖେମୁଣ୍ଡିରେ ୩୫.୬, ସମ୍ବଲପୁରରେ ୩୫.୫, ବଲାଙ୍ଗୀରରେ ୩୫.୩ ଓ ମାଲକାନଗିରିରେ ୩୫.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ବର୍ତ୍ତମାନ ଠାରୁ ଏଭଳି ଅସମ୍ଭାଳ ତାତିକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କଲେଣି। ଗତ ୭୮ ବର୍ଷର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ଗତ ବର୍ଷର ଗ୍ରୀଷ୍ମ ପ୍ରକୋପର ଅବଧି ସବୁଠାରୁ ଦୀର୍ଘ ଥିଲା ଏବଂ କେବଳ ଏପ୍ରିଲ ମାସରେ କ୍ରମାଗତ ଭାବରେ ୧୬ ଦିନ ଧରି ପାରଦ ୪୦ ଡିଗ୍ରୀ ଉପରେ ରହିଥିଲା। ବିଗତ ୨୦୨୩ ଓ ୨୦୨୪ ଦୁଇବର୍ଷ ବିଶ୍ୱର ସର୍ବାଧିକ ଉତ୍ତପ୍ତ ବର୍ଷ ରୂପେ ପରିଗଣିତ ହେଉଛି। ମାତ୍ର ଏ ବର୍ଷ ଆରମ୍ଭରୁ ଯେପରି ତାତି ଦେଖାଗଲାଣି ଅତୀତର ସମସ୍ତ ରେକର୍ଡ



ଭାଙ୍ଗିଯିବା ଏକ ପ୍ରକାର ନିଶ୍ଚିତ ମନେ ହେଉଛି। ଗୁରୁଚାପ ବଳୟର ପ୍ରଭାବରେ ଓ ପଶ୍ଚିମା ଝଡ଼ ବାରମ୍ବାର ସୃଷ୍ଟି ହେବା କାରଣରୁ ରାଜ୍ୟରେ ତାତିର ପ୍ରଭାବ ଅଧିକ ରହୁଛି ବୋଲି ପାଣିପାଗ ବିଜ୍ଞାନୀ ସୂଚନା ଦେଇଛନ୍ତି। ଗତ ୧୫ଦିନ ଧରି ଉପକୂଳ ଓଡ଼ିଶାରେ କୁହୁଡ଼ି ଦେଖା ଦେଇଥିବା ବେଳେ ରାଜଧାନୀରେ ଦଶଦିନ ପର୍ଯ୍ୟନ୍ତ ଦୃଶ୍ୟମାନ୍ ଦୂରତା ୧୦୦ ମିଟରରୁ କମ୍ ରହୁଛି। ଉପକୂଳରେ ଗୁରୁଚାପ ବଳୟ ସକ୍ରିୟ ଥିବାରୁ ଏହାର ପ୍ରଭାବରେ ଉତ୍ତର-ପଶ୍ଚିମ ଏବଂ ଉତ୍ତର ଦିଗରୁ ରାଜ୍ୟକୁ ଥଣ୍ଡା ପବନ ଆସିପାରୁ ନାହିଁ। ପ୍ରକୃତିର ସମ୍ଭାବ୍ୟ ପ୍ରକୋପକୁ ସାମ୍ନା କରିବା ଯଦିଓ ମନୁଷ୍ୟର ସାଧ ବାହାରେ, ତଥାପି ଏ କ୍ଷେତ୍ରରେ କିଛିଟା ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବିଜ୍ଞତାର କାର୍ଯ୍ୟ ହେବ। ଆଗାମୀ ଦିନରେ ଦୀର୍ଘତମ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ସରକାର ଏବେ ଠାରୁ ସୁଚିନ୍ତିତ ଓ ସମନ୍ୱିତ ପ୍ରୟାସ ଆରମ୍ଭ କରିବା ଏକାନ୍ତ ଜରୁରି।

# କୁମ୍ଭମେଳା : ସମୁଦ୍ର ମନ୍ଥନର କାହାଣୀ ଓ ସର୍ପ ଗରୁଡ଼ ଦେବ


ତ୍ରିନାଥ ଓଝା
ଧବଳେଶ୍ୱର ଗଡ଼ା, କଟକ
ମୋ :୯୨୩୮୬୦୨୮୨୫


ଭାରତର ସବୁଠାରୁ ବଡ଼ ଧାର୍ମିକ ମହାକୁମ୍ଭ ମେଳା ଅନୁଷ୍ଠିତ ହେଉଛି ପ୍ରୟାଗରାଜରେ। କୋଟି କୋଟି ଲୋକଙ୍କ ଭିଡ଼ ଜମୁଛି। ତେବେ କୁମ୍ଭମେଳା ଯେତେ ଦିନକୁ ଦିନ ଲମ୍ବୁଛି ଏହି କୁମ୍ଭମେଳା ସମ୍ପର୍କରେ ଭାରତର ତମାମ ଖବରକାଗଜ, ପତ୍ରପତ୍ରିକା, ଟିଭି ଚ୍ୟାନେଲ ଓ ସୋସିଆଲ ମିଡ଼ିଆରେ ଅନେକ ଖବର ସବୁ ଛାଇ ହୋଇଯାଉଛି। କହିବାକୁ ଗଲେ ଭାରତ ବର୍ଷର ସବୁଠାରୁ ବଡ଼ ଖବର ପ୍ରୟାଗରାଜରେ ଅନୁଷ୍ଠିତ କୁମ୍ଭମେଳା। ତେବେ କୁମ୍ଭମେଳାର ଉତ୍ପତ୍ତି ସମ୍ପର୍କରେ କିଛି ଲେଖିଲାବେଳକୁ ଆମ ପୌରାଣିକ କାହାଣୀ ବିଶେଷକରି ଗରୁଡ଼ ପୁରାଣର ତଥ୍ୟ ଏଠାରେ ରଖୁଛୁ। ପୌରାଣିକ ତଥ୍ୟ ଓ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁଯାୟୀ କୁମ୍ଭମେଳା ପଛରେ ସମୁଦ୍ର ମନ୍ଥନର ଏପରି ଅନେକ ଘଟଣା ରହିଛି ଯାହା ଏ ପର୍ଯ୍ୟନ୍ତ ଅନେକ ଲୋକ, ପାଠକ, ଲେଖକ, ଏପରିକି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଜାଣି ନାହାଁନ୍ତି ଏବଂ ସେ ଘଟଣାବଳୀ ଏ ପର୍ଯ୍ୟନ୍ତ ଆଲୋଚିତ ହୋଇପାରି ନାହିଁ।

ଗରୁଡ଼ ପୁରାଣର କଥାବସ୍ତୁ ଅନୁଯାୟୀ ଋଷି କଶ୍ୟପଙ୍କର କଦ୍ରୁ ଓ ବିନତା ନାମରେ ଦୁଇଜଣ ପତ୍ନୀ ଥିଲେ ଏବଂ ସେମାନେ ଦୁଇ ଭଉଣୀ ମଧ୍ୟ ଥିଲେ। କିନ୍ତୁ ଦୁଇ ଭଉଣୀ ହୋଇଥିଲେ ମଧ୍ୟ ପରସ୍ପରଙ୍କ ଭିତରେ ନାଁ ଥିଲା ଶ୍ରଦ୍ଧା ନାଁ ଭଲ ପାଇବା। ସେମାନଙ୍କ ଭିତରେ ସବୁବେଳେ ଭରି ରହିଥିଲା ଈର୍ଷା, କପଟତା ଓ ଦ୍ୱେଷର ଭୟାନକ ବିଷ। ଏକଦା କଦ୍ରୁ କଶ୍ୟପ ଋଷିଙ୍କୁ ଏକ ଦିବ୍ୟ ଆଶୀର୍ବାଦ, କୃପା ଓ ବର ସ୍ୱରୂପ ଶହେ ଶକ୍ତିଶାଳୀ ସନ୍ତାନର ଜନନୀ ହେବାର କୃପା ବର ମାଗିଥିଲେ। ଋଷି କଶ୍ୟପ ସ୍ୱୀକୃତି ପୂର୍ବକ ତଥାସ୍ତୁ କହିବା ପରେ ବରର ଆଶୀର୍ବାଦ ସ୍ୱରୂପ କଦ୍ରୁଙ୍କୁ ଶହେ ଅଣ୍ଡା ପ୍ରାପ୍ତ ହୋଇଥିଲା। ଏହା ଦେଖି ତାଙ୍କର ଅନ୍ୟତମ ପତ୍ନୀ ବିନତା ଋଷି କଶ୍ୟପଙ୍କୁ ବର ପ୍ରାର୍ଥନା କରିଥିଲେ। ବିନତା କିନ୍ତୁ ବର ସ୍ୱରୂପ ଦୁଇଟି ହେଲେ ମଧ୍ୟ ପୃଥିବୀର ସର୍ବଶକ୍ତିଶାଳୀ ସନ୍ତାନଙ୍କର ଜନନୀ ହେବାର ବର ପ୍ରାର୍ଥନା କରିଥିଲେ। ବିନତା ମଧ୍ୟ ତଥାସ୍ତୁର ଆଶୀର୍ବାଦ ପାଇ ତାଙ୍କୁ ଦୁଇଟି ଅଣ୍ଡା ପ୍ରାପ୍ତ ହୋଇଥିଲା। ତେବେ କିଛିଦିନ ପରେ କଦ୍ରୁଙ୍କୁ ପ୍ରାପ୍ତ ହୋଇଥିବା ଅଣ୍ଡାରୁ ଶହେ ସର୍ପ ସନ୍ତାନ ଜନ୍ମ ହେବାର ଦେଖି ବିନତା ଚିନ୍ତିତ ଓ ଭାରାକ୍ରାନ୍ତ ହୋଇପଡ଼ିଥିଲେ। ତେବେ ଅଧୈର୍ଯ୍ୟ ହୋଇ ନିଜେ ପ୍ରାପ୍ତ ହୋଇଥିବା ଅଣ୍ଡାରୁ ସନ୍ତାନ ଉତ୍ପନ୍ନ ହେବାର ବିଳମ୍ବ ଦେଖି ଗୋଟିଏ ଅଣ୍ଡା ଭାଙ୍ଗି ଦେଇଥିଲେ ତେବେ ଯେଉଁ ଅଣ୍ଡାଟି ସେ ଭାଙ୍ଗିଥିଲେ ସେଥିରୁ ସନ୍ତାନର ମୁହଁ ପକ୍ଷୀ ପରି ଥିଲା କିନ୍ତୁ ବେକର ତଳ ଶରୀର ସଠିକ ଭାବେ ସଠିକ ରୂପ ମଧ୍ୟ ନେଇପାରି ନଥିଲା। ଅସମୟରେ ଅଣ୍ଡା ଭାଙ୍ଗିବାରୁ ପକ୍ଷୀ ପରି ଦୃଶ୍ୟମାନ ହେଉଥିବା କ୍ଷୁଦ୍ର ସାବକଟି ତତ୍କ୍ଷଣାତ ଆକାଶକୁ ଉଠିଯାଇ ତୀବ୍ର କ୍ରୋଧ ଓ ଅସନ୍ତୋଷ ବ୍ୟକ୍ତ କରି ମାତା ବିନତାଙ୍କୁ ସତର୍କତାର ସହିତ କହିଥିଲେ ଯେ ମୋତେ ଯେଉଁପରି ଅସମୟରେ ଏ ସୃଷ୍ଟିକୁ ଆଣିଲ ଦ୍ୱିତୀୟ ଅଣ୍ଡାକୁ ଭୁଲରେ ଆଦୌ ସେପରି କରିବ ନାହିଁ। ଅତ୍ୟନ୍ତ ଦୁଃଖିତ, ଭାରାକ୍ରାନ୍ତ ଓ ଶୋକରେ ବୁଡ଼ି ଯାଇଥିଲେ ବିନତା। ତେବେ ସେ ଗଭୀର ଆକାଶକୁ ଉଡ଼ି ଯାଇଥିବା ସାବକଟି ଥିଲା ଅରୁଣ। ଭାରତର ଅନେକ ପୁରାଣ ବସ୍ତୁର କଥନିକାରେ ସେ ସୂର୍ଯ୍ୟଙ୍କର ବାହାନ ସାଜିଥିଲେ। ତେବେ ପରବର୍ତ୍ତୀ ସମୟରେ ସଠିକ ଓ ନିର୍ଦ୍ଧାରିତ ସମୟରେ ଦ୍ୱିତୀୟ ଅଣ୍ଡାରୁ ଏକ ଉଜ୍ଜ୍ୱଳ ଆଭାରେ ବିକିରିତ ହୋଇଥିବା ସନ୍ତାନଟି ଆବିର୍ଭାବ ହୋଇଥିଲେ। ପକ୍ଷୀ ପରି ତାଙ୍କ ମୁଖ ମଣ୍ଡଳ ଥିଲେ ମଧ୍ୟ ତାଙ୍କ ଶରୀର କିନ୍ତୁ ଏକ ସମର୍ଥ ଦିବ୍ୟ ସୌନ୍ଦର୍ଯ୍ୟର ତେଜଦୀପ୍ତ ବଳବାନ ପୁରୁଷ ପରି ସେ ଦେଖାଯାଉଥିଲେ। ସେ ଥିଲେ ସ୍ୱୟଂ ଗରୁଡ଼। ଗରୁଡ଼ଙ୍କ ଆବିର୍ଭାବ ଓ ଜନ୍ମ ସମୟକୁ ନେଇ କେବଳ ଗରୁଡ଼ ପୁରାଣ ନୁହେଁ ଅନେକ ପୁରାଣରେ ଏ ବିଷୟରେ ଲେଖା ଅଛି।

ପରବର୍ତ୍ତୀ ସମୟରେ ଅର୍ଥାତ୍ ଗରୁଡ଼ ଜନ୍ମ ହେବାବେଳକୁ କଦ୍ରୁ ଓ ତାଙ୍କର ଶହେ ସନ୍ତାନ ବିନତାଙ୍କୁ କାରାଗାରରେ ବନ୍ଦୀ କରି ରଖିଥିଲେ। ନିଜ ମାତାଙ୍କ ବନ୍ଦିନୀ ଜୀବନରୁ ମୁକ୍ତି ପାଇବା ପାଇଁ କଦ୍ରୁଙ୍କ ନିକଟକୁ ଗରୁଡ଼ ଯାଇ ବିନୀତ ପ୍ରାର୍ଥନା କରିଥିଲେ। ତେବେ କଦ୍ରୁଙ୍କ ସର୍ତ୍ତ ରହିଥିଲା ସ୍ୱର୍ଗରୁ ଅମୃତ କଳସ ଆଣି ପାରିଲେ ତୁମ ମାତା ମୁକ୍ତ ହୋଇପାରିବେ। ଗରୁଡ଼ କଠୋର ପରୀକ୍ଷାକୁ ସାମ୍ନା କରି ନିଜ ମାଆଙ୍କୁ ବନ୍ଦିନୀ ଜୀବନରୁ ମୁକ୍ତ କରିବା ପାଇଁ ସ୍ୱର୍ଗଲୋକ ପହଞ୍ଚି ଅମୃତ କଳସ ଚୋରାଇ ଆଣିବାକୁ ପଛଘୁଞ୍ଚା ଦେଇନଥିଲେ ଏବଂ ଏଥିପାଇଁ ଗରୁଡ଼ଙ୍କର ଦେବରାଜ ଇନ୍ଦ୍ର ଓ ବରୁଣଙ୍କ ସହ ଘମାଘୋଟ ଯୁଦ୍ଧ ହୋଇଥିଲା ଏବଂ ଯୁଦ୍ଧରେ ଗରୁଡ଼ ବିଜୟପ୍ରାପ୍ତ ହୋଇଥିଲେ ତେବେ ସମସ୍ତ ଦେବତାମାନେ ମିଶି ଏହାର ଆଶୁ ସମାଧାନ ଓ ଉପାୟ ନିମିତ୍ତ ଭଗବାନ ବିଷ୍ଣୁଙ୍କ କୃପା ପ୍ରାର୍ଥୀ ହୋଇଥିଲେ। ତେବେ ଯେଉଁ ସମୟରେ ଗରୁଡ଼ ଅମୃତ ନେଇ ପଳାୟନ କରିଥିଲେ ତା' ମଧ୍ୟରୁ ଚାରି ବୁନ୍ଦା ପ୍ରୟାଗରାଜ, ହରିଦ୍ୱାର, ନାସିକ ଓ ଉଜ୍ଜୟିନୀରେ ପଡ଼ିଥିଲା। ତେଣୁ ପୃଥିବୀଲୋକରେ ଏହି ଅମୃତ ପଡ଼ିଥିବା ଚାରଟି ସ୍ଥାନ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ ଭାବେ ପ୍ରତୀୟମାନ ହୋଇ ସେହିଠାରେ ପରବର୍ତ୍ତୀ ସମୟରେ କୁମ୍ଭମେଳା ଆୟୋଜିତ ହେଉଛି। ତେବେ ଗରୁଡ଼ କାହାଣୀର କଥା କିନ୍ତୁ ସରିନାହିଁ। ଭଗବାନ ବିଷ୍ଣୁ ଗରୁଡ଼ଙ୍କ ଉପରେ ପ୍ରହାର କରିବା ବେଳେ ଗୋଟିଏ କଥା ଲକ୍ଷ୍ୟ କରିଥିଲେ ଯେ ଗରୁଡ଼ ଅମୃତ କଳସ ଧାରଣ କରି ପଳାୟନ କରିଥିଲେ ମଧ୍ୟ ସେ କିନ୍ତୁ ଖୋଦ ଅମୃତକୁ ପାନ କରିନଥିଲେ। ଏହାର କାରଣ ଗରୁଡ଼ ସବିଶେଷ ଭାବେ ବିଷ୍ଣୁଙ୍କୁ କହିବା ପରେ ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ ଅମୃତ କଳସ ନେବା ପାଇଁ ଦିବ୍ୟ ଆଶୀର୍ବାଦ ଓ କୃପା ପ୍ରଦାନ କରିଥିଲେ। ତେବେ ତାଙ୍କର ସର୍ତ୍ତ ରହିଥିଲା ଯେ ଅମୃତକୁ ଯଥାର୍ଥ ଓ ସଠିକ ସ୍ଥାନରେ ପହଞ୍ଚାଇବା ପରେ ବିଷ୍ଣୁଙ୍କର ବାହାନ ଭାବେ ଗରୁଡ଼ ଦାୟିତ୍ୱ ନ୍ୟସ୍ତ ହେଲେ। ଗରୁଡ଼ ଏପରି ଆଜ୍ଞା ଶୁଣିବା ମାତ୍ରେ ତତକ୍ଷଣାତ ଆନନ୍ଦରେ ରାଜି ହୋଇଯାଇଥିଲେ। ସର୍ତ୍ତ ଅନୁଯାୟୀ ଗରୁଡ଼ ଅମୃତ କଳସ ଭୂମି ଉପରେ ସ୍ଥାପନ କରି ନିଜ ମାଆଙ୍କୁ ବନ୍ଦିନୀ ଜୀବନରୁ ମୁକ୍ତ କରାଇବାକୁ ସକ୍ଷମ ହୋଇଥିଲେ କିନ୍ତୁ କଦ୍ରୁ ଓ ତାଙ୍କ ଶହେ ପୁତ୍ର ଏହି ଅମୃତ ନିକଟରେ ଯୋଜନାବଦ୍ଧ ଭାବେ ପହଞ୍ଚି ପୂର୍ବରୁ ଭଗବାନ ବିଷ୍ଣୁ ମାୟା ଜାଲରେ ସେହି ଅମୃତ କୁମ୍ଭକୁ ଅଦୃଶ୍ୟ କରାଇ ଦେଇଥିଲେ। କୁମ୍ଭମେଳାର ଆଲୋଚନା ଓ ପ୍ରୟାଗରାଜର ବିଶ୍ୱ ପ୍ରସିଦ୍ଧ ଭବ୍ୟ କୁମ୍ଭରେ ବୁଡ଼ ଦେବା ସମୟରେ ଅନେକ ଶ୍ରଦ୍ଧାଳୁ ସେଠାରେ ଗରୁଡ଼ ପୁରାଣ ପାଠ କରନ୍ତି। ବିଶ୍ୱାସ ରହିଛି କୁମ୍ଭମେଳାରେ ଗରୁଡ଼ ପୁରାଣ ପାଠଦ୍ୱାରା ଜଣେ ମୋକ୍ଷ ପ୍ରାପ୍ତ ହେବା ସହ ତା ଜୀବନ ଦିବ୍ୟତାରେ ଭରିଯାଏ। ଭାରତୀୟ ପୁରାଣ ଓ ଆଧ୍ୟାତ୍ମିକ କଥାବସ୍ତୁ ଆମମାନଙ୍କୁ ଏହି ଶିକ୍ଷା ଦିଏ ଯେ ସତ କାର୍ଯ୍ୟରେ ଏବଂ ସଂସାରର ମଙ୍ଗଳ ସାଧନ ନିମିତ୍ତ ଯେଉଁ କାର୍ଯ୍ୟ କଲେ ମଧ୍ୟ ଭଗବାନଙ୍କ ଆଶୀର୍ବାଦ ମିଳିଥାଏ। ସମାଜ କଲ୍ୟାଣ ଓ ଜଗତ କଲ୍ୟାଣ ସହ ଲୋକ କଲ୍ୟାଣ ଦ୍ୱାରା ଏ ଜୀବନର ଅସଲ ମୋକ୍ଷ ଓ ମୁକ୍ତି ମିଳିଥାଏ ବୋଲି ଗରୁଡ଼ ପୁରାଣର ତାତ୍ତ୍ୱିକ ଆଲୋଚନା ଆମ ସମସ୍ତଙ୍କୁ ଏହି ଆଧ୍ୟାତ୍ମିକ ବାର୍ତ୍ତା ଦେଇଥାଏ।

# ଭିଆଇପି ସଂସ୍କୃତି




ସୌଭାଗ୍ୟ ରଞ୍ଜନ ମହାନ୍ତି
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯


ଏହା ନିଃସନ୍ଦେହ ଯେ, କ୍ଷମତା ଓ ଅର୍ଥ ସମସ୍ତ ସୁବିଧା ସୁଯୋଗ ଆଣିଦିଏ, ଯାହାକୁ ଭିଆଇପି ସଂସ୍କୃତି ବୋଲି କୁହାଯାଉଛି। ଆମ ଦେଶରେ ଭିଆଇପି ସଂସ୍କୃତିର ମନୋଭାବ ଏଭଳି ଅସ୍ଥିମଜା ଗତ ହୋଇଯାଇଛି ଯେ, ଯାହାକୁ ସହଜରେ ଛାଡ଼ିବା ସହଜସାଧ୍ୟ ନୁହେଁ। କେବଳ ଏତିକି ନୁହେଁ ଭାରତୀୟ ଜୀବନଧାରାର ପ୍ରତ୍ୟେକ କ୍ଷେତ୍ରରେ ଏହି ଭିଆଇପି ସଂସ୍କୃତି ସୁରକ୍ଷିତ ସ୍ଥଳରେ ପରିଣତ ହୋଇଛି। ବିଶେଷ କରି କ୍ଷମତାସୀନ ରାଜନେତା ତଥା ବିଧାୟକ, ସାଂସଦ, ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସେଲିବ୍ରିଟି, ଉଦ୍ୟୋଗପତି, ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ ଭିଆଇପି ସଂସ୍କୃତିରେ ଜନଗହଳି ଠାରୁ ନିଜକୁ ଦୂରେଇ ରଖିଥାନ୍ତି। ସେହିପରି ହସ୍ପିଟାଲ୍, ଶିକ୍ଷାନୁଷ୍ଠାନରେ ପିଲାମାନଙ୍କ ଶିକ୍ଷା ନିମନ୍ତେ ସ୍ୱତନ୍ତ୍ର ସୁବିଧା ସୁଯୋଗ, ଧାର୍ମିକପୀଠରେ ପ୍ରବେଶ କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରବେଶ, ଜନଗହଳି ରାଜରାସ୍ତାରେ କଡ଼ା ସୁରକ୍ଷା ବଳୟ ବ୍ୟାରିକେଟ ମଧ୍ୟରେ ଯାତାୟତ କରିବା ସୁବିଧା ସୁଯୋଗ ପାଇଥାନ୍ତି। ସେହିପରି କ୍ରିକେଟ ମ୍ୟାଚ୍ ହେଉ କି କୌଣସି ଅବସର ବିନୋଦନ ଇଭେଣ୍ଟ ହେଉ କିମ୍ବା ଥାନା ହେଉ କି ଜେଲ ହେଉ ସବୁଠାରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ଏମାନଙ୍କୁ ମିଳେ। ଭାରତୀୟ ସମାଜରେ ଏହି ଭିଆଇପି ସଂସ୍କୃତିର ବାଛବିଚାର ଦୃଢ଼ ଭାବେ ବସା ବାନ୍ଧି ରହିଛି। ଯେଉଁଥିପାଇଁ ସାଧାରଣ ଜନତା ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସାର ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ ପ୍ରୟାଗରାଜ ଠାରେ ଏବେ ଚାଲିଥିବା ମହାକୁମ୍ଭ ମେଳାରେ ନିକଟରେ ଭିଆଇପିମାନଙ୍କ ସ୍ୱତନ୍ତ୍ର ପ୍ରବେଶ ଯୋଗୁଁ ସାଧାରଣ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସମ୍ଭାଳ ଠେଲାପେଲାରେ ୩୦ ଜଣଙ୍କର ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୭୦ରୁ ଊର୍ଦ୍ଧ୍ୱ ଲୋକ ଗୁରୁତ୍ୱର ଭାବେ ଆହତ ହୋଇ ଏବେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୧୯୮୬ ମସିହାରେ ହରିଦ୍ୱାରରେ ଅନୁଷ୍ଠିତ କୁମ୍ଭମେଳାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭିଆଇପିମାନଙ୍କ ସହ ସ୍ୱତନ୍ତ୍ର ବଳୟ ମଧ୍ୟରେ ପ୍ରବେଶ କରିବା ବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା, ଦଳଚକଟାରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲା। ଏବେ ଭିଆଇପିମାନଙ୍କ ଯାତାୟତ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ରାଜପଥ ମାର୍ଗକୁ ଜନଶୂନ୍ୟ କରାଯିବା, ଭିଆଇପିମାନଙ୍କ ମନ୍ଦିର ହେଉ କି ପର୍ଯ୍ୟଟନ ସ୍ଥଳରେ ପ୍ରବେଶ ସମୟରେ ସାଧାରଣ ଲୋକଙ୍କୁ ବାରଣ କରାଯିବା ଯୋଗୁଁ ଲୋକେ ହିନସ୍ତା ହେଉଛନ୍ତି। ଯାହାକି ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। କହିବା ବାହୁଲ୍ୟ ଯେ, ଲୋକାଲ କିର-କ୍ଲେସ' ନାମରେ ନିକଟରେ ହୋଇଥିବା ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ଭିଆଇପି ସଂସ୍କୃତି ଏବେ ବିସ୍ତାରିତ ଯେ ପ୍ରତି ୩ଜଣରେ ଦୁଇଜଣ ଏହି ବର୍ଗର। ଦେଶରେ ୩୬୨ଟି ଜିଲ୍ଲାରେ ୮୮୮୧ଙ୍କୁ କରିଥିବା ସର୍ଭେରେ ୪୬ ପ୍ରତିଶତ ପ୍ରକାଶ କରିଛନ୍ତି ଯେ, ଭିଆଇପି ସଂସ୍କୃତି ଗଲା ୩ବର୍ଷ ଧରି ଅକ୍ଷୁର୍ଣ୍ଣ ରହିଛି। ସେହିପରି ୧୪ପ୍ରତିଶତଙ୍କ ମତରେ ଦେଶରେ ଭିଆଇପି ସଂସ୍କୃତି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହା ନିଃସନ୍ଦେହ ଯେ, ଆମ ଦେଶରେ ଭିଆଇପିଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ବର୍ଗରେ ନେତା, ବିଚାରପତି, ସେନା ବା ପୋଲିସର ପଦସ୍ଥ ଅଧିକାରୀ, ପଦସ୍ଥା ସରକାରୀ ବାବୁ ଥିବାବେଳେ ଅଭିନେତା, ଅଭିନେତ୍ରୀ, କ୍ରୀଡ଼ାବିତ ଏବେ ଏହି ବର୍ଗରେ ସାମିଲ ହୋଇଛନ୍ତି। ସେମାନେ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରାଧିକାର ପାଇଥାନ୍ତି। ତେଣୁ ଭିଆଇପିଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ତେବେ ଦେଶରେ ଭିଆଇପି ସଂସ୍କୃତି ହ୍ରାସ ପାଇଁ ଇତି ମଧ୍ୟରେ ସୁପ୍ରିମକୋର୍ଟ କେତେକ ଗୁରୁତପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ୨୦୧୭ରେ ସର୍ବୋଚ୍ଚ ଅଦାଲତ ଏକ ଐତିହାସିକ ରାୟରେ 'ଲାଲବତୀ ରାଜ'ରେ ଉଚ୍ଛେଦ କରିଥିବାବେଳେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଭିଆଇପିଙ୍କ ଗାଡ଼ିରେ ଜାତୀୟ ପତାକା ଉଡାଣକୁ ରଦ୍ଦ କରିଦେଇଥିଲେ। ଏବେ ମନ୍ଦିରରେ ଭିଆଇପିଙ୍କ ସ୍ୱତନ୍ତ୍ର ପ୍ରବେଶକୁ ନିଷିଦ୍ଧ କରିବା ପାଇଁ ଦାୟର ଏକ ପିଟିସନ ସୁପ୍ରିମକୋର୍ଟଙ୍କ ଶୁଣାଣି ଅପେକ୍ଷାରେ ରହିଛି। ଏହା ନିଃସନ୍ଦେହରେ କେବଳ ମନ୍ଦିର ନୁହେଁ, ସାର୍ବଜନୀନ ସ୍ଥାନଗୁଡ଼ିକ ସମେତ ମେଳା, ମହୋତ୍ସବ, ଆଦି ଅନୁଷ୍ଠାନରେ ଭିଆଇପିଙ୍କ ସ୍ୱତନ୍ତ୍ର ପ୍ରବେଶ କେବଳ ସାମ୍ବିଧାନିକ ନିର୍ଦ୍ଦେଶ ସମାନତା'କୁ ଉଲ୍ଲଙ୍ଘନ କରୁନାହିଁ, ସାଧାରଣ ଲୋକଙ୍କ ପାଇଁ ଅସହ୍ୟ'ର କାରଣ ହୋଇଛି। ଯାହା ଦିନେ ବିସ୍ଫୋରକ ସ୍ଥିତି ଉତ୍ପନ୍ନ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ବୋଉ: ମାଇଁ ମଦର-ମାଇଁ ହିରୋ




ରଞ୍ଜନ କୁମାର ଦାସ
ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର


କଥାରେ ଅଛି, ବାପା ଥିଲା ପିଲା ସଭାରେ ହାରେନା, ମା' ଥିଲା ପିଲା ଦୁନିଆ ଡରେନା। ବାପା-ମାଆ କଥାକୁହା ଚଳନ୍ତି ଠାକୁର-ଠାକୁରାଣୀ। ବାପା ସ୍ୱର୍ଗ ଭଳି ଉଚ୍ଚା ଆଉ ସ୍ୱର୍ଗଠୁ ଆହୁରି ଗରିୟସୀ ମା'। ମା'ର କଥା ଅମୃତ, ମା'ର କାମ ଅମୃତ, ମା'ର ରନ୍ଧା ଅମୃତ, ମା'ର ଗୀତ ଅମୃତ...। ଏମିତି ଦୁନିଆରେ କେହି ଜଣେ ମା' ନଥିବେ ଯିଏ ଜହ୍ନମାମୁଁ ଗୀତ ବୋଲି ତା' ପିଲାକୁ କୋଳରେ ଶୁଆଇ ନଥିବ ! ସ୍ନେହ ମମତାରେ ଭରପୁର ମା'ର ପଣତ ପିଲାର ସବୁଠୁ ସୁରକ୍ଷିତ ଆଶ୍ରୟ। ମା' ତା ପିଲାଟିର ପ୍ରଥମ ଶିକ୍ଷୟିତ୍ରୀ, ଅନ୍ତରଙ୍ଗ ବନ୍ଧୁ, ଦାର୍ଶନିକ, ଅଭିଭାବକ, ପିଲା ପାଇଁ ସବୁକିଛି ମା'ଟିଏ, କେବଳ ମା'ଟିଏ। କିଏ ମା' ଡାକେ ତ ଆଉ କିଏ ବୋଉ !

ମାଟିରୁ ଆକାଶ ଯାଏଁ ପରିବ୍ୟାପ୍ତ ଯାହାର ତ୍ୟାଗ, ସହିଷ୍ଣୁତା, ନିଃସ୍ୱାର୍ଥ ଭଲ ପାଇବା। ସେଇ ହିଁ ମା', ଜନନୀ, ଜନ୍ମଦାତ୍ରୀ, ସର୍ବଂସହା। ସିଏ ତ ଛୁଆଟିର ପ୍ରାଣ, ଜୀବନ, ନିଶ୍ୱାସ, ପ୍ରଶ୍ୱାସ। ସିଏ ହିଁ ସାକ୍ଷାତ ଈଶ୍ୱରୀ। ଈଶ୍ୱର ଅନେକ ଭାବିଚିନ୍ତି ନିଜେ ସବୁବେଳେ ସବୁ ସ୍ଥାନରେ ପହଞ୍ଚିପାରିବେ ନାହିଁ ବୋଲି ସୃଷ୍ଟି କରିଛନ୍ତି ଏହି ମାତୃ ଜାତିକୁ, ନିଜ ସମାନ ସ୍ୱର୍ଗୀୟ ଗୁଣରେ ମଣ୍ଡିତ କରିଛନ୍ତି। ସନ୍ତାନଟିଏ ପୃଥିବୀର ଆଲୋକ ଦେଖିବାର ବହୁ ପୂର୍ବରୁ କେତେ ସୁଚିନ୍ତିତ ଭାବରେ ମା'ର ସ୍ତନ୍ୟରେ ଭରି ଦେଇଛନ୍ତି ଦୁଗ୍ଧାମୃତ। ବିଚିତ୍ର ଯେଭଳି ଈଶ୍ୱର ବିଚିତ୍ର ସେପରି ତାଙ୍କ ସୃଷ୍ଟିରେ ମା'ଟିଏ।

ମୋ ବୋଉ ମୋ ପାଇଁ ଅନନ୍ୟା, କୋଟିକେ ଗୋଟିଏ। ତା' ଗାଳି ଦାଣ୍ଡଧୂଳି, ତା' ମାଡ଼ ମହୋଦଧି, ଆଜି ମୁଁ ମଣିଷ ପରି ମଣିଷଟିଏ ହୋଇପାରିଛି, ତା'ର ଶାସନ, ତା'ର ଶିକ୍ଷା, ଖାସ୍‌କରି ତା'ର ପ୍ରେରଣା ବଳରେ।

ବୋଉ - ଏହି ଶବ୍ଦର ଉଚ୍ଚାରଣରେ ଭରି ରହିଛି, ମମତା, ସ୍ନେହ, ଶ୍ରଦ୍ଧା ଓ କରୁଣା। ଜନ୍ମଠାରୁ ଏ ପର୍ଯ୍ୟନ୍ତ 'ବୋଉ' ଶବ୍ଦ ଶଙ୍ଖଧ୍ୱନି ପରି ପ୍ରତିଧ୍ୱନିତ ହେଉଛି। ମୋର ପ୍ରତିଟି ରକ୍ତ କଣିକାରେ, ମୋର ପ୍ରତ୍ୟେକ ଶିରା ପ୍ରଶିରାରେ ପ୍ରବାହିତ ହୁଏ। ମୋ ବୋଉର ଅନାବିଳ ସ୍ନେହ, ମମତା ଓ କରୁଣା, ତ୍ୟାଗର ଏକ ମୂର୍ତ୍ତିମନ୍ତ ପ୍ରତିକଟିଏ। 'ବୋଉ', ଯାହା କାଗଜ ଓ କାଳିରେ ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବ ନୁହେଁ, ଏହା କେବଳ ଅନୁଭବ କରିହୁଏ। କବିଙ୍କ ଭାଷାରେ-

ବଚନ ବିଷୟ ନୁହଁଇ ସେ ଛବି
ହୃଦସେ କେବଳ ପାରେ ଅନୁଭବି .. .. ..

ବୋଉଥିଲା ବେଳେ ଯଦି ଦୁଇଧାଡ଼ି ତା' ଉଦ୍ଦେଶ୍ୟରେ ଲେଖି ତାକୁ ଦେଇଥାଆନ୍ତି, ନରମ ହସି ମତେ ଟିକିଏ ଜାକି ଧରିଥାନ୍ତା ଓ ବହୁତ ଖୁସି ମଧ୍ୟ ହୋଇଥାନ୍ତା। ଆଜି ଏ ଅଞ୍ଜଳି ତାକୁ କେମିତି ଅର୍ପଣ କରିବି ? ନିଜ ବୋଉ କଥା ଭାବିଲେ, ବିଶେଷ କରି ତାଙ୍କ ଅବର୍ତ୍ତମାନରେ, ବୋଧହୁଏ, ପ୍ରତ୍ୟେକ ସନ୍ତାନ ଭାବପ୍ରବଣ ହୁଅନ୍ତି, ମୁଁ ବା କେମିତି ବାଦ୍ ପଡ଼ିବି। ମୋ ଦୃଷ୍ଟିରେ ମୋ ବୋଉ ଥିଲା- ଅନ୍ୟନ୍ୟା- ଏବେ ଖାଲି ବସି ବସି ବହୁତ କଥା ମନକୁ ଆସୁଛି, ତେଣୁ ଭାବିଲି ତା' ପାଇଁ ପଦେ ଲେଖିବି -

'ସ୍ୱର୍ଗାଦପୀ ଗରିୟସୀ - ଜନନୀ ମା' ଧରିତ୍ରୀ' ତୋର ତୁଳନା ନାହିଁ, ଆଜି ମୋ ବୋଉ ବିଷୟରେ କିଛି ଲେଖିବା ବେଳେ ପୁରୁଣା ଓଡ଼ିଆ ଚଳଚ୍ଚିତ୍ରର ଏ ଗୀତଟି ମୋ ମନରେ ହଠାତ୍ ଝଙ୍କୁରିତ ହୋଇ ଉଠିଲା। ପ୍ରକୃତରେ ମା' ଓ ଧରିତ୍ରୀ ଏମାନଙ୍କର ତୁଳନା ନାହିଁ, ଆଜି ତା'ର ଏକାଦଶାହରେ କିଛି ଲେଖିବାକୁ ଯାଉଛି। ମୋ ଜୀବନରେ ପ୍ରଥମ ଶିକ୍ଷକ ଭାବେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ନିଜେ ଟ୍ୟୁସନ ସାରଙ୍କର ଭୂମିକା ଗ୍ରହଣ କରି ମୋତେ ପାଠ ପଢ଼େଇ ଥିଲା।

ମୋ ବୋଉର ଜନ୍ମସ୍ଥାନ ଯାଜପୁର ଜିଲ୍ଲା, କୋରାଇ ବ୍ଲକ, ବରୁଣ୍ଡାଇ ଗ୍ରାମରେ। ଓଡ଼ିଶାର ଏକ ନଦୀ ବୈତରଣୀ କୂଳରେ ଗ୍ରାମଟି କୁଳୁକୁଳୁ ନାଦ କରି ଅନବରତ ପ୍ରାକୃତିକ ଦୃଶ୍ୟ ଉର୍ବର ମାଟିର ସୁନା ଧାନକ୍ଷେତ ମଧ୍ୟରେ ମୋ ବୋଉର ପିଲାଦିନରୁ ଶେଷ ଜୀବନ ବିତିଥିଲା ସେହି ଗାଁ କୂଳରେ। ତେଣୁ ତା'ର ମନ ଥିଲା ନିର୍ମଳ, ଶରୀର ଥିଲା ସୁନ୍ଦର, ବର୍ଣ୍ଣ ଥିଲା ଧବଳ।

ମୋର ଅଜା ସ୍ୱର୍ଗତ ବିପ୍ରଚରଣ ମହାନ୍ତି ଥିଲେ ଜଣେ ମଧ୍ୟବିତ୍ତ ପରିବାର, ରେଳବାଇର ଜଣେ କର୍ମଚାରୀ। ଗୋଟିଏ ଝିଅ। ନା ଆଗକୁ କିଏ, ନା ତା' ପଛକୁ । ବୋଉର ପିଲାଦିନ ଖୁବ ମଉଜ, ଫୁଲା ଫାଙ୍କିରେ କଟିଥିଲା। ଦେଖିବାକୁ ସୁନ୍ଦର, ପୁଣି ମଧୁର କଣ୍ଠରେ ସୁନ୍ଦର ଗୀତ ଗାଇ ପାରୁଥିବା ଝିଅଟିକୁ ସମସ୍ତେ ପ୍ରଶଂସା କରୁଥିଲେ। ଅତି ଅଲିଅଳିରେ ବଢ଼ିଥିବା ଝିଅଟିକୁ ଯାଜପୁର ଜିଲ୍ଲା କମାଗଡ଼ ଗ୍ରାମର ବାପା ସ୍ୱର୍ଗତ ବଟକୃଷ୍ଣ ଦାସଙ୍କୁ ବିବାହ କରି ଅଜା ଝିଅକୁ ବିଦା କରିବା ପରିବର୍ତ୍ତେ, ବାପାଙ୍କୁ ଘର ଜ୍ୱାଇଁ କରି ବରୁଣ୍ଡାଇ ଗାଁକୁ ନେଇ ଆସିଥିଲେ।



ସେହିଦିନଠାରୁ ତା' ପରିଚୟ ଲକ୍ଷ୍ମୀପ୍ରିୟା ମହାନ୍ତି ଛାଡ଼ି ଲକ୍ଷ୍ମୀପ୍ରିୟା ଦାସ ହୋଇ ତା'ର ସଂସାର ରଥ ଆରମ୍ଭ କରିଥିଲା। ଭାରତୀୟ ଜାତୀୟ କଂଗ୍ରେସର ଜଣେ ବରିଷ୍ଠ ସଦସ୍ୟ ଭାବେ ଶେଷ ଜୀବନ ପର୍ଯ୍ୟନ୍ତ ଦଳରେ ରହିଥିଲା। ଦୀର୍ଘବର୍ଷ ସମାଜସେବାରେ ନିଜକୁ ନିୟୋଜିତ କରି ଜନସାଧାରଣଙ୍କ ପ୍ରଶଂସା ସାଉଁଟୁଥିଲା। ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆଙ୍କ ସହ ମିଶି ବହୁ କାର୍ଯ୍ୟ କରିବାରେ ସଫଳ ମଧ୍ୟ ହୋଇଥିଲା ଏବଂ ଗାଁରେ ସେ ଜଣେ ଜମିଦାର ବୋଲି ନିଜେ ଗର୍ବ ଅନୁଭବ କରୁଥିଲା। ଏକର ଏକର ଜମି ଥିବା ସତ୍ତ୍ୱେ ଖଣ୍ଡେ ଜମି ମଧ୍ୟ ମୋତେ ବିକେଇ ଦେଇନାହିଁ। ସବୁବେଳେ ଗୋଟାଏ ଉତ୍ତର, ମୁଁ ଗଲା ପରେ ତୁମେ ଯାହା କରିବ।

ବିଭାଘରର ପ୍ରତି ଦୁଇବର୍ଷ ଅନ୍ତରରେ ତା' କୋଳରୁ ଆମେ ତିନି ସନ୍ତାନ ଜନ୍ମ ନେଇଥିଲୁ। ବୋଉର ଚାଲିଚଳନ, ବିଚାରଧାରା ଓ ଭାବନା ସହିତ ଯୋଡ଼ି ହୋଇ ଆମେ ଆଗକୁ ଆଗକୁ ଯିବା ପାଇଁ ତା'ର ପ୍ରଚେଷ୍ଟା ଜାରି ରଖିଥିଲୁ।

ମଧ୍ୟବିତ୍ତ ପରିବାରରେ ଜନ୍ମନେଇ ଆମକୁ ନିଜେ ପାଠ ପଢ଼େଇ ଆଗକୁ ନେବା ପାଇଁ ସବୁବେଳେ ସେ ଚେଷ୍ଟା କରିଛି। ବାପା 'ସେଲ'ରେ ଚାକିରି କରି ମାସକୁ ଯାହା ଦରମା ପାଆନ୍ତି ଭୁବନେଶ୍ୱରରେ ଘରଭଡ଼ା ସହିତ ଆମ ପାଠପଢ଼ାକୁ ଆଗକୁ ନେବା ପାଇଁ ତା'ର ଚେଷ୍ଟା ଜାରି ରଖେ। ଲକ୍ଷ୍ୟ ବଡ଼ପୁଅ ଇଞ୍ଜିନିୟର ହେବ ଓ ସାନ ପୁଅ ଡାକ୍ତର ହେବ। ଗାଁରୁ ମେଟ୍ରିକ ପାସ୍ କରିବା ପରେ ମୋତେ ବରୁଣ୍ଡାଇ ଗ୍ରାମର ଜଣେ ଇଂରାଜି ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ (ଯିଏ ଚୁଆ କଲେଜର ଅଧ୍ୟାପକ ଅଛନ୍ତି) ସହିତ କଥା ହୋଇ ଚମ୍ପୁଆ କଲେଜରେ ପାଠ ପଢ଼ିବା ପାଇଁ ଆଡମିଶନ କରିଦିଅନ୍ତି। ସେଠାରେ +୨ ପାସ୍ କରିବା ପରେ ଓଡ଼ିଶା ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱରରେ ଉଚ୍ଚ ଶିକ୍ଷା ପାଇଁ ଆଡମିଶନ କରାନ୍ତି। ୧୯୯୪ ମସିହାରେ ମଧ୍ୟ ଇଞ୍ଜିନିୟରିଂ ପାସ୍ କରିବା ପରେ ସଂଗେ ସଂଗେ ତତ୍କାଳୀନ ମହିଳା ଶିଶୁ ବିକାଶ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କ ଜରିଆରେ ଚାର୍ଜକ୍ରୋମ, ଚୌଦ୍ୱାରରେ ମଧ୍ୟ ଚାକିରି କରାଇ ଦିଅନ୍ତି। ବଡ଼ପୁଅ ଇଞ୍ଜିନୟରିଂ କରି ତା' ଲକ୍ଷ୍ୟସ୍ଥଳରେ ପହଞ୍ଚିଗଲା ପରେ ସେ ସବୁବେଳେ ଭାବେ ଆଉ ବହୁତ ଗର୍ବ ଅନୁଭବ କରେ ଓ ସମସ୍ତଙ୍କୁ କହେ ମଧ୍ୟ ମୋ ବଡ଼ପୁଅ ଇଞ୍ଜିନିୟର। ମୁଁ ତାକୁ ଇଞ୍ଜିନିୟର କରିଛି।

କିନ୍ତୁ ଭାଗ୍ୟର ବିଡମ୍ବନା ସାନଭାଇ ଭୁବନେଶ୍ୱରରୁ ଗାଁକୁ ଫେରିବା ବେଳେ ଗୋଟିଏ ବଡ଼ ଟ୍ରେନ ଦୁର୍ଘଟଣାରେ ତା'ର ଦୁଇଗୋଡ଼ ହରାଇ ବସେ। ଦୀର୍ଘଦିନ ବଡ଼ ମେଡିକାଲ କଟକରେ ଚିକିତ୍ସା ହେବା ପରେ ତାକୁ ବଞ୍ଚାଇବାରେ ମଧ୍ୟ ସଫଳ ହୁଏ। କିନ୍ତୁ ଦୀର୍ଘ ୧ମାସ ମୁଁ ମୋ ଚାକିରିରୁ ଛୁଟି ନେବା ଦ୍ୱାରା ମୁଁ ମୋ ଚାକିରି ହରାଇ ବସେ। ଏହିଭଳି ଭାବେ କିଛିଦିନ ଗଡି ଗଲା ପରେ ମଧ୍ୟ ଝିଅ ପାଇଁ ମଧ୍ୟ ଏକ ଡାକ୍ତର ଜ୍ୱାଇଁ ଠିକ୍ କରି ତା' ବିଭାଘର ମଧ୍ୟ କରାଏ। ଏଭଳି ବହୁତ ଘଟଣା ଯାହା ବିସ୍ତୃତ ଭାବେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ଆଜି ତା'ର ଗାଁରେ ଘର, ଭୁବନେଶ୍ୱରରେ ଘର, ତା' ଝିଅର ଦିଲ୍ଲୀରେ ଘର। ସବୁଠି ରହିବା ପାଇଁ ଘର ଅଛି। କୌଣସି ପ୍ରକାରର ଅସୁବିଧା ନାହିଁ।

ପୂର୍ବଥର ପରି ଏଥର ମଧ୍ୟ ତା'ର ଦେହ ଖରାପ ହେଲା। ଯେତେବେଳେ ଯାଜପୁରରୁ କଟକ ମେଡିକାଲ ଆଣିଲେ। ଭାବିଲି ଏତେ ବଡ଼ ମେଡିକାଲ ବହୁତ ସୁଧାର ଆସିଯାଇଥିବ। ବଡ଼ ବଡ଼ ପ୍ରଫେସର। କିଛି ଅସୁବିଧା ହେବନି। ଯେତେବେଳେ ମୁଁ ସକାଳେ ମେଡିକାଲରେ ପହଞ୍ଚିଲି। ସେଠାରେ ବୋଉକୁ ଦେଖିବା ପରେ ମୋତେ ଲାଗିଲା ବୋଉ ଆଉ ଭୁବନେଶ୍ୱର ଯିବା ମଧ୍ୟ ସମ୍ଭବ ନୁହେଁ। ଛାତିରେ ଯନ୍ତ୍ରଣା ହେଉଛି ଜୋର୍‌ରେ ଚିତ୍କାର କରୁଛି କିନ୍ତୁ ମେଡିକାଲରେ ଫିଡ୍‌ସ ଇଞ୍ଜେକ୍‌ସନ ଦେଉଛନ୍ତି। ଏହା ହେଉଛି ଆଜିର ସ୍ୱାସ୍ଥ୍ୟ ବିଭାଗର ବଡ଼ ଡାକ୍ତରଖାନା, କଟକର ଅବସ୍ଥା। ସଙ୍ଗେ ସଙ୍ଗେ ଆପୋଲ ହସ୍ପିଟାଲ, ଭୁବନେଶ୍ୱର ସହ କଥା ହେବା ପରେ ସେଠାରେ ଥିବା ଡାକ୍ତର ସଙ୍ଗେ ସଙ୍ଗେ ନେଇ ଆସିବା ପାଇଁ କହିଲେ। ସେଠାରେ ୭ଦିନ ଚିକିତ୍ସା ହେବା ପରେ ଘରକୁ ଡିସଚାର୍ଜ କରିଦେଲେ। ଘରେ ମଧ୍ୟ ସଂପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଟି.ଭି ଦେଖିବା, ଗପିବା ଓ ଖାଇବା ଏପରିକି ନିଜ କାମ ମଧ୍ୟ ନିଜେ କରିବା ଆରମ୍ଭ କଲା। ଯେମିତି ଲାଗିଲା କିଛି ହୋଇ ନାହିଁ। ବଡବୋହୂ ସହିତ କଥା ହୋଇ ପୂର୍ବଦିନର ସବୁ କଥାକୁ ମନେ ପକାଇ କଥା ହେବା ଓ ବାପାକୁ ମନେ ପକେଇବା ଇତ୍ୟାଦି... କିନ୍ତୁ ...

ସେଦିନ ଥିଲା ୨୭ ତାରିଖ ମୁଁ ଖାଇବା ପାଇଁ ବାହାରିଲି, ପଚାରିଲି ବୋଉ ତୁ ଖାଇବୁ, ହଁ ଖାଇବି, ଆସିଲା ମୋ ପାଖରେ ବସିଲା। କହିଲା ଭାତ ନୁହେଁ, ଖାଲି ତରକାରି ଖାଇବି ସବୁ ଖାଇଲା, ବଡ଼ବୋହୂକୁ କହିଲା ମୋ ପାଇଁ ଟିକେ ପୁରୀରୁ ପାଣି ପାଣି ମଗେଇ ଦେବୁ। ସେ କହିଲା ହଁ ମୁଁ ମଗେଇଛି କାଲି ଆସିବ। ତାକୁ ଖୀରା ଭଲ ଲାଗେ ବୋଲି ସମସ୍ତେ ଜାଣନ୍ତି। ଆଜି ତୋ ପାଇଁ ମଗା ଯାଇଛି କିନ୍ତୁ ଖାଇବା ପାଇଁ ତୁ ନାହୁଁ, ତୋର ଶେଷ ଦୁଇଦିନର ପ୍ରତିଟି ଶବ୍ଦ ଓ ପ୍ରତିଟି କଥା ମୋର ସବୁଦିନ ପାଇଁ ମନେ ରହିବ। ତୋ ଋଣ ତ କେବେ ସୁଝି ପାରିବିନି। ଚେଷ୍ଟା କରିବି ତୋ ମନରେ ଥିବା ଯେତେ ସବୁ ଅଭିଳାଷକୁ ମୋ ସକ୍ଷମ ଅନୁସାରେ ପୂରଣ କରିବା ପାଇଁ -

ପିତାମାତା କହିଛନ୍ତି ଶରୀର ପାଳନ
ଯାହାଙ୍କ ଦୟାରେ ରହିଛନ୍ତି ଏ ଜୀବନ
ତାଙ୍କ ପାଦରେ ଜୁହାର
ତାଙ୍କ ଋଣ ଶୁଝିବାକୁ ଶକତି କାହାର ?
ସେହି ଠାକୁର ପୂଜା, ଗୀତା ପାଠ ପଢ଼ିବା,

ପର୍ବପର୍ବାଣୀ ପାଳିବାରେ ମୋ ବୋଉଠୁ କେହି ଅଧିକ କରିପାରି ନାହାଁନ୍ତି ବୋଲି ମୁଁ ଭାବୁଛି। ପରିବାରର ସମସ୍ତେ ବ୍ୟସ୍ତ ହୋଇ ପଡନ୍ତି ତା'ର ଉପବାସ ଦେଖି ଓ ପୂଜାକୁ ଦେଖି ଲାଗେ ସେ ମଧ୍ୟ ସେ ଅଦୃଶ୍ୟ ପାଟ ଡୋରକୁ ଧରି ପ୍ରଭୁ ଜଗନ୍ନାଥଙ୍କର ଶରଣାପନ୍ନ ହୋଇଛି। ନୀରବରେ ବସି ପ୍ରାର୍ଥନା କଲାବେଳେ ଲାଗେ ଯେମିତି ତା'ର ସମଗ୍ର ଶରୀର ଗୋଟି ସତ୍ୟ ପଲ୍ଲକିତ ହୋଇଥାଏ ତା' ଭିତରେ ସେ ସବୁବେଳେ ମଧ୍ୟ ତା' ପାଟିରେ ବୋଲୁଥାଏ: ରାମ-ରାମ, ସୀତା-ରାମ...

୭୨ ବର୍ଷ ବୟସରେ ଆମମାନଙ୍କୁ ଛାଡ଼ି ସେ ସବୁଦିନ ପାଇଁ ଆଖି ବୁଜିଲା। ସୃଷ୍ଟି ଓ ବିଳୟର ଆବର୍ତ୍ତରେ ଜୀବନ ତ ଚାଲିଥାଏ। ହେଲେ କିଛି ଅସାଧାରଣ ଗୁଣ ବହନ କରିଥିବା ଓ ସଂସାରକୁ ଦିବ୍ୟ ଦୃଷ୍ଟିରେ ଦେଖୁଥିବା ମଣିଷଟି ହେଉଛି ମୋ ବୋଉ !

ସେ ସେହିଦିନ ଚାଲିଯିବ ବୋଲି-

ଠିକ୍ ସକାଳ ୧୦ଟା। ମାଗିଲା- "ମତେ ଭାତ ଦିଅ।" ମୁଁ ବାଢ଼ିଲି, ତା' ବଡ଼ବୋହୂ ଦେଲା ଖାଇବାକୁ ଓ ଖାଇ ସାରିବା ପରେ ଲାଗିଲା ଟି.ଭି ସିରିଏଲ। ତା'ପରେ ନିଜେ ନିଜେ ଗୀତ ବୋଲିଲା। ରାମ ସିୟା ରାମ, ସିୟା ରାମ ଜୟଜୟ ରାମ। ସେଦିନ ଏତେ ଚଞ୍ଚଳ ଥିଲା ଯେ, ସେଦିନ ଲାଗୁଥିଲା ବୋଉ ପୁରା ସୁସ୍ଥ !

କିନ୍ତୁ କିଏ ଜାଣିଥିଲା ସେହି ସନ୍ଧ୍ୟା ହେବ ତା' ପାଇଁ ଶେଷ ସନ୍ଧ୍ୟା। ଟି.ଭି ଚାଲୁଛି, ପ୍ରାର୍ଥନା ଚ୍ୟାନେଲରେ ଭଜନ ବାଜୁଛି, ଟି.ଭି. ରିମୋର୍ଟ ତା' ହାତରେ, କିଛି ସମୟ ଭିତରେ ସବୁ ବନ୍ଦ ସଙ୍ଗେ ସଙ୍ଗେ ଭାଇ ଭାଉଜ ୧୦୮ ଡାକିଲେ। ୧୦୮ ଗାଡ଼ି ମଧ୍ୟ ପହଞ୍ଚିଲା କିନ୍ତୁ ସେ କହିଲେ ବୋଉ ଆଉ ନାହିଁ। ଡାକ୍ତରଖାନା ନେଲେ ସେମାନେ ପୋଷ୍ଟମର୍ଟମ କରିବେ। କିନ୍ତୁ ମନ ବୁଝିଲା ନାହିଁ, ବୋଉ ନାହିଁ ବୋଲି। କ୍ୟାପିଟାଲ ହସ୍ପିଟାଲର ଡାକ୍ତର ସତ୍ୟଜିତ ଆସିଲେ ପଡୋଶୀ ଘର ଡାକ୍ତର ଶ୍ରୀ ସାହୁ ମଧ୍ୟ ପହଞ୍ଚିଲେ। କିନ୍ତୁ କେହି ବୋଉକୁ ବଞ୍ଚାଇବାରେ ସଫଳ ହେଲେନାହିଁ। ସବୁଆଡ଼େ ଖାଲି କଳା ବାଦଲ ଦେଖାଦେଲା, ମୁଁ ଆଉ କାହାକୁ ପଚାରିବି ? କାହାକୁ ବୋଉ ବୋଲି ଡାକିବି ? କ'ଣ ଖାଇବୁ ! କ'ଣ ଆଣିବି। ବେବିକୁ ପଚାରିବି ବୋଉ କ'ଣ କହୁଥିଲେ କି ? ଝିଅକୁ କହିବି ଯା ଜେଜେ ମା'ଠୁ ଟଙ୍କା ମାଗେ। ସବୁ ବନ୍ଦ, ସବୁ ବନ୍ଦ...

ଉଆଁସ ଅଧରାତି ବରଷା ଘୋର
ବୋଉ ଡାକଟି ଆଜି ସରିଲା ତୋର...
॥ ଓଁ ଶାନ୍ତି ॥



ପୁରୀ, (ଭାସ୍କର ନ୍ୟୁଜ୍): ଓଡ଼ିଶାକୁ ଚାରିଦିନିଆ ଗସ୍ତରେ ଆସିଥିବା ଷୋଡ଼ଶ ଅର୍ଥ କମିଶନ ଅଧକ୍ଷ ଡ. ଅରବିନ୍ଦ ପାନାଗାରିଆଙ୍କ ନେତୃତ୍ୱରେ ଦ୍ୱିତୀୟ ଦିନରେ ଶ୍ରୀକ୍ଷେତ୍ର ପୁରୀ ଗସ୍ତରେ ଆସି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ କମିଶନର ସଦସ୍ୟମାନେ ପୁରୀ ରାଜଭବନରେ ସ୍ଥାନୀୟ ପୌର ପ୍ରଶାସନ ସହିତ ସହରର ଉନ୍ନତିକରଣ, ଭିତ୍ତିଭୂମି ବିକାଶ ଏବଂ ନାଗରିକ ସୁବିଧା ବୃଦ୍ଧି ପାଇଁ ଆବଶ୍ୟକ ଆର୍ଥିକ ଆବଣ୍ଟନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ବୈଠକରେ ପୌର ପ୍ରଶାସନ ଶ୍ରଦ୍ଧାଳୁ ଓ ଜନସଂଖ୍ୟା ବୃଦ୍ଧିକୁ ଲକ୍ଷ୍ୟକରି ସହରର ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ଆଲୋକୀକରଣ ଓ ଅନ୍ୟାନ୍ୟ ଭିତ୍ତିଭୂମିକୁ ଆହୁରି ଅଧିକ ବ୍ୟବସ୍ଥିତ ଓ ପରିମାର୍ଜିତ କରାଯିବାର ଆବଶ୍ୟକତା ରହିଛି ବୋଲି କମିଶନଙ୍କୁ ଅବଗତ କରିଥିଲେ। ଅର୍ଥ କମିଶନ ପୁରୀର ସମୃଦ୍ଧ ଐତିହ୍ୟକୁ ସଂରକ୍ଷିତ ରଖିବାପାଇଁ ସାମଗ୍ରିକ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବା ପାଇଁ ସମୁଚିତ ସମ୍ବଳ ବଣ୍ଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରାହ୍ନରେ ଅର୍ଥ କମିଶନର ସଦସ୍ୟମାନେ ବ୍ଲୁ ଫ୍ଲାଗ୍ ବେଳାଭୂମି ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ସ୍ଥଳ ଘୋଷିତ କୋଣାର୍କର ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ଏହାର ଇତିହାସ ସମ୍ବନ୍ଧରେ ଶୁଣି ଓ କାରୁକାର୍ଯ୍ୟ ଦେଖି ଅଭିଭୂତ ହୋଇଥିଲେ। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ପ୍ରଶାସକ ତଥା ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ଅରିନ୍ଦମ ଡାକୁଆ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ବିକଶିତ ଗାଁ' ବିକଶିତ ଓଡ଼ିଶା' ଯୋଜନା ଲୋକାର୍ପିତ



ବାରିପଦା, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଆଜି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ମିନି ଷ୍ଟାଡ଼ିଅମ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭାସୀ ମାଧ୍ୟମରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରି ଓଡ଼ିଶା ବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ କି ବିକଶିତ ଦେଶର ପରିକଳ୍ପନାକୁ ସାକାର କରିବା ପାଇଁ ହେଲେ ଏହାର ପ୍ରଥମ ସ୍ୱପ୍ନ ଗ୍ରାମର ବିକାଶ ହେବା ଦରକାର। ତେଣୁ ଏହି ଯୋଜନାରେ ଗାଁ'ର ସାମଗ୍ରିକ ବିକାଶ ପାଇଁ ବର୍ଷକୁ ଏକହଜାର କୋଟି ଅର୍ଥ ରାଶି ହିସାବରେ ପାଞ୍ଚ ବର୍ଷରେ ୫ହଜାର କୋଟି ଟଙ୍କା ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ବ୍ୟୟବରାଦ କରାଯାଇଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଜରିଆରେ ବିନିଯୋଗରେ ସ୍ୱଚ୍ଛତା ବଜାୟ ରଖି ଏହି ଅର୍ଥ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଗମନାଗମନ, ପୂଜାପୀଠ, କମ୍ୟୁନିଟି ସେଣ୍ଟର, ପାଠାଗାର, ଶ୍ରେଣୀଗୃହ ବୃଦ୍ଧି, ଗାଧୁଆ ଘାଟ ଇତ୍ୟାଦିର ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ବିବିଧକ୍ଷେତ୍ରରେ ଗାଁ'ର ସାମଗ୍ରୀକ ବିକାଶ ପାଇଁ ବିନିଯୋଗ କରାଯାଇ ଗାଁ' ଲୋକମାନଙ୍କ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ସ୍ଥିତି ରେ ସୁଧାର ଅଣାଯାଇ ସଶକ୍ତ କରାଯିବ ଯାହା ଫଳରେ ଗାଁ'ର ଲୋକମାନେ ଗାଁ'ରେ ରହି ନିଜର ବିକାଶ କରିବାରେ ସକ୍ଷମ ହୋଇପାରିବେ। ଏହି ଯୋଜନା ଦାରିଦ୍ର୍ୟ ଓ ଅନଗ୍ରସରତା ବିରୋଧରେ ସଂଗ୍ରାମ କରି ଗାଁ'କୁ ବିକଶିତ କରିବା ସହ ଗାଁ' ଓ ସହର ମଧ୍ୟରେ ଉପଲବ୍ଧ ହେଉଥିବା ସୁବିଧାସୁଯୋଗ ଗୁଡ଼ିକ ମଧ୍ୟରେ ତାରତମ୍ୟ ହ୍ରାସ ହେବ ଏବଂ ଗାଁ' ଓ ସହରର ବିକାଶ ଏକାଧାରାରେ ଚାଲିବ ଫଳରେ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ପରିକଳ୍ପନା ସାକାର ହେବ। ଏହି ଅବସରରେ ଆଜି ବାରିପଦା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ତରଫରୁ ଆୟୋଜିତ ଯୋଜନାର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଓରମାସର ସିଇଓ ବିମାନ ମଲ, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ସିଂ ଓ ବାରିପଦା ବ୍ଲକ୍‌ର ଜିଲ୍ଲାପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲକ୍ଷପାଳ ତାଙ୍କ ବକ୍ତବ୍ୟରେ ଏହି ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଅବଗତ କରାଇବା ସହ କହିଥିଲେ କି, ସରକାରଙ୍କ ଦ୍ୱାରା ବରାଦ ଅର୍ଥକୁ ଖର୍ଚ୍ଚ କରିବା ସମୟରେ ବିକାଶ ଧାରାରେ କେଉଁ କାର୍ଯ୍ୟର ଅତ୍ୟନ୍ତ ଅବଶ୍ୟକତା ରହିଛି ତାହାକୁ ଦୃଷ୍ଟିରେ ରଖି ପ୍ରାଧାନ୍ୟତା ଭିତ୍ତିରେ ଅର୍ଥ ବିନିଯୋଗ କଲେ ଏହାର ସଠିକ ଉପଯୋଗ ହେବା ସହ ସାମଗ୍ରିକ ବିକାଶ ସମ୍ଭବ ହେବ। ଏହା ଦ୍ୱାରା ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବ, ପରିବାରରର ଆୟ ବଢ଼ିବ, ସମସ୍ତେ ସଶକ୍ତ ହେବେ ଏବଂ ସମସ୍ତଙ୍କ ସହଯୋଗରେ ଗାଁ' ସମୃଦ୍ଧ ହେବ। ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶର୍ଯ୍ୟା ଭୂୟାଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ବିଭଗୀୟ ପଦାଧିକାରୀ, ବାରିପଦା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତର ପିଆରଆଇ ସଦସ୍ୟ, ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଉପସ୍ଥିତ ଥିଲେ। ସମରେନ୍ଦ୍ର କୁମାର ସଭା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଡମଶାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଭୁବନ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଓଡ଼ିଶ ଗ୍ରାମରେ ଥିବା ଏକମାତ୍ର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ଡମଶାଳ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭୁବନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆୟୁଶୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ହରିହର ସାହୁ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଭୁବନ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରିଣୀ ରାଜଲକ୍ଷ୍ମୀ ଟୁଡୁ, ତାରିଣୀପସି ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସେଠୀ, କାନ୍ତୋଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ପଣ୍ଡା, ସ୍କୁଲ କମିଟି ସଭାପତି ରିପୁନ ଷଣ୍ଢ, ମୋ ସ୍କୁଲ ଅଧ୍ୟକ୍ଷ ମନ୍ମଥ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ତାରିଣୀପଶି ସ୍କୁଲର ହିନ୍ଦି ଶିକ୍ଷକ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଅବସରରେ କୁନି କୁନି ପିଲାଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ସ୍କୁଲ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାର୍ଷିକ ଉତ୍ସବକୁ ସଫଳ କରିବା ପାଇଁ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବରିଷ୍ଠ ପ୍ରଧାନ ଶିକ୍ଷକଙ୍କ ବନ୍ଧୁମିଳନ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ବଡଚଣା ବ୍ଲକ ଅଧିନସ୍ତ ଉଦୟଗିରିରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମଲ୍ଲିକ, ସୁବାସ ପଣ୍ଡା, ନାରାୟଣ ଦାସ, କୈଳାସ ଚନ୍ଦ୍ର ସ୍ୱାଇଁ, ବାଇଧର ଜେନା, ଧରଣୀଧର ଦାସ, ମୋହନ ସାମଲ, ନିରଞ୍ଜନ ପଲେଇ, ରାମଚନ୍ଦ୍ର ଖିଲାର, ଯୋଗେନ୍ଦ୍ର ବାରିକ, ବୃନ୍ଦାବନ ସାହୁ, ପ୍ରମୋଦ ସାହୁ, ପ୍ରିୟବ୍ରତ ଦାସ, ଅରୁଣ କୁମାର ପରିଡା, ମହେଶ୍ୱର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ୯ଜଣ ଦିବଗଂତ ପ୍ରଧାନ ଶିକ୍ଷକଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇ ଥିଲା। ଏଥିସହିତ ବିଭିନ୍ନ ବିଷୟ ଉପରେ ଆଲୋଚନା ମଧ କରାଯାଇ ଥିଲା। ବାଇଧର ଜେନାଙ୍କ ଦ୍ୱାରା ସ୍ଥାପିତ ବ୍ରାଇଟ୍ ଫ୍ୟୁଚର ଏକାଡେମୀରେ ସମସ୍ତଙ୍କ ନିମନ୍ତେ ଖାଦ୍ୟ ପେୟର ବ୍ୟବସ୍ଥା କରାଯାଇ ଥିଲା। ପରବର୍ତ୍ତୀ ବନ୍ଧୁମିଳନ ଆସନ୍ତା ମାର୍ଚ୍ଚ ମାସ ୯ତାରିଖରେ ଚଣ୍ଡିଖୋଲ ସ୍ଥିତ ମହାବିନାୟକଙ୍କ ପୀଠରେ କରାଯିବା ପାଇଁ ସ୍ଥିର କରାଗଲା।

# ପ୍ରଦୂଷଣ ବିହୀନ କ୍ୟାରୀବ୍ୟାଗ ସଂସ୍ଥା ଇକୋର୍ ଉଦ୍‌ଘାଟିତ

## ଉତ୍ତର ଓଡ଼ିଶାରେ ପ୍ରଥମ ପ୍ରଦୂଷଣମୁକ୍ତ କାରଖାନା ପ୍ରତିଷ୍ଠା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଏବେ ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକକୁ ବର୍ଜନ କରିବାକୁ ପଦକ୍ଷେପ ନିଆଯାଉଥିବା ବେଳେ କେନ୍ଦୁଝର ସହରର ସାମନ୍ତରାୟପୁର ଠାରେ ଉଦ୍‌ଘାଟିତ ହୋଇଛି ଇକୋର୍ ମ୍ୟାନୁଫ୍ୟାକଚରିଂ ସଂସ୍ଥା। ଯାହାକି ସମ୍ପୂର୍ଣ୍ଣ ପ୍ରଦୂଷଣ ବିହୀନ ଓ ପରିବେଶ ଉପଯୁକ୍ତ କ୍ୟାରୀବ୍ୟାଗ ଓ କାଗଜରେ ପ୍ରସ୍ତୁତ କ୍ୟାରୀବ୍ୟାଗର ଏକ ଉତ୍କୃଷ୍ଟ କାରଖାନା। ଏହି କାରଖାନାଟି ଦେଶର ସୁନାମଧନ୍ୟ ପ୍ରତିଷ୍ଠାନ ମାନଙ୍କରୁ ପ୍ରମାଣପତ୍ର ପାଇ ପରିବେଶ ଓ ବାୟୁମଣ୍ଡଳ ପାଇଁ ଉପଯୋଗୀ ବ୍ୟାଗ ତିଆରି କାରଖାନାର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ବୋଲି ଜଣାପଡ଼ିଛି। ଏହା ସମ୍ରଗ ଉତ୍ତର ଓଡ଼ିଶାରେ ଏପରି ଉତ୍ପାଦର ପ୍ରସ୍ତୁତ କାରଖାନା। ବୁଧବାର ଦିନ ଏହାର ଉଦ୍‌ଘାଟନୀ ଉତ୍ସବରେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, କେନ୍ଦୁଝରଗଡ଼ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ଅତିରିକ୍ତ ଏସପି ଦିଲ୍ଲୀପ କୁମାର ଭୁକ୍ତା, ବିଜେପି ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, ଟାଟା ପାୱାରର ଅଧିକ୍ଷଣ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା, ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, ନିର୍ମାଣ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସନ୍ତୋଷ ବେହେରା, କେନ୍ଦୁଝର ସହକାରୀ ବନ ସଂରକ୍ଷକ, ବରିଷ୍ଠ ନାଗରିକ ରାମନାରାୟଣ ଦ୍ୱିବେଦୀ, ଭରତ ଚନ୍ଦ୍ର ପାତ୍ର, ସଞ୍ଜୟ ମହାପାତ୍ର, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ଦୀପକ ମିଶ୍ର, ବିଭିନ୍ନ ୱାର୍ଡ଼ର କାଉନସିଲର, ଇକୋରର ମ୍ୟାନେଜିଂ ଡାଇରେକ୍ଟର ଶାଶ୍ୱତ ମିଶ୍ର, କୁମୁଦିନୀ ମିଶ୍ର, ଅନ୍ନପୂର୍ଣ୍ଣା ମିଶ୍ର, ମୋନାଲିସା ମିଶ୍ର, ମଧୁମିତା ନନ୍ଦ, ସସ୍ମିତା ପାଢ଼ୀ, ଆଲୋକ ମିଶ୍ର, ଅଶୋକ ମିଶ୍ର, ସହରର ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ ଓ ଜନସାଧାରଣ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ନିପୂଣ ଓଡ଼ିଶା ମେଳା ଓ ଟିଏଲଏମ ପ୍ରଦର୍ଶନୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ବୁଧବାର ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ବୁଟିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ, 'ନିପୂଣ ଓଡ଼ିଶା' ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ବ୍ଲକ ଓ ମ୍ୟୁନିସିପାଲଟି ଅନ୍ତର୍ଗତ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ, ଶିକ୍ଷାର ମାନ ବୃଦ୍ଧି ଓ ସହଜ ସରଳ ପଦ୍ଧତିରେ ଶିକ୍ଷାଦାନ ପାଇଁ ଉପଯୋଗୀ ବିଭିନ୍ନ ପ୍ରକାରର ଟିଏଲଏମ ପ୍ରଦର୍ଶିତ ହୋଇଥିଲା। ଏହି ମେଳାକୁ ମାଲକାନଗିରି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ଧର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଟିଏଲଏମର ଆବଶ୍ୟକତା ଏବଂ ଉପଯୋଗୀତା ବିଷୟରେ ବୁଝାଇଥିଲେ। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବରେ ମାଲକାନଗିରି ବ୍ଲକର ଅଧ୍ୟକ୍ଷା ଗୌରୀ ପଡ଼ିଆମି ସହ ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତିଆରି ଟିଏଲଏମ ଗୁଡ଼ିକ ଖୁବ୍ ଉଚ୍ଚମାନର ହୋଇଥିଲା ଏବଂ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବରିଷ୍ଠ ସାମ୍ବାଦିକ ସୁଧିର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ସୁଧିର ରଞ୍ଜନ ଦାଶଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ପୋର୍ଟ କ୍ଲବ୍ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକଙ୍କ ଦ୍ୱାରା ସାମ୍ବାଦିକ କର୍ମେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଚିତ୍ତରଞ୍ଜନ ସ୍ୱାଇଁ, ଭାଗିରଥି ମଲ୍ଲିକ, ବାଟକୃଷ୍ଣ ଦାସ, ଶଶାଙ୍କ ଶେଖର ଆଚାର୍ଯ୍ୟ, ସଞ୍ଜୀବ ମିଶ୍ର, ସୁଧାଂଶୁ ନାୟକ, ବିଶ୍ୱନାଥ ବଳ, ଆଇନଜୀବୀ କୈଳାସ ସାହୁ, ବୁଦ୍ଧିଜୀବୀ ଡ. ଧୃତିଧର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସୁଧିର ଦାଶଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କର ଅମର ଆତ୍ମାରେ ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସମସ୍ତେ ସ୍ୱର୍ଗତ ଦାସଙ୍କ ଅସମୟରେ ଦେହାନ୍ତରେ ଦୁଃଖ ପ୍ରକାଶ କରି ତାଙ୍କର ନିର୍ଭିକ ସାମ୍ବାଦିକତା ଓ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବହୁ କାର୍ଯ୍ୟରତ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ହୋଇ ସ୍ୱର୍ଗତ ଦାଶଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ତେବେ ପାରାଦୀପ ରେ ନିକଟ ଅତୀତରେ ଲଗାତାର ଭାବେ ଯୁବ ସାମ୍ବାଦିକ ମହେନ୍ଦ୍ର ପରିଡ଼ା, ପ୍ରତାପରୁଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ନିଧିରାମ ମହାରଣା ଏବଂ ସମ୍ପ୍ରତି ସୁଧିର ଦାଶଙ୍କ ମୃତ୍ୟୁ ସାମ୍ବାଦିକ ମହଲରେ ଗଭୀର ଶୋକ ଖେଳାଇ ଦେଇଥିବା ବେଳେ ଏକ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ କରିବାକୁ ସାମ୍ବାଦିକ କୈଳାସ ସାହୁ ପ୍ରସ୍ତାବ ଦେଇଥିଲେ।

# ସାକ୍ଷରତା ମାଧ୍ୟମରେ ପିଲାଙ୍କ ଦକ୍ଷତା ମାପିହେବ

## ନିପୁଣ ଓଡିଶା ମେଳାରେ ଶିକ୍ଷାର୍ଥୀ ଦେଖାଇଲେ ପ୍ରତିଭା




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ୧୩ଟି ସାଧନ କେନ୍ଦ୍ର ଅଧୀନରେ ମନୋନୀତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ବୁଧବାର ଅସ୍ତରଙ୍ଗ ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା। ଏହି ଅବସରରେ ଯୋଗ ଦେଇଥିବା ଅତିଥିମାନେ ସାକ୍ଷରତା ମାଧ୍ୟମରେ ପିଲାଙ୍କ ଦକ୍ଷତା ମାପିହୁଏ ବୋଲି କହିଥିଲେ। ଦୀର୍ଘ ୩୬ବର୍ଷ ପରେ ସମଗ୍ର ଦେଶରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ସାଧନକେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ନୋଡ଼ାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ, ମୁଖ୍ୟବକ୍ତା ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମ୍ମାନୀତ ଅତିଥି ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ମଣ୍ଡଳ ସହ ଶିକ୍ଷାଅଧିକାରିଣୀ ସୁଧାଂଶୁବାଳା ଶତପଥୀ, ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ୧୩ଟି ସାଧନକେନ୍ଦ୍ରରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧ଶହ ବିଦ୍ୟାର୍ଥୀ, ୭୦ଅଭିଭାବକ ଓ ୧୦ଜଣରୁ ଉର୍ଦ୍ଧ୍ୱ ଏଫଏଲଏନ ଶିକ୍ଷକ ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅଂଶଗ୍ରହଣକାରୀ ୪ପ୍ରକାର ଷ୍ଟଲ୍ ଆଣିଥିଲେ। ସେଥିମଧ୍ୟରେ ସାକ୍ଷରତା ଷ୍ଟଲ, ସଂଖ୍ୟାଜ୍ଞାନ ଷ୍ଟଲ, ସୃଜନାତ୍ମକ ଓ ମତାମତ ଷ୍ଟଲ୍। ଏହିପରି ୧୫୦ରୁ ଅଧିକ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପ୍ରତି ଷ୍ଟଲ୍ ବୁଲି ଏହାର ବ୍ୟବହାର ଓ ଉଦ୍ଦେଶ୍ୟ ବୁଝିନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରୁ ୩ଜଣ ଲେଖାଏଁ କୃତି ଛାତ୍ରଛାତ୍ରୀମାନଙ୍କୁ ମନୋନୀତ କରି ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିବା ସହିତ ପ୍ରତି ବିଦ୍ୟାଳୟକୁ ପ୍ରଶଂସାପତ୍ର ଦେଇ ସମ୍ମାନୀତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀଙ୍କ ସହ ବିଭିନ୍ନ ସାଧନକେନ୍ଦ୍ରର ସାଧନ ସଂଯୋଜକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୃଣମୂଳ ସ୍ତରରେ ପ୍ରତି ଗାଁ'ର ବିକାଶ ହେଲେ ପଞ୍ଚାୟତର ବିକାଶ ହେବ




ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ୍‌ରେ ଅନୁଷ୍ଠିତ ହୋଇଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ କହିଥିଲେ କି, ତୃଣମୂଳ ସ୍ତରରେ ପ୍ରତି ଗାଁ'ର ବିକାଶ ହେଲେ ପଞ୍ଚାୟତର ବିକାଶ ହେବ। ପଞ୍ଚାୟତର ବିକାଶ ହେଲେ ଜିଲ୍ଲା ତଥା ରାଜ୍ୟର ବିକାଶ ହେବ। ରାଜ୍ୟର ବିକାଶ ହେଲେ ଦେଶର ବିକାଶ ହେବ। ଯାହା ଫଳରେ ଆମ ଦେଶ ଏକ ବିକାଶଶୀଳ ଦେଶ ଭାବେ ପରିଗଣିତ ହେବ। ଖୋର୍ଦ୍ଧା ଜଙ୍କିଆ ମିନି ଷ୍ଟାଡ଼ିୟମ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରକମଳରେ ବୁଧବାର ଶୁଭାରମ୍ଭ ହୋଇଥିବା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଗୋପ ବ୍ଲକ୍‌ରେ ଲୋକାର୍ପିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋପ ବିଡିଓ ଛବି ରାଣୀ ସାହୁ, ତହସିଲଦାର ଅନିଲ କୁମାର ମହାନ୍ତି, ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ, ୧୧ ନମ୍ବର ଜିଲ୍ଲାପରିଷଦ ପ୍ରମୋଦ କୁମାର ରାୟ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ଅତିରିକ୍ତ ବିଡିଓ ଦୀପକ କୁମାର ଜେନା, ସହକାରୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଗୋପ ବ୍ଲକ୍‌ରେ ୧୧ ଟାରେ ଆରମ୍ଭ କରାଯାଇଥିଲା। ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସଦୃଢୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତୀକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ପ୍ରକଳ୍ପ ନିର୍ମାଣ ଆଦି ଏହି ଯୋଜନାର ଅଂଶବିଶେଷ ବୋଲି ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ କହିଥିଲେ। ସେହିପରି ପ୍ରତି ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତମାନଙ୍କରେ ପଲ୍ଲୀସଭା ଓ ଗ୍ରାମସଭା କରାଯାଇ କାର୍ଯ୍ୟଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟକୁ ପଠାଯିବ। ସେଗୁଡ଼ିକ ଅନୁମୋଦନ ହୋଇ ଆସିଲେ କାର୍ଯ୍ୟ କରାଯିବ। ଏହି ଉନ୍ନୟନ୍ନ ମୂଳକ କାର୍ଯ୍ୟର ତାଲିକା ପାଇଁ ଚଳିତ ମାସ ୧୪ ତାରିଖ ସୁଦ୍ଧା ଗ୍ରାମସଭା ଓ ପଲ୍ଲୀସଭାଗୁଡ଼ିକ ଶେଷ କରିବା ପାଇଁ ବିଡିଓ ଛବି ରାଣୀ ସାହୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ।

# ତହସିଲ କୋଟିପତିଙ୍କ କବଜାରେ ସରକାରୀ ଜାଗା

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ତହସିଲ ଏବେ ସରକାରୀ ଜାଗା ଓ ମାଟି ମାଫିଆଙ୍କ କବଜାରେ। ରାଜନଗର ବଜାର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରଶାସନ ଜାଣତରେ ଚାଲୁଛି ଅନୀୟମିତ କାର୍ଯ୍ୟ। ଏହି ତହସିଲ ଅନୀୟମିତ କାର୍ଯ୍ୟ କରିବାରେ ଓସ୍ତାଦ ବୋଲି ଚର୍ଚ୍ଚା ଚାଲିଛି, ଏଠାରେ କେତେବେଳେ ଭୂତ ଜମି ଖର୍ଦ୍ଦି ବିକ୍ରୀ ତ କେତେବେଳେ ଉତ୍ତରାଧିକାରୀ ପ୍ରମାଣ ପତ୍ରରେ ଜୀବିତ ଲୋକଙ୍କୁ ମୃତ ଦର୍ଶାଇବା, ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମରେ ସରକାରୀ ଜାଗା ଲିଜ ଦେବା ଭଳି ବହୁ ଉଦାହରଣ ରହିଛି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାଜନଗର ତହସିଲ ଅନ୍ତର୍ଗତ ଇଶ୍ୱରପୁରୁ ପଞ୍ଚାୟତ ରିଘାଗଡ ରାଜସ୍ୱ ନିରୀକ୍ଷକ ମଣ୍ଡଳର ରାଜନାରାୟଣପୁରୁ ଗ୍ରାମର କୋଟିପତି ପରିବାର ନିର୍ମଳ ମହାରଣାଙ୍କ କ୍ଷେତ୍ରରେ। ନିର୍ମଳ ମହାରଣା, ଗୋପିନାଥ ମହାରଣା, ନିରାକାର ମହାରଣା, ନିରଞ୍ଜନ ମହାରଣା ପି, ନେତ୍ରାନନ୍ଦ ମହାରଣା ଏକାନ୍ନ ବର୍ତ୍ତି ପରିବାରରେ ଥାଇ ୪ ପୁଅଙ୍କୁ ଭୂମିହୀନ ଦର୍ଶାଇ ରାଜନାରାୟଣପୁରୁ ମୌଜାର ସରକାରୀ ଜାଗାକୁ ଲିଜ ଆକାରରେ ପାଇଛନ୍ତି, ଯାହାକି ଅନୀୟମିତ। କିନ୍ତୁ ଏମାନଙ୍କର ଟ୍ରାକ୍ଟର ଓ ବାଉଁଶ ବ୍ୟବସାୟ, କିରାନା ଦୋକାନରୁ ମାସିକ ପ୍ରାୟ ଲକ୍ଷାଧିକ ଟଙ୍କା ରୋଜଗାର ହେଉଥିବା ବେଳେ ପରିବାର ଓ ନିଜନିଜ ନାମରେ ସ୍ଥିତିବାନ ଜମି ପୂର୍ବପୁରୁଷରୁ ଅଛି। ଏହା ସତ୍ତ୍ୱେ ସରକାରୀ ଜାଗା ଏ ୫.୫୮ ସେଣ୍ଟ ଜମି ଜବର ଦଖଲରେ ରଖି ସେଥିରେ ବେନିୟମ ଭାବରେ ଦୁଇମହଲା କୋଠାଘର ନିର୍ମାଣ କରି ଭଡା ଦେବା ସହ ଚିଙ୍ଗୁଡି ପ୍ଲାଣ୍ଟ କରାଯାଇଛି। ଯେଉଁ ସରକାରୀ ଜବର ଦଖଲ ଜାଗାର ତଫସିଲ ହେଉଛି ଖାତା ନଂ ୧୮୨ ପ୍ଲଟନଂ ୨୭୩,ଏ ୫.୫୮, ଖାତାନଂ ୭୫ ପ୍ଲଟ ନଂ ୪୧ ୦.୯୩, ପ୍ଲଟ ନଂ ୧୨୪ ଏ ୦.୫୨ ସେଣ୍ଟ ଗୋଦଣ୍ଡାରେ ମଧ୍ୟ କୋଠାଘର ନିର୍ମାଣ ହୋଇଛି। କେଉଁ ଆଧାରରେ ତହସିଲଦାର ଲିଜ୍ ଦେଲେ ଓ ସରକାରୀ ଜାଗାରେ ଚିଙ୍ଗୁଡି ଘେରୀ ଏବଂ ଅଟ୍ଟାଳିକା ମାନ ଗଢିତୋଳି ଭୂମିହୀନଙ୍କୁ ରାସ୍ତାକଡ଼କୁ ଠେଲି ଦେଇଛନ୍ତି। ଏନେଇ ଏଚ୍ଆରପିସି ସଭାପତି ପ୍ରଭାତ କୁମାର ପ୍ରଧାନ, ଉପସଭାପତି ସୋମନାଥ ବାରିକ, ସମ୍ପାଦକ ଅକ୍ଷୟ କୁମାର ରାଉତଙ୍କ ସମେତ ଦରଖାସ୍ତକାରୀ ହେମନ୍ତ କୁମାର ବେହେରା ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ପ୍ରଦାନ କରିବା ସହ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଡିଏଫଓ, ରାଜସ୍ୱ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେଇଥିବା ହେମନ୍ତ କହିଛନ୍ତି। ଆଜିପର୍ଯ୍ୟନ୍ତ ତହସିଲଦାରଙ୍କ ଆଖି ଦୃଶିଆ ପଦକ୍ଷେପ ନିଆଯାଇ ନଥିବାରୁ ଏହା ପଛରେ ତହସିଲଦାରଙ୍କର କି ସ୍ୱାର୍ଥ ରହିଛି ବୋଲି ସାଧାରଣରେ ଆଲୋଚନାର ଖୋରାକ ଯୋଗାଇଛି। ଅପରପକ୍ଷରେ ସେହି ଗ୍ରାମର ଦଳିତ ଗରିବ ଭୂମିହୀନ ପରିବାରଙ୍କୁ ଜମି ଓ ଘର ଜାଗା ଖଣ୍ଡେ ଯୋଗାଇ ନଦେଇ କୋଟିପତିଙ୍କୁ ଲିଜ୍ ଦେବା କେତେଦୂର ନ୍ୟାୟ ସଙ୍ଗତ ତାହା ଗରୀବ କଲ୍ୟାଣ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଦଳିତ ଗରିବ ପରିବାରଙ୍କ ପରବର୍ତ୍ତି ପଦକ୍ଷେପ ପୂର୍ବରୁ ଏହାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ମଦ ବ୍ୟବସାୟୀ କାଟିଲେ ଯୁବକଙ୍କ ତଣ୍ଟି

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ଦେଶୀମଦର ପରିମାଣ ବଢ଼ିଥିବା ବେଳେ ମଦ ବେପାରକୁ କେନ୍ଦ୍ର କରି ମହାଭାରତ ସୃଷ୍ଟି ହୋଇଛି। ଦେଶୀମଦ ବ୍ୟବସାୟୀ ଭୁଜାଲି ଚୋଟରେ ଜେଣ ଯୁବକର ତଣ୍ଟି କଟିଯାଇଥିବା ବେଳେ ସେହି ଯୁବକ ବର୍ତ୍ତମାନ ଆଇସିୟୁରେ ରହି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଅନ୍ୟପଟେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ଗତ ମଙ୍ଗଳବାର ରାତ୍ରରୁ ଜୈନାବାଦ ମଳିକ ସାହିରେ ପୋଲିସ ପ୍ରହରା କଡ଼ାକଡ଼ି କରାଯାଇଛି । ଆହତଙ୍କ ପରିବାରଙ୍କ ଅଭିଯୋଗ ଆଧାରରେ ପୋଲିସ ସଂଗୀନ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ ପୋଲିସ ଭୟରେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ରାଜସ୍ୱ ବିଭାଗ ଡାକବଙ୍ଗଳା ପାଲଟିଛି ମଦ ବ୍ୟବସାୟୀ ଅପରାଧିଙ୍କ ଆଡ୍ଡାସ୍ଥଳୀ। ଜଣେ ବ୍ୟକ୍ତି ଡାକବଙ୍ଗଳା ତାଲା ଭାଙ୍ଗି ସେହି ଘରେ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ରହୁଥିବା ବେଳେ ତା ବିରୁଦ୍ଧରେ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ନିମାପଡ଼ା ପୌରପରିଷଦ ଜୈନାବାଦ ମଳିକସାହିରେ ଦୀର୍ଘଦିନ ହେବ ଜାଗୁଆ ଖାଁ ନାମକ ବ୍ୟକ୍ତି ଆସ୍କା ଫର୍ଟି ମଦ ବିକ୍ରି କରିଆସୁଥିଲେ। ସ୍କୁଲ ନିକଟ ହୋଇଥିବା ବେଳେ ପାଟପୁର ନିମାପଡ଼ାର ମୁଖ୍ୟ ରାସ୍ତା କଡ଼ରେ ଏପରି କାରବାରକୁ ମଳିକସାହିର ଅଜୁ ମଳିକ ପ୍ରତିବାଦ କରିଥିଲେ। ମଦ ବିକ୍ରି ବନ୍ଦ ପାଇଁ କହିବା ପରେ ଅଜୁ ରାସ୍ତା ନିକଟରେ ବସି ଚାସ ଖେଳୁଥିବା ବେଳେ ଜାଗୁଆ ହାତରେ ଏକ ଭୁଜାଲି ଆଣି ଅଜୁଙ୍କ ବେକକୁ ଚୋଟ ମାରିଥିଲା। ଫଳରେ ଚିତ୍କାର କରି ଅଜୁ ସେଠାରେ ପଡ଼ିଯାଇଥିବା ବେଳେ ରକ୍ତ ଜୁଡୁବୁଡ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଉତ୍ତେଜନା ଦେଖାଦେବାରୁ ନିମାପଡା ପୋଲିସ୍ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲିକ, ନିମାପଡ଼ା ଥାନା ଅଧିକାରୀ ବାମଦେବ ସ୍ୱାଇଁ ସମେତ ପୋଲିସ୍ ଫୋର୍ସ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିବା ବେଳେ କେତେକ ବ୍ୟକ୍ତି ମଲ୍ଲିକ ସାହି ନିକଟରେ ପହଞ୍ଚି ଗଣ୍ଡଗୋଳ କରିବାରୁ ପୋଲିସ ବୁଝାଶୁଝା କରିଥିଲା। ରାଜସ୍ୱ ବିଭାଗ ଡାକବଙ୍ଗଳାରେ ପୋଲିସ୍ ଚଢଉ କରି ପେଟି ପୋଟି ଆସ୍କା ଫର୍ଟି ମଦ ଜବତ କରିଛି। ସମ୍ପୃକ୍ତ ଅଭିଯୁକ୍ତ ଓ ତା'ର ପୁଅ ଫେରାର ଥିବା ଜଣାପଡ଼ିଛି।



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାରେ ଥିବା ପୁରାତନ ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷା ପ୍ରେମରେଖା ଭତ୍ରାଙ୍କ ଅଧକ୍ଷତାରେ ଆଡ଼ମ୍ବର ସହ ପାଳିତ ହୋଉଯାଇଛି, ଏହି ଅବସରରେ ମୁଖ୍ୟଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ମହାବିଦ୍ୟାଳୟର ପ୍ରଥମ ପୂର୍ବତନ ପ୍ରିନ୍ସପାଲ ଆର୍‌କେ ଏନ୍‌ଏସ୍ ବର୍ମା, ପୂର୍ବତନ ଅଧକ୍ଷ ଲିଙ୍ଗରାଜ ମିଶ୍ର, ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ ଯୋଗ ଦେଇ ନୂତନ ଶିକ୍ଷାନୀତି ଓ ପାଠପଢି ଜଣେ ଜଣେ ସୁନାଗରିକ ହୋଇ ସମାଜର ହିତ ସାଧନ କରିବା ନିମନ୍ତେ ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପ୍ରଥମ ପ୍ରିନ୍ସପାଲ ଶ୍ରୀ ବର୍ମା ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କରେ ସୂଚନା ଦେବା ସହିତ ତାଙ୍କର ପେନ୍‌ସନ ଟଙ୍କାରୁ ମହାବିଦ୍ୟାଳୟର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ବୃତ୍ତି ଓ କ୍ରୀଡା ପୁରସ୍କାର ପାଇଁ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ମହାବିଦ୍ୟାଳୟକୁ ସରକାରୀ କରିବା ଓ ବିଭିନ୍ନ ଦାବି ନେଇ ଛାତ୍ର ସଂସଦ ପକ୍ଷରୁ ବିଧାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆରମ୍ଭ ହେଲା 'ବିକଶିତ ଗାଁ ବିକଶିତ ଓଡିଶା' କାର୍ଯ୍ୟକ୍ରମ

➾ ଆଭାସୀ ମାଧ୍ୟମରେ ହୋଇଥିଲା ଶୁଭାରମ୍ଭ

➾ ଦେଖିଲେ ହଜାର ହଜାର ଜନସାଧାରଣ



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ରାଜ୍ୟସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସି ମାଧ୍ୟମରେ ଶୁଭଆରମ୍ଭ କରିଛନ୍ତି। ଏହି ଅବସରରେ ରଘୁନାଥପୁର ବ୍ଲକ ପକ୍ଷରୁ ମିଶନଶକ୍ତି କାର୍ଯ୍ୟାଳୟ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲ୍ଲା ସାମାଜିକ ସମୀକ୍ଷକ ଦୀପକ କୁମାର ପରିଡା, ବିଡିଓ ବିରଞ୍ଚି ନାରାୟଣ ବେହେରା, ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ଅତିରିକ୍ତ ବିଡିଓ ଜ୍ଞାନନ୍ଦା ନାୟକ, ଜିପିଓ ସ୍ମାରକ ରଂଜନ ମହାନ୍ତି, ବ୍ଲକ ଓଏଚଏମ୍‌ର ମୁଖ୍ୟ ଲିପିକା ଶଡଙ୍ଗୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଂମ୍ପର୍କରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ସରକାରଙ୍କ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏଥିରେ ହଜାର ହଜାର ଜନସାଧାରଣ ଓ ମହିଳା ମାନେ ଉପସ୍ଥିତ ରହି ମୁଖ୍ୟ ମନ୍ତ୍ରୀଙ୍କ ଆଭାସି ମାଧ୍ୟମରେ ହେଉଥିବା ସମୃଦ୍ଧ ଓଡିଶାର ନୂତନ ପରିଭାଷାର ମୌଳିକ ଭିତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢିକରଣ, ଅନୁସୂଚିତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡକ ସଂଯୋଗୀ କରଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡା ଭିତିଭୂମିର ସଂପ୍ରାରଣ ଓ ଆଧୁନିକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁ ମୁଖି ପ୍ରକଳ୍ପ ନିର୍ମାଣ ଓ କାର୍ଯ୍ୟନ୍ୱୟର ଶୁଭାରମ୍ଭ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବା ସହ ଅବଗତ ହୋଇଥିଲେ। ଏଠାରେ ଉପସ୍ଥିତ ଥିବା ଜନସାଧାରଣଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା ମଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବ୍ଲକ କ୍ୟାସିୟର ଭବେଷ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ଏଥିରେ ବ୍ଲକର ସମସ୍ତ କର୍ମଚାରୀ ଓ ଯନ୍ତ୍ରୀମାନେ ସହଯୋଗ ପ୍ରଦାନ କରିଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୯ ସ୍ଥିତ ଡ. ଶ୍ୟାମା ପ୍ରସାଦ କନିଷ୍ଠ ମହାବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉତ୍ସବକୁ ଅଧକ୍ଷ ଡ. ପ୍ରଦୀପ୍ତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ, ଲୋକନାଥ ମାହାକୁଡ଼, ଅର୍ଣ୍ଣପୂର୍ଣ୍ଣା ପୋଡ଼, ସୋନି ବେକ ପ୍ରମୁଖ ଯୋଗ ଦେଇଥିଲେ । ସଂଯୋଜକ ଭିକି ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନେ ପାଇଥିବା ମାନପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ପ୍ରାୟ ୧୩୩ ଜଣ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ। କାର୍ଯ୍ୟକ୍ରମକୁ ଭିକି ବାରିକ, ସୁଜିତ ଢାଲି ଏବଂ ଅଶୋକ ନାହାକ ପ୍ରମୁଖ ପରିଚାଳନା କରିଥିଲେ।

# ବିକଶିତ ଗାଁ, ବିକଶିତ ଓଡ଼ିଶାର ଶୁଭାରମ୍ଭ



ନାରାୟଣପାଟଣା, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ଗୋଲାଡି ତ୍ରିନାଥ, ଉପଦକ୍ଷା ରିନୁ ଦାସ, ବିଡ଼ିଓ ଅଭିନାଶ ବିଶ୍ୱଜିତ୍ ସେଟ୍ଟି, ତହସିଲଦାର ଦେବବ୍ରତ ମହାରଣା ଏବଂ ବିଜେପି ସଭାପତି କାଶୀନାଥ ହିକକା, ବରିଷ୍ଠ ବିଜେପି ନେତା ମଙ୍ଗଳମଣି ତୁରୁକ୍, ବିଶିଷ୍ଟ ସମାଜସେବୀ ରମେଶ ଦାସ, କଂଗ୍ରେସ୍ ସଭାପତି ବିଭୀଷଣ ମହାନନ୍ଦିଆ ଏବଂ ସିଡ଼ିପିଓ ଇନ୍ଦୁମତି ପାଣିଗ୍ରାହୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଓ ୯ ଗୋଟି ପଞ୍ଚାୟତର ସରପଞ୍ଚ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବ୍ଲକ୍ ପ୍ରଶାସନ ଦ୍ୱାରା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମଟି ଖୋର୍ଦ୍ଧାରେ ହୋଇଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ବିକଶିତ ଗାଁ ବିକଶିତ ଓଡ଼ିଶାର ଶୁଭ ଉଦ୍ଘାଟନ କରିଥିଲେ। ଯାହାକି ସାରା ଓଡ଼ିଶାର ସମସ୍ତ ବ୍ଲକରେ ଟିଭି ମାଧ୍ୟମରେ ଦେଖା ଯାଉଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଏମ୍‌ବିକେ, ସିଆର୍‌ପି ଏବଂ ସମସ୍ତ ଜନସାଧାରଣ। କିନ୍ତୁ ଦୁର୍ଭାଗ୍ୟ ବଶତଃ ସବୁ ରାଜନେତାଙ୍କ ଭାଷଣ ସମୟରେ ଲୋକେ ଉପସ୍ଥିତ ରହିଲେ କିନ୍ତୁ ଆମ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣ ସମୟରେ ହଠାତ୍ ସମସ୍ତେ ଧର୍ଯ୍ୟ ହରା ହୋଇ ଉଠିକି ଖାଇବା ଆଡ଼କୁ ଧାଇଁ ପଳେଇ ଗଲେ। ଯଦ୍ୱାରା ସମସ୍ତ ଚଉକି ଖାଲି ପଡ଼ି ରହିଲା, ଯାହାକି ଅତ୍ୟନ୍ତ ଦୁଃଖର ବିଷୟ। ଏଭଳି ଅପମାନଜନକ ବ୍ୟବହାର ନେଇ ସ୍ଥାନୀୟ ବିଜେପି ସଭାପତି କାଶୀନାଥ ହିକକା ଦୁଃଖ ପ୍ରକାଶ କରିଛନ୍ତି।

# ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର

କୋରାପୁଟ, (ଭାସ୍କର ନ୍ୟୁଜ) : ମାଛକୁଣ୍ଡ ଥାନା ଅନ୍ତର୍ଗତ ଜଲାପୁଟ ଜଳଭଣ୍ଡାରରେ ଡଙ୍ଗାବୁଡି ଦୁଇଜଣ ନବମ ଶ୍ରେଣୀ ଛାତ୍ର ନିଖୋଜ ହୋଇଥିଲେ । ୪ଦିନ ପରେ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି । ଅନ୍ୟ ଜଣଙ୍କର ପତା ମିଳୁନଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଉଦ୍ଧାର ହୋଇଥିବା ମୃତଦେହ ଅମିତ ହନ୍ତାଳଙ୍କର ବୋଲି ଚିହ୍ନଟ କରାଯାଇଛି। ରେଡ୍‌କ୍ରସ ତରଫରୁ ପରିବାରକୁ ୨୦ହଜାର ଟଙ୍କା ଏବଂ ପଟାଙ୍ଗି ବିଧାୟକ ପକ୍ଷରୁ ୫ହଜାର ଟଙ୍କାର ସହାୟତା ରାଶି ଦିଆଯାଇଛି। ନନ୍ଦପୁର ତହସିଲଦାର ପାର୍ବତୀ ଝଡିଆ, ଏସ୍‌ଡିପିଓ ସମିତ କୁମାର ମାଝି, ମାଛକୁଣ୍ଡ ଥାନା ଅଧିକାରୀ ଶମ୍ଭୁ ସାରକା, ପଟାଙ୍ଗି ବିଧାୟକ ରାମ କାଡାମ ଓ ସ୍ଥାନୀୟ ସରପଞ୍ଚ ରାଜ କିଶୋର ଲେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ। ୪ଦିନ ହେଲା ଅଗ୍ନିଶମ ବିଭାଗର ୩ଟି ଏବଂ ଓଡ୍ରାଫର ଗୋଟିଏ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଅନ୍ୟ ଜଣଙ୍କର ପତା ମିଳୁନଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନା ଯୋଗ୍ୟ ଗତ ୧ତାରିଖ ଦିନ ସ୍କୁଲ ଛୁଟି ହେବାପରେ ତିନିଜଣ ସାଙ୍ଗ ଶିବ ହନ୍ତାଳ, ଅମିତ ହନ୍ତାଳ ଓ ଗୌତମ ଖେମୁଣ୍ଡୁ ଜଲାପୁଟ ଜଳଭଣ୍ଡାରକୁ ଫଟୋ ଉଠାଇବାକୁ ଯାଇଥିଲେ। କୂଳରେ ଲାଗିଥିବା ଗୋଟିଏ ଦେଶୀ ଡଙ୍ଗାରେ ଜଳଭଣ୍ଡାର ମଧ୍ୟକୁ ଯାଇଥିଲେ। ତେବେ ଡଙ୍ଗାରେ ପାଣି ଭର୍ତି ହୋଇ ବୁଡି ଯାଇଥିଲା। ଗୌତମ ପହଁରା ଜାଣିଥିବାରୁ କୌଣସି ପ୍ରକାର କୂଳକୁ ଆସି ଗାଁରେ ଖବର ଦେଇଥିଲେ। ପରିବାର ଏବଂ ପୋଲିସ ପହଂଚିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା।

# ଗ୍ୟାସ ସିଲିଣ୍ଡର ଫାଟି ଶ୍ରମିକ ମୃତ

ଚିକିଟୀ/ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍ ) : ପୋଲିସ ଜିଲ୍ଲା ଅନ୍ତର୍ଗତ କେ. ନୂଆଗାଁ ଥାନା ଅଧିନସ୍ତ ଜେନାପୁର ଗ୍ରାମର ପାଞ୍ଚଜଣ ଯୁବକ ନିଜ ପେଟ ପାଟଣା ସକାଶେ ସୁଦୂର ବେଙ୍ଗଲୁରୁରେ କାମ ଧନ୍ଦା କରିବା ସକାଶେ ଗତ ମାସରେ ଯାଇଥିଲେ। ସେଠାରେ ଗୋଟିଏ ସ୍ପେୟାର ପାର୍ଟ କଂପାନୀରେ କାମ କରିଆସୁଥିଲେ। ଉକ୍ତ ଶ୍ରମିକ ମାନେ ନିଜର କାମ ଧନ୍ଦା ସାରି ନିଜ ରହିବା ଜାଗାରେ ରୋଷେଇ କରିବା ସକାଶେ ପ୍ରସ୍ତୁତ ହୋଇ ଗ୍ୟାସ ଷ୍ଟୋଭ ନିକଟରେ ଅଗ୍ନି ସଂଯୋଗ କରିବା ବେଳେ ହଠାତ ନିଆଁ ଲାଗିଯାଇଥିଲା। ଚାଁହୁ ଚାଁହୁ ନିଆଁ ସାରା ରୁମ୍‌ରେ ବ୍ୟାପି ଯାଇଥିଲା। ନିଆଁ ଭୟରେ ପାଞ୍ଚ ଜଣ ରୁମ୍‌ରୁ ବାହାରିବାକୁ ଚେଷ୍ଟା କରୁ କରୁ ମଧ୍ୟ ଗୁରୁତର ଭାବରେ ପୋଡି ଯାଇଥିବା ସୂଚନା ପ୍ରକାଶ ପାଇଥିଲା। ଗ୍ୟାସ ନିଆଁରେ ପୋଡି ହୋଇଯାଇଥିବା ଶ୍ରମିକ ମାନେ ହେଲେ ସନ୍ତୋଷ ବେହେରା, ପବିତ୍ର ସେଠି, ରୁନା ସାହୁ, ବିପିନ ସେଠି, ସାରଥୀ ସେଠି। ଉକ୍ତ ଆହତ ମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକସ୍ଚା ନିମନ୍ତେ ମେଡିକାଲ ପଠାଇଥିଲେ। ଏପଟେ ଖବର ପାଇ ନିଜ ପରିବାର ଲୋକ ଡହଳ ବିକଳ ହୋଇ ଆହତ ମାନଙ୍କୁ ଦେଖିବା ସକାଶେ ବ୍ୟାକୁଳ ହୋଇ ରହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ଆହତ ମାନଙ୍କୁ ନିଜ ଘରକୁ ଫେରିଆସିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ବ୍ଲକ ଅନ୍ତର୍ଗତ ମାଳିସାହି କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା ସ୍ଥାନୀୟ ପୂଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରନ ସେଠୀ, ସମ୍ମାନିତ ଅତିଥି ପୌର ପରିଷଦ ଉପାଧ୍ୟକ୍ଷା ସବିତା ପଣ୍ଡା ଓ ଏବିଇଓ ଯନସନ ବେନ୍ୟା ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ନିପୁଣ ଗୀତ ଗାନ କରାଯାଇ ଶପଥ ପାଠ କରାଯାଇଥିଲା। କୋରାପୁଟର ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀ ନିପୁଣ ଓଡିଶାର ଲକ୍ଷ୍ୟ ଓ ଗୁରୁତ୍ୱ ନେଇ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ୧୦ ବିଦ୍ୟାଳୟରୁ ୧୪୦ଜଣ ଛାତ୍ରଛାତ୍ରୀ ଏବଂ ୯୫ ଜଣ ଅଭିଭାବକ ଉପସ୍ଥିତ ଥିଲେ । ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନାତ୍ମକ କାର୍ଯ୍ୟକଳାପ ଓ ମତାମତ କେନ୍ଦ୍ର ଆଦି ୪ଷ୍ଟଲ ପ୍ରଦର୍ଶନ କରାଯାଇଥିଲା । ସମସ୍ତ ଛାତ୍ରଛାତ୍ରୀଙ୍କୁ ଲିଖନ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଶିକ୍ଷକମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ପ୍ରମୋଦ ଡାକୁଆ ମଂଚ ପରିଚାଳନା କରିଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମଧୁ ସୁଚେନ୍, ଜେ ରିତ ଓ ସତ୍ୟାଚଂଳ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଅନୁସୂଚିତ ଜାତି ଓ ଜନ ଜାତି ବିଭାଗ ପକ୍ଷରୁ ୩ ଦିନିଆ ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ ୨୦୨୫ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଠାରେ ଆରମ୍ଭ ହେଇଛି । ମୁଖ୍ୟ ଅତିଥି ଭାବରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ମାଝି, ଜିଲ୍ଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ, ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ, ଉମରକୋଟ ପୌର ପରିଷଦ ଅଧକ୍ଷା ରାଧା ଭତ୍ରା, ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଓ ମଙ୍ଗଳ ବିଭାଗର ଜିଲ୍ଲାର ସମସ୍ତ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଉପସ୍ଥିତରେ କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହାୟତାରେ କ୍ରୀଡ଼ାବିତଙ୍କ ଦ୍ୱାରା ଅଣାଯାଇଥିବା ମସାଲକୁ ପୂଜା ଅର୍ଚ୍ଚନା କରି ମଞ୍ଚରେ ସ୍ଥାପନ କରାଯାଇଥିଲା। ଶ୍ରୀ ଗଣେଶଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହେଇଥିଲା । ପରେ ଜିଲ୍ଲାର ୧୦ ଗୋଟି ବ୍ଲକରୁ ଆସିଥିବା ୧୦୦୮ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖେଳ ପଡିଆରେ ଏକ ପ୍ୟାରେଡ଼ କାର୍ଯ୍ୟକ୍ରମ ହୋଇଥିଲା। ୧୦୦ ମିଟର ଦୌଡ ପ୍ରତିଯୋଗୀତା, ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟ୍ ପୁଟ ପ୍ରତିଯୋଗିତା ଅନୁଷ୍ଠିତ ହେଇ ଥିଲା। ସମଗ୍ର ଜିଲ୍ଲାରୁ ୧୦୦୮ କ୍ରୀଡ଼ା ବିତ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବ ୬ ତାରିଖ ଦିନ ଅନୁଷ୍ଠିତ ହେବ।

# କ୍ୟାବିନେଟ ମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଶିବିର



ବାରିପଦା, (ଭାସ୍କର ନ୍ୟୁଜ୍ ) : ଓଡିଶା ସରକାରଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ମାନ୍ୟବର କ୍ୟାବିନେଟ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ଦିନ ମୋରଡା ବ୍ଲକ ବୈଠକ ଗୃହରେ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୫୦୦ରୁ ଉର୍ଦ୍ଧ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ମାନ୍ୟବର ମନ୍ତ୍ରୀ ଶ୍ରୀ ମହାପାତ୍ର, ଜନସାଧାରଣଙ୍କ ଅଭିଯୋଗ ଗୁଡିକ ଶୁଣି ସେସବୁର ଆବଶ୍ୟକ ସମାଧାନ ପାଇଁ ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡିକର ତୁରନ୍ତ କାର୍ଯ୍ୟକାରିତା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଅଭିଯୋଗ ଶୁଣାଣୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଧର୍ମାନନ୍ଦ ବେହେରା, ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାମ ଚନ୍ଦ୍ର ସୋରେନ, ମୋରଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଣାକାର ନାୟକ, ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ଏବଂ ଓ ଏସ ଡି ରଜନୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥବା ବେଳେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଅଭିଯୋଗ ପତ୍ର ଗୁଡିକ ଗ୍ରହଣ କରିଥିଲେ। ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ସରକାରୀ ଅନୁଦାନ ପ୍ରାପ୍ତ ଗୃହ ନିର୍ମାଣ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଜମି ପଟ୍ଟା, ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ଓ ପରିମଳ, ଉଠାଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜମି ସୀମାଙ୍କନ, ନିର୍ମାଣ ଶ୍ରମିକ ସହାୟତା, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ, ଶିକ୍ଷା, ଆଇନ ଶୃଙ୍ଖଳା ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ଇତ୍ୟାଦି ସମସ୍ୟା ଥିଲା। ଏହି ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜନ ଶୁଣାଣୀ ଶିବିର ମୋରଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ପାଣିପାଇଁ ହନ୍ତସନ୍ତ ଅନ୍ତେବାସୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଦୀର୍ଘ ଦୁଇରୁ ତିନିମାସ ହେବ ଛାତ୍ର ନିବାସରେ ପାଣି ନଥିବାରୁ ଆଶ୍ୱସ୍ଥ୍ୟ ପରିବେଶରେ ରହୁଛନ୍ତି ଅନ୍ତେବାସୀ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ ମିଳୁନି ସୁଫଳତା, ଅସ୍ୱାସ୍ଥ୍ୟ ପରିବେଶ ମଧ୍ୟରେ ବାଧ ହୋଇ ମୁଣ୍ଡଗୁଞ୍ଜି ରହିଛନ୍ତି ଅନ୍ତେବାସୀ। ବାହାରକୁ ଯିବାକୁ ପଡୁଛି ଶୌଚ ହେବାପାଇଁ। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କାଲିମେଲା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ପଞ୍ଚାୟତର ମଙ୍ଗଳ ବିଭାଗୀୟ ଉଚ୍ଚ ବିଦ୍ୟାଳୟରେ, ଛାତ୍ର ମାନଙ୍କ କହିବା ଅନୁଯାୟୀ ଦୀର୍ଘ ତିନି ମାସ ହେବ ଛାତ୍ର ନିବାସରେ ପାଣି ନାହିଁ, ଆମ୍ଭେ ସମସ୍ତେ ଦିନରେ ନାଳକୁ ଏବଂ ରାତିରେ ପାଣି ବାଲ୍ଟି ଧରି ବାହାରକୁ ଶୌଚ ହେବାକୁ ଯାଉଛୁ। ଗତ ରାତି ସାଢ଼େ ନଅ ଟା ସମୟରେ ଖାଇ ସାରିବା ପରେ ଜଣେ ଛାତ୍ରକୁ ଝାଡା ଲାଗିଥିଲା ସେ ଆଉ ଦୁଇ ଜଣଙ୍କୁ ସାଙ୍ଗରେ ଧରି ବାହାରକୁ ଝାଡା ଯାଇଥିଲା ନବମ ଶ୍ରେଣୀ ଛାତ୍ର ରିଗାନ ମାଡକାମୀ ଗଛରେ ଝୁଲୁଥିବା ଦେଖି ଚିତ୍କାର କରି ସେମାନେ ଶିକ୍ଷକଙ୍କୁ ଜଣାଇଥିଲେ, ନଚେତ ପରଦିନ ଛାତ୍ର ରିଗାନର ପତା ମିଳିଥାନ୍ତା। ବିଦ୍ୟାଳୟ ପରିବେଶ ବହୁ ଅପରିଷ୍କାର ମଧ୍ୟରେ ଛାତ୍ରଛାତ୍ରୀ ମାନେ ବସବାସ କରୁଥିବା ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ଗୋଷ୍ଠୀ ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୁଜାରୀଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି ଏ ବିଷୟରେ ଅବଗତ ନଥିଲେ। ଆଜି ମୁଁ ଜାଣିବାକୁ ପାଇଲି ଦିନେ କିମ୍ବା ଦୁଇଦିନ ମଧ୍ୟରେ ପାଣିର ସୁବିଧା ଛାତ୍ର ମାନେ ପାଇ ପାରିବେ। ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଆଜି ଛାତ୍ର ମୃତ୍ୟୁ ଘଟଣାରେ ତଦନ୍ତ ପାଇଁ ଆସି ସମସ୍ତ ସମସ୍ୟାର ଅନୁଧ୍ୟାନ କରି ଯାଇଛନ୍ତି ସମସ୍ତ କାର୍ଯ୍ୟ ତୁରନ୍ତ କରାଯିବାର ପ୍ରତିସୃତି ଦେଇଛନ୍ତି। ଷଷ୍ଠ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟରେ ମୋଟ ୫୨୧ ଛାତ୍ରଛାତ୍ରୀ ଥିବା ବେଳେ ୩୫୪ ଛାତ୍ର ୧୬୭ ଛାତ୍ରୀ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ଶିକ୍ଷକ ଶିକ୍ଷୟତ୍ରୀଙ୍କ ସଂଖ୍ୟା ୧୩ ଥିବା ମଙ୍ଗଳ ଅଧିକାରୀ ଶ୍ରୀ ପୁଜାରୀ କହିଛନ୍ତି। ପ୍ରଧାନ ଶିକ୍ଷୟତ୍ରୀ ମମତା ପ୍ରଧାନଙ୍କ ଶହ ଯୋଗାଯୋଗ ହୋଇ ପାରିନାହିଁ।

# ମହରାପଦର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟବକ୍ତା ରୂପେ ଭୁବନେଶ୍ୱର କଷ୍ଟ ଆଣ୍ଡ ଆକାଉଣ୍ଟର ଆଞ୍ଚଳିକ ମୁଖ୍ୟ ମୁକେଶ କୁମାର ଚୌବେ, ସମ୍ମାନୀତ ଅତିଥି ରୂପେ ବ୍ଲକ ସହ ଶିକ୍ଷା ଅଧିକାରୀ ରଦ୍ରଦେବ ଷଡ଼ଙ୍ଗୀ, ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ପରିବେଶ କର୍ମୀ ଡ଼ ଅଭୟ ତ୍ରିପାଠୀ, ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ମହିନାଥ ସୁନା, ଶେଷ ଧରୁଆ, ଖବର ଦାତା ତାପସ ରଂଜନ ବେହେରା ପ୍ରମୁଖ ଯୋଗଦେଇ ଉଚ୍ଚ ଶିକ୍ଷା ଓ ଶୃଙ୍ଖଳା ଜ୍ଞାନ ପାଇଁ ଉଚ୍ଚ ବିଦ୍ୟାଳୟର ରହିଛି ଗୁରୁଭୂମିକା ବୋଲି ଅତିଥି ମାନେ କହିଥିଲେ। ସେହି ପରି ସମୟାନୁବର୍ତ୍ତିତା ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉମାକାନ୍ତ ମାଝୀ ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର କୁମାର ପୁରୋହିତ, ଖିରସିନ୍ଧୁ ବେହେରା, କିଶୋର କୁମାର ବେହେରା ପ୍ରମୁଖ ଶିକ୍ଷକ, ଛତ୍ରଛାତ୍ରି ଉପସ୍ଥିତ ଥିଲେ। ଶେଷରେ ସଂସ୍କୃତ ଶିକ୍ଷକ କୃପାସିନ୍ଧୁ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ଗୌରବଙ୍କ ଶ୍ରାଦ୍ଧ ଦିବସ ପାଳିତ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ସଦର ମହକୁମାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରନ ସେଠୀ, କୋରାପୁଟ ପୌର ନିର୍ବାହୀ ଅଧିକାରୀ ସୟଦ ସବିର ସାହା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ରୂପକ ତୁରୁକ, ଅଶ୍ୱିନୀ ପଟ୍ଟନାୟକ, କାମାକ୍ଷା ମାଝି, ଭବାନୀ ଶଙ୍କର ମିଶ୍ର, ସତ୍ୟନାରାୟଣ ପ୍ରଧାନ ପ୍ରମୁଖଙ୍କ ସହିତ ଅନ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ କରିଥିଲେ।

# ଗ୍ରାମୀଣ ଓଡିଶାର ରୂପାନ୍ତର: ଉଦ୍‌ଘାଟିତ ହେଲା 'ବିକଶିତ ଗାଁ ବିକଶିତ ଓଡିଶା'



ବିଷମକଟକ, ( ଭାସ୍କର ନ୍ୟୁଜ୍ ) : ବିଷମକଟକ ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ମୋହନ ସରକାରଙ୍କ ଉଚ୍ଚାଭିଳାଷୀ 'ବିକସିତ ଗାଁ ବିକସିତ ଓଡିଶା' ( ବିଜିବିଓ ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବୁଧବାର ଦିନ ୧୧ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭରତୁଆଲ ମୋଡ଼ରେ ଏହାର ଶୁଭାରମ୍ଭ କରିଥିବା ବେଳେ ଗ୍ରାମୀଣ ଓଡିଶାର ରୂପାନ୍ତର ପାଇଁ ରାଜ୍ୟ ବ୍ୟାପି ଏହି ଯୋଜନା ଆଜି ଠାରୁ ଲାଗୁ କରାଯାଇଛି। ପ୍ରତ୍ୟେକ ବ୍ଲକ ତଥା ଗ୍ରାମ ପଞ୍ଚାୟତରେ ସମଗ୍ର ଗ୍ରାମୀଣ ବିକାଶକୁ ଆଗେଇ ନେବା ପାଇଁ ପରିକଳ୍ପିତ ଏହି ପଦକ୍ଷେପ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଥିବା ବେଳେ ବିଷମକଟକ ଠାରେ ଏହାର ପ୍ରସ୍ତୁତି ଓ ସଫଳ ଆୟୋଜନ ନେଇ ବ୍ଲକ ପ୍ରଶାସନ ସମସ୍ତ ପ୍ରକାର ଉତ୍ସାହିତ ରହିଥିବା ଜଣାପଡିଛି ଓ ଏକ ପାଞ୍ଚ ବାର୍ଷିକ ବିକାଶର ରୋଡମ୍ୟାପ୍, ଯାହା ଗ୍ରାମାଞ୍ଚଳରେ ରହିଥିବା ଭିତିଭୂମି ଓ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବାରେ ରହିଥିବା ପ୍ରତିବନ୍ଧକକୁ ଦୂର କରିବା ସହ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ନିରନ୍ତର ଅଭିବୃଦ୍ଧି ତଥା ଉନ୍ନତ ମାନର ଜୀବନ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିବା କୁହାଯାଉଛି। ସରକାରଙ୍କ ଦୂରଦୃଷ୍ଟି ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଥିବା ବେଳେ ଏହି ଯୋଜନା ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଓ ଏଥିରେ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ଜଣାପଡିଛି। ଏହା ମାଧ୍ୟମରେ ମୌଳିକ ଭିତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢୀକରଣ, ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡ଼ା ଭିତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ଆଦି ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି। "ଏହି ପଦକ୍ଷେପ ଓଡିଶାର ଗ୍ରାମୀଣ ବିକାଶ ଦିଗରେ ଏକ ମାଇଲଖୁଣ୍ଟ ହେବ ଯାହା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆମେ ପ୍ରତ୍ୟେକ ଗ୍ରାମକୁ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ କରାଇବା ପାଇଁ ଉତ୍ସର୍ଗୀକୃତ ବୋଲି ଗଣମାଧ୍ୟମକୁ ଉତ୍ତର ରଖିବା ବେଳେ ବିଧାୟକ ପ୍ରତିନିଧି ବିଜୟ କିଶୋର ପଟ୍ଟନାୟକ ସ୍ପଷ୍ଟ କରିଥିଲେ। ବିଷମକଟକ ବିଡିଓ ସଦାଶିବ ନାୟକ ତଥା ଅତିରିକ୍ତ ସହକାରୀ ଯନ୍ତ୍ରୀ ଦାୟତ୍ୱରେ ଥିବା ସୁଶ୍ରୀ ଝରଣା ତ୍ରିପାଠୀ ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି, ସ୍ଥାନୀୟ ନେତା, ଏବଂ ବ୍ଲକର ବିଭିନ୍ନ ସ୍ଥାନରୁ ସମ୍ପ୍ରଦାୟର ପ୍ରତିନିଧୀ ଓ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳତାର ସମ୍ପନ୍ନ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ପ୍ରତିନିଧି, ସାଂସଦ ପ୍ରତିନିଧି କୃଷ୍ଣ ନାଣକା, ପଞ୍ଚାୟତ ସମିତି ଅଧକ୍ଷା, ଉପାଧକ୍ଷ ଦେବି ପ୍ରସାଦ ପଟ୍ଟନାୟକ, କ ଓ ଖ ଜୋନ ଜିଲ୍ଲାପରିଷଦ ସଭ୍ୟା ଓ ଭାରତୀୟ ଜନତା ପାର୍ଟିର ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କୁଜଙ୍ଗ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ(ସୋପରା) ଗ୍ରାମରେ ଥିବା ମା' ଓଳେଗ ଚଣ୍ଡୀ ପୀଠରେ ସ୍ଥାନୀୟ ସିଓର ସକ୍ସେସ କ୍ଲବ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଶ୍ରୀ ଶ୍ରୀ ନିତାଇ ଗୌରାଙ୍ଗ ମହାପ୍ରଭୁଙ୍କ ସପ୍ତମ ବାର୍ଷିକ ଅଷ୍ଟପ୍ରହର ନାମସଂକୀର୍ତ୍ତନ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଅଧିବାସ, ସେବାପୂଜା, ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଅଖଣ୍ଡ କୀର୍ତ୍ତନ ପରିବେଷଣ, ନଗର କୀର୍ତ୍ତନ, ଦଧି ହାଣ୍ଡି ଭଞ୍ଜନ,ଅହୋରାତ୍ର ପ୍ରସାଦ ସେବନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞ ଦିନ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତି ସମସ୍ତ ଗ୍ରାମବାସୀମାନଙ୍କୁ ଅତ୍ୟନ୍ତ ଉତ୍ସାହିତ କରିଥିଲା। ଗ୍ରାମର ଯୁବକ ସତ୍ୟଜିତ ସ୍ୱାଇଁ କର୍ତ୍ତା ହୋଇଥିବା ବେଳେ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଂଖେଶ୍ୱର ପ୍ରସାଦ ମହାନ୍ତି, ଅଭୟ ସ୍ୱାଇଁ, କୁନେଶ ବାରିକ,ଘନଶ୍ୟାମ ମଲ୍ଲିକ, ସତ୍ୟାନନ୍ଦ ବେହେରା,କସ୍ତୁରୀ ମାଝୀ,ନିରଞ୍ଜନ ମାଝୀ, ଶୁକଦେବ ମାଝୀ, ଶଙ୍କର ସ୍ୱାଇଁ, ନିରଞ୍ଜନ ବେହେରା,ଛବି ମାଝୀ, ପ୍ରଦୀପ ବେହେରା,ପ୍ରଶାନ୍ତ ସୁତାର, ରତୀନ୍ଦ୍ର ସୁତାର,ପ୍ରଭାକର ବାରିକ, ମନ୍ମଥ ଦଳାଇ, ଧନେଶ୍ୱର ମଲ୍ଲିକ, ଗଣେଶ୍ୱର ମଲ୍ଲିକ, ଗୋପୀନାଥ ବେହେରା,ଦିବାକର ବେହେରା, ମନୋରଞ୍ଜନ ବାରିକ,ସୁର ବେହେରା, ସୁଧାଂଶୁ ଶେଖର ବେହେରା,ପପୁ ମଲ୍ଲିକ ଏବଂ ପ୍ରଦୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମର ଆୟୋଜନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ନାମ ସଂକୀର୍ତ୍ତନରେ ଗ୍ରାମବାସୀ ବୃନ୍ଦ ଏବଂ ସିଓର ସକ୍ସେସ କ୍ଲବର ସଭ୍ୟ ବୃନ୍ଦ ସହାୟତା କରିଥିଲେ।

# ସିଆର୍‌ପି ଓ ଏମ୍‌ବିକେଙ୍କ ବିରୁଦ୍ଧରେ ଅଭିଯୋଗ ଏମଭି-୫୩ ଗ୍ରାମରେ ପହଞ୍ଚିଲେ ବିଡ଼ିଓ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଏମଭି -୫୩ ଗ୍ରାମରେ ଥିବା ମୋଟ ୧୩ ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ସମେତ ଗ୍ରାମବାସୀ ଜାନୁଆରି ୨୭ ତାରିଖ ଦିନ କୋରୁକୋଣ୍ଡା ବିଡ଼ିଓଙ୍କୁ ଓଡିଶା ଜୀବିକା ମିସନ ସଂସ୍ଥାରେ କାର୍ଯ୍ୟରତ ଥିବା ଏମଭି-୫୩ ଗ୍ରାମର ସିଆରପି ଓ ପୋଟ୍ରେଲ ପଞ୍ଚାୟତର ଏମବିକେଙ୍କ ବିରୁଦ୍ଧରେ ଲିଖୀତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ ଥିଲା କି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ କୁଣ୍ଡରେ ମାଛ ଯାଆଁଳ ଚାଷ ପାଇଁ ଏମ୍ଭି-୫୩ ଗ୍ରାମକୁ ଓଡିଶା ଜୀବିକା ମିଶନ ସଂସ୍ଥା ପକ୍ଷରୁ ଯୋଗାଇ ଦିଆଯାଇଥିବା ୫ ଲକ୍ଷ ଟଙ୍କା ଅନୁଦାନରେ ବାୟୋଫ୍ଲକ ୟୁନିଟକୁ ଗ୍ରାମର କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଗ୍ରାମବାସୀଙ୍କୁ ନ ଜଣାଇ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବାବା ଲୋକନାଥ ମଞ୍ଚ ସହ କୌଣସି ବୈଠକ କିମ୍ବା ଆଲୋଚନା ନକରି ବେଆଇନ ଭାବେ ଗ୍ରାମର ସିଆରପିଙ୍କ ନିଜ ଜମିରେ କିପରି ଭାବେ କରାଯାଇଛି। ଅଭିଯୋଗ ପତ୍ର ପାଇବା ପରେ ବିଡ଼ିଓ ଅମୂଲ୍ୟ ସାହୁ ଉକ୍ତ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିବା ସହ ଏହି ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ କରାଯିବ ବୋଲି ବିଡ଼ିଓ ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଡ଼ିଓ ଶ୍ରୀ ସାହୁ ଏମ୍ଭି – ୫୩ ଗ୍ରାମରେ ପହଁଞ୍ଚି ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ସହ ଓଡିଶା ଜୀବିକା ମିଶନର ବିଏସି ଦୀପକ ବାଇନ ମଧ୍ୟ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ବିଡ଼ିଓ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ କହିଥିଲେ କି, ଏହି ପ୍ରକଳ୍ପଟିକୁ ଗ୍ରାମର କେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ଚଳାଇବେ ସେ ନେଇ ଗ୍ରାମର ସମସ୍ତ ୧୩ ଟି ଗ୍ରୁପର ମହିଳା ସଦସ୍ୟା ଏବଂ ଗ୍ରାମବାସୀ ମିଳିତ ଭାବେ ଆଲୋଚନ କରି ଆସନ୍ତା ୫-୬ ଦିନ ମଧ୍ୟରେ ନିଷ୍ପତି ନେଇ ଜଣାଇଲେ ମୁଁ ପୁନର୍ବାର ଉକ୍ତ ଗ୍ରାମକୁ ଯାଇ ଏହାର ସ୍ଥାୟୀ ସମାଧାନ କରିବି ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ତରଫରୁ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପାଞ୍ଚ ହଜାର କୋଟି ଟଙ୍କା ବ୍ୟୟ ବରଦାରେ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରି ହେବ। ଏଇ କ୍ଷେତ୍ରରେ ସ୍ଥାନୀୟ ବ୍ଲକ ପଡିଆ ଠାରେ ପଞ୍ଚାୟତ ସମିତି ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ମୋହନ ଚରଣ ମାଝି ଆଭାସୀ ଜରିଆରେ ଶୁଭ ଉଦ୍‌ଘାଟନ କରିଥିବା ବେଳେ ପଞ୍ଚାୟତ ସମିତି ଅଧକ୍ଷ୍ୟା ସୁଆଇ କୁଲେସିକା, ଉପାଧକ୍ଷା ଆରତୀ କୁଲଦୀପ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଓ ବିଜେପି ସମର୍ଥିତ ସରପଞ୍ଚ ସମିତି ସଭ୍ୟଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଡ଼ିଓ ଗୁରେଶ୍ୱର ଭୋଇ ପରିଚାଳନା କରିଥିବା ବେଳେ ଏଇଏମ.ପବନ କୁମାର, ଜିପିଓ ସୁଧୀର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି କ୍ଷେତ୍ରରେ ପ୍ରବଳ ଭିଡ଼ ପରିଲିକ୍ଷିତ ହୋଇଥିବା ବେଳେ ପ୍ରତ୍ୟେକ ପଞ୍ଚାୟତର ଲୋକ ପ୍ରତିନିଧି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ। ଦୁର୍ଗମ ଅଞ୍ଚଳରେ ରାସ୍ତା ନିର୍ମାଣ, ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତି କରଣ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ନୂତନ ଅଭିନବ ଜନମଙ୍ଗଳ କାରୀ ବହୁମୁଖୀ ପ୍ରକଳ୍ପ ନିର୍ମାଣ ଭଳି ଯୋଜନା ଏଥିରେ ସାମିଲ ରହିଥିବା ବେଳେ କେତେ ଦୂର ଏହା କାର୍ଯ୍ୟ କାରି ହେଇପାରୁଛି ତାହା ଦେଖିବାକୁ ବାକି ରହିଲା।

# କ୍ଲଷ୍ଟରସ୍ତରୀୟ ନିପୁଣ ମେଳା




ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠି ଶିକ୍ଷାଧିକାରୀ ଅଧିନସ୍ଥ କୁଲେଇ କ୍ଲଷ୍ଟର ସ୍ତରୀୟ ସହାୟତାରେ ଆୟୋଜିତ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଶିବିର ସ୍ଥାନୀୟ ଗେଙ୍ଗୁଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଏଫଏଲଏନ ଶିକ୍ଷକ ଶିକ୍ଷୟତ୍ରୀ ସେମାନଙ୍କ ଟିଏଲଏମ୍ ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଷ୍ଟଲରେ ଶିକ୍ଷଣୀୟ ପ୍ରକଳ୍ପ ଗୁଡିକ ଅତି ସୁନ୍ଦର ଭାବରେ ସାଜସଜ୍ଜା କରି ଆକର୍ଷିତ କରିଥିଲେ । ଏଥିରେ ଗେଙ୍ଗୁଟିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବସୁଲେଇର ପ୍ରଧାନ ଶିକ୍ଷକ ପିତାମ୍ବର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିପୁଣ ଓଡ଼ିଶାର ଲକ୍ଷ୍ୟ ଓ ଏହାର ଉପାଦେୟତା ସମ୍ପର୍କିତ ଛାତ୍ରଛାତ୍ରୀ ଅବିଭାବକ, ସ୍କୁଲ ପରିଚାଳନା କମିଟି, ଅଙ୍ଗନୱାଡ଼ି କର୍ମୀ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ । ତତ୍ ସହିତ ନିପୁଣ ଓଡ଼ିଶା ମେଳାର ତାତ୍ପର୍ଯ୍ୟ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଏଫଏଲଏମ କାର୍ଯ୍ୟକ୍ରମ, ଶିକ୍ଷଣ ସାମଗ୍ରୀ ଟିଏଲଏମର ବହୁଳ ବ୍ୟବହାର, ଜାତୀୟ ଶିକ୍ଷାନୀତି ୨୦୨୦, ପାଠ୍ୟ ଖସଡ଼ାର ସ୍ତର ୫+୩+୩+୪, ଆନନ୍ଦମୟ ଶିକ୍ଷା, ନାଚ, ଗୀତ, ଗଳ୍ପ, ଚିତ୍ର, ଖେଳ, ଭ୍ରମଣ ଓ ପ୍ରଦର୍ଶନୀ ମାଧ୍ୟମରେ ପିଲାଙ୍କୁ ଆକର୍ଷିତ କରାଯାଇ ପାଠ ପଢାରେ ନିୟୋଜିତ କରିବା ଏହାର ଏକ ମାତ୍ର ବିକଳ୍ପ ପନ୍ଥା ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ଦାସ ସମସ୍ତଙ୍କୁ ମାର୍ଗ ମାର୍ଗଦର୍ଶନ ଦେଇଥିଲେ। ଏହାକୁ ପାଥେୟ କରି କିପରି ବ୍ଲକସ୍ତରରୁ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନରେ ଅଧିଷ୍ଠିତ ହୋଇପାରିବ ସେଥି ପାଇଁ ସମସ୍ତେ ଚେଷ୍ଟିତ ରହିବା ନିତ୍ୟାନ୍ତ ଆବଶ୍ୟକ ବୋଲି ଶ୍ରୀ ଦାସ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ମେଳାରେ ପଞ୍ଚାୟତ ସରପଞ୍ଚ ମାମାଲି ଜେନା, ସିଆରସିସି ଜନାର୍ଦ୍ଦନ ସେଠୀ ଓ କୁଲେଇ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରନ୍ଦର ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ନିପୁଣ ଓଡ଼ିଶା ମେଳା ସମ୍ପର୍କିତ ସଙ୍ଗୀତ ପରିବେଷଣ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ବେହେରା ଅତିଥି ପରିଚୟ ଦେଇ ମଞ୍ଚ ସଞ୍ଚାଳନ କରିଥିଲେ । ସହକାରୀ ଶିକ୍ଷକ ଆକୁଳ କୁମାର ନାଏକ ନିପୁଣ ଓଡ଼ିଶା ବିକାଶ ଧାରାକୁ ଅଗ୍ରଗତି କରିବା ଦିଗରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ପରିଶେଷରେ ବସୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରଣୀ ସେନ ଭୂତିଆ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ସାଇ ଗୁରୁକୁଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସାଇ ଗୁରୁକୁଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୩ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଚେୟାରମ୍ୟାନ୍ ବିଜୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଭାଇସ୍ ଚେୟାରମ୍ୟାନ ସଂଯୋଜକ କୃଷ୍ଣ ଚନ୍ଦ୍ର ଘଡ଼ାଇଙ୍କ ସଂଯୋଜନାରେ, ବିଦ୍ୟାଳୟ ପରିସରରେ ଥିବା ନିଜସ୍ୱ ସଭା ମଂଚରେ ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସିବିଆଇ ତଥା ସୁସାହିତ୍ୟିକ ଭିକାରୀ ଚରଣ ରାଉତ ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ଆଧାତ୍ମିକ ଶିକ୍ଷା ଉପରେ ଦିଗ୍ ଦର୍ଶନ




ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡା.ଦେବୀ ପ୍ରସାଦ ମିଶ୍ର ଶିକ୍ଷାକ୍ଷେତ୍ରରେ ମୂଲ୍ୟବୋଧ ଶିକ୍ଷା ଆଜିର ପ୍ରମୁଖ ଆବଶ୍ୟକତା ବୋଲି ଦୃଢୋକ୍ତି ପ୍ରକାଶ କରିଥଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ବିଶିଷ୍ଟ ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ ପରିବେଶକୁ ରକ୍ଷା କରିବାପାଇଁ ଔଷଧୀୟ ଚାରା ରୋପଣ କରିବା ପାଇଁ ସୁପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ଉପଦେଷ୍ଟା ଉମା ପ୍ରସାଦ ପଟ୍ଟନାୟକ ଓ ରଶ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ବିଦ୍ୟାଳୟର ଅତୀତ ଓ ବର୍ତ୍ତମାନର ଗାରିମାକୁ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟରେ ନୈତିକ ଶିକ୍ଷା ଜରୁରୀ ବୋଲି ସ୍ୱୀୟ ଅଭିଭାଷଣରେ ଉଭୟେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧକ୍ଷ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମସ୍ତ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଦାସ, ନମିତା ପରିଡ଼ା, ଶକ୍ତିମୟୀ ସାହୁ, ରିତାଂଶୁ ମହାରଣା, ଅର୍ଚ୍ଚନା ମହାପାତ୍ର, ପିଙ୍କି ବେହେରା, ଗାୟତ୍ରୀ ସାହୁ, ସୁନିତା ବେହେରା, ସସ୍ମିତା ସାହୁ, ସୁଶ୍ରୀ ଶ୍ରୀୟା ସାହୁ ଓ ପ୍ରମୋଦ ଦେହୁରୀ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ୟୁନିଟ୍, ରେଡ୍ ରିବନ କ୍ଲବ ଓ ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଯୁକ୍ତ ଦୁଇ ଅଧକ୍ଷ ଗିରିଜା କୁମାର ଚୌଧୁରୀ ଅଧକ୍ଷତା କରିଥିବା ବେଳେ ଯୁକ୍ତ ତିନି ଅଧକ୍ଷ ବିଜୁ ମୁଦୁଲିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମୁଦାୟ ୪୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର




ମେଡିକାଲ ଅଫିସର ଡାକ୍ତର ନବକିଶୋର କୁଣ୍ଡୁ ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ସାଂସଦ ଶ୍ରୀ ଝିନ୍ନ ହିକକା, ସ୍ଥାନୀୟ ଆଇଆଇସି ସୁଜ୍ଞାନୀ ସାହୁ, ଲ୍ୟାମ୍ପ ସଭାପତି ରାଧେଶ୍ୟାମ ଯାନି ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ଧରଡ଼ା ହସି ସ୍କୁଲର ଶିକ୍ଷକ ରମେଶ କୁମାର ଦୋରା ରକ୍ତ ଦାନ କରି ସଭିଁଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ମହା ବିଦ୍ୟାଳୟର ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ମଧ୍ୟ ସ୍ୱାମୀ ଇଚ୍ଛାରେ ରକ୍ତଦାନ କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ଯୁକ୍ତ ଦୁଇ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଯଶୋବନ୍ତ ଗରଡା, ଯୁକ୍ତ ତିନି ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ସନ୍ତୋଷିନୀ ଦାସ ଓ ଜାତୀୟ ସେବା ଯୋଜନା ଅଧିକାରୀ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିବା ବେଳେ ସାମ୍ବାଦିକ ପରମେଶ୍ୱର ସାହୁ ସବୁ କ୍ଷେତ୍ରରେ ସହଯୋଗ କରିଥିଲେ।

# ଗାଁରେ ଏଲ୍‌ଇଡି ଲାଇଟ୍ ଯୋଜନା: ମିଟର ନଲଗାଇ ୪୦% ଚଳୁ ଅଭିଯୋଗ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝରର ଯେକୌଣସି ପଂଚାୟତର ଗୋଟିଏ ଗାଁ ହେଉ କି ନୟାଗଡ଼ର ଯେକୌଣସି ପଂଚାୟତର ଗୋଟିଏ ଗାଁ ହେଉ। ସାରା ରାଜ୍ୟର ୬,୭୯୪ ପଂଚାୟତର ଗୋଟିଏ ଲେଖାଏ ଗାଁରେ ଏଲଇଡି ଷ୍ଟ୍ରିଟ୍ ଲାଇଟରେ କୋଟି କୋଟି ଟଙ୍କା ଚଳୁ କରାଯାଇଥିବା ଦେଖାଯାଉଛି। ପ୍ରତି ଜିଲ୍ଲାର କାମକୁ ଗୋଟିଏ ଗୋଟିଏ ଏକଜିକ୍ୟୁଟିଭ୍ ଏଜେନସି ବା ବିଦ୍ୟୁତ କଣ୍ଟ୍ରାକ୍ଟରଙ୍କୁ ବାଣ୍ଟି ଦିଆଯାଇଛି। କେନ୍ଦୁଝରର ଯେକୌଣସି ପଂଚାୟତର ଗୋଟିଏ ଗାଁ ହେଉ କି ନୟାଗଡ଼ର ଯେକୌଣସି ପଂଚାୟତର ଗୋଟିଏ ଗାଁ ହେଉ। ସାରା ରାଜ୍ୟର ୬,୭୯୪ ପଂଚାୟତର ଗୋଟିଏ ଲେଖାଏ ଗାଁରେ ଏଲଇଡି ଷ୍ଟ୍ରିଟ୍ ଲାଇଟରେ କୋଟି କୋଟି ଟଙ୍କା ଚଳୁ କରାଯାଇଥିବା ଦେଖାଯାଉଛି। ପ୍ରତି ଜିଲ୍ଲାର କାମକୁ ଗୋଟିଏ ଗୋଟିଏ ଏକଜିକ୍ୟୁଟିଭ୍ ଏଜେନସି ବା ବିଦ୍ୟୁତ କଣ୍ଟ୍ରାକ୍ଟରଙ୍କୁ ବାଣ୍ଟି ଦିଆଯାଇଛି। ଆଉ ସେହି କଣ୍ଟ୍ରାକ୍ଟରମାନେ ଟେଣ୍ଡର ବା ୱାର୍କଅର୍ଡର ମୁତାବକ ଅଧିକାଂଶ ଜାଗାରେ କେବଲ୍ ସହିତ ମିଟର ନ ଲଗାଇ କେବଳ ଖୁଣ୍ଟିରେ ଏଲଇଡି ବଲବ ଲଗାଇ ଛାଡ଼ି ଦେଇଛନ୍ତି। ଆଉ ଏହି ବାଟରେ ପ୍ରତି ପଂଚାୟତ ପାଇଁ ରହିଥିବା ପ୍ରାୟ ୧ ଲକ୍ଷ ୨ ହଜାର ଟଙ୍କା କାମରୁ ୪୦ ହଜାର ଟଙ୍କାରୁ ଅଧିକ ଟଙ୍କାର ଯନ୍ତ୍ରାଂଶ ଓ ଲଗାଇବା ଖର୍ଚ୍ଚକୁ ଚଳୁ କରିଦେଇଛନ୍ତି। ୱାର୍କ ଅର୍ଡର ମୁତାବକ କେବୁଲ ବାବଦରେ ୨୫ ହଜାର ଟଙ୍କା ରହିଥିବାବେଳେ ବିଦ୍ୟୁତ ମିଟର ପାଇଁ ୧ ହଜାର ଟଙ୍କା ରହିଥିଲା। ମିଟର ପରିବହନ ଓ ଲଗାଇବା ଖର୍ଚ୍ଚ ଦେଖିଲେ ପ୍ରାୟ ୪୧, ୬୧୮ ଟଙ୍କା ଆତ୍ମସାତ୍ କରାଯାଇଥିବା ଦେଖାଯାଉଛି। ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଉଚିତ ବୋଲି କହିଛନ୍ତି ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଓ ବିଦ୍ୟୁତ ଇଂଜିନିୟର ଇଂ. ଅଜିତ କୁମାର ଭୂୟାଁ। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। କେନ୍ଦୁଝରର ଯେକୌଣସି ପଂଚାୟତର ଗୋଟିଏ ଗାଁ ହେଉ କି ନୟାଗଡ଼ର ଯେକୌଣସି ପଂଚାୟତର ଗୋଟିଏ ଗାଁ ହେଉ। ସାରା ରାଜ୍ୟର ୬,୭୯୪ ପଂଚାୟତର ଗୋଟିଏ ଲେଖାଏ ଗାଁରେ ଏଲଇଡି ଷ୍ଟ୍ରିଟ୍ ଲାଇଟରେ କୋଟି କୋଟି ଟଙ୍କା ଚଳୁ କରାଯାଇଥିବା ଦେଖାଯାଉଛି। ପ୍ରତି ଜିଲ୍ଲାର କାମକୁ ଗୋଟିଏ ଗୋଟିଏ ଏକଜିକ୍ୟୁଟିଭ୍ ଏଜେନସି ବା ବିଦ୍ୟୁତ କଣ୍ଟ୍ରାକ୍ଟରଙ୍କୁ ବାଣ୍ଟି ଦିଆଯାଇଛି। ଆଉ ସେହି କଣ୍ଟ୍ରାକ୍ଟରମାନେ ଟେଣ୍ଡର ବା ୱାର୍କଅର୍ଡର ମୁତାବକ ଅଧିକାଂଶ ଜାଗାରେ କେବଲ୍ ସହିତ ମିଟର ନ ଲଗାଇ କେବଳ ଖୁଣ୍ଟିରେ ଏଲଇଡି ବଲ୍ବ ଲଗାଇ ଛାଡ଼ି ଦେଇଛନ୍ତି। ଆଉ ଏହି ବାଟରେ ପ୍ରତି ପଂଚାୟତ ପାଇଁ ରହିଥିବା ପ୍ରାୟ ୧ ଲକ୍ଷ ୨ ହଜାର ଟଙ୍କା କାମରୁ ୪୦ ହଜାର ଟଙ୍କାରୁ ଅଧିକ ଟଙ୍କାର ଯନ୍ତ୍ରାଂଶ ଓ ଲଗାଇବା ଖର୍ଚ୍ଚକୁ ଚଳୁ କରିଦେଇଛନ୍ତି। ୱାର୍କ ଅର୍ଡର ମୁତାବକ କେବଲ ବାବଦରେ ୨୫ ହଜାର ଟଙ୍କା ରହିଥିବାବେଳେ ବିଦ୍ୟୁତ ମିଟର ପାଇଁ ୧ ହଜାର ଟଙ୍କା ରହିଥିଲା। ମିଟର ପରିବହନ ଓ ଲଗାଇବା ଖର୍ଚ୍ଚ ଦେଖିଲେ ପ୍ରାୟ ୪୧, ୬୧୮ ଟଙ୍କା ଆତ୍ମସାତ୍ କରାଯାଇଥିବା ଦେଖାଯାଉଛି। ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଉଚିତ ବୋଲି କହିଛନ୍ତି ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଓ ବିଦ୍ୟୁତ ଇଂଜିନିୟର ଇଂ. ଅଜିତ କୁମାର ଭୂୟାଁ। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର। ୨୦୧୫ରେ ଆରମ୍ଭ ହୋଇଥିବା ଜାତୀୟ ଷ୍ଟ୍ରିଟ୍ ଲାଇଟିଂ ପ୍ରୋଗ୍ରାମରେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ବର୍ଷେ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ପରିୟଡ ରହିଛି। ତା' ପରେ କଣ୍ଟ୍ରାକ୍ଟର ଆବଶ୍ୟକସ୍ଥଳେ ୫ ବର୍ଷ ପାଇଁ ଅଚଳ ଲାଇଟ୍ ମରାମତି କରିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କୌଣସି ମରାମତି ନ କରି ୫ ବର୍ଷର ମରାମତି ଖର୍ଚ୍ଚ ବାବଦକୁ ରହିଥିବା ପ୍ରାୟ ୨୮, ୭୨୦ ଟଙ୍କା ନେଇଯାଇଛନ୍ତି କଣ୍ଟ୍ରାକ୍ଟର।

# କଙ୍କରଦିଆରେ ସାଂସ୍କୃତିକ ମହୋତ୍ସବ



କୁଜଙ୍ଗ(ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତର କଙ୍କରଦିଆ ଗ୍ରାମରେ ବ୍ରଦର୍ସ ପୂଜା କମିଟି ତରଫରୁ ଦୁଇଦିନିଆ ସାଂସ୍କୃତିକ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଜେପି ନେତା ସତ୍ୟ ସାରଥୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ସମାଜ ସୁଧାରକ ଜ୍ୟୋତିର୍ବିଦ ଡ଼ଃ ଅରୁଣ କୁମାର ପାଣି, ସମ୍ମାନିତ ଅତିଥି ଭାବେ ବାଲିତୁଠ ମଣ୍ଡଳ ସଭାପତି ବିକ୍ରମଜିତ ସାମନ୍ତରାୟ, ନିରଞ୍ଜନ ପରିଡା ପ୍ରମୁଖ ଯୋଗଦାନ କରିଥିବା ବେଳେ, ଶିକ୍ଷକ ନେତା ବିନୋଦ ବିହାରୀ ମୁଦୁଲି ମଞ୍ଚ ପରିଚାଳନା କରିଥିଲେ। ରାକେଶ ସୁତାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାବୁଲି ଖଟୁଆ, ପ୍ରଭାସ ସୁତାର, କପିଳେନ୍ଦ୍ର ପ୍ରଧାନ , ତୃପ୍ତିକୃଷ୍ଣା ସାମନ୍ତରାୟ, ମନୋଜ ପ୍ରଧାନ, ଜଗନ୍ନାଥ ସିଂହ, ସୁଶାନ୍ତ କୁମାର ନାୟକ, ସୌଦାଗର ସ୍ୱାଇଁ, ଆଶୀର୍ବାଦ ପରିଡା, ବିକାଶ ସୁତାର, ପ୍ରସନ୍ନ କୁମାର ସାହୁ, ଲକ୍ଷ୍ମୀଧର ଖଟୁଆ, ଲଳିତ ପ୍ରଧାନ, ଜଗବନ୍ଧୁ ସାହୁ, ଉମେଶ ଚନ୍ଦ୍ର ସୁତାର, ଦେବେନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ, ସ୍ଥାନୀୟ ପ୍ରତିଭା ଧାରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଶିଫଳ

**ଗୁରୁବାର, ୬ ଫେବୃଆରୀ ୨୦୨୫**



**ମେଷ:** ବ୍ୟବସାୟରେ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ । ସାମାଜିକ ପ୍ରସଙ୍ଗରେ ବାହାରକୁ ଯିବାର ସମ୍ଭାବନା ରହିବ। ଏକ ମନୋରମ ସ୍ଥାନରେ ରହିବାକୁ ଉପଭୋଗ କରନ୍ତୁ ।



**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ । ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ । କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ । ମଧ୍ୟାହ୍ନ ଭୋଜନ ପରେ ଭଲ ଟ୍ରେଣ୍ଡ ଅଛି ।



**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ।



**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।



**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ । କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ । ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ । ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ । ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ । ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ । ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ ।



**ଧନୁ:** ଆଜି, ମନ ଆଧାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ । ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ । ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ । ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ ପରିବେଶ ରହିବ । ଆପଣ ଆଧାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ । ନିଷ୍ପତ୍ତି ଶକ୍ତିର ଅଭାବ ରହିବ । ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି ।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ । ପାରିବାରିକ ଜୀବନରେ ସମନ୍ୱୟ ରହିବ । ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ । ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ । ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ । ସାଙ୍ଗମାନେ ମଧ୍ୟ ଉପକୃତ ହେବେ । ମଧ୍ୟାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୁଚିଣ୍ଡା(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ 'ସାଂସଦ କ୍ରୀଡା ମହୋତ୍ସବ' ମାଧ୍ୟମରେ କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ ଠାରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ କୁଚିଣ୍ଡା ଉପଖଣ୍ଡସ୍ତରୀୟ ସାଂସଦ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଖେଳକୁଦ ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ଫାଇଙ୍ଗ ଡିସ୍କ, ସର୍ଟ ଫୁଟ ପ୍ରତିଯୋଗିତା ହୋଇଥିଲା । ଏହି ସାଂସଦ ଖେଳକୁଦ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଜେପି ସମ୍ବଲପୁର ଜିଲ୍ଲା ସାଧାରଣ ସମ୍ପାଦକ ସୁଶିଲ କର, କୁଚିଣ୍ଡା ନଗର ସଭାପତି ପ୍ରାଣବନ୍ଧୁ ନାଥ, ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ରାଜ୍ୟ ସଂଯୋଜକ ରବୀନ୍ଦ୍ର ଦାଶ, ଜିଲ୍ଲା ସଂଯୋଜକ ଚନ୍ଦ୍ର ଶେଖର ପାତ୍ର, ବିଜେପିର ସକ୍ରିୟ ସଦସ୍ୟ ମହେଶ ରାୟ, ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ବ୍ଲକ ସଂଯୋଜକ ମାନସ ଦେହୁରୀ ଉପସ୍ଥିତ ଥିଲେ ।

## ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିକାଣ୍ଡ

# ସିଲିଣ୍ଡର ଫାଟି ଉଡ଼ିଲା ଛାତ

## ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଲେ ରୋଗୀ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ନିକଟସ୍ଥ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଦାମ ଗୃହରେ ଆଜି ସିଲିଣ୍ଡର ଫାଟି ଘରର ଟିଣ ଉଡ଼ିଯିବା ସହ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି ହସ୍ପିଟାଲର କର୍ମଚାରୀ, ରୋଗୀ ଓ ତାଙ୍କ ସମ୍ପର୍କୀୟ । ମିଳିଥିବା ସୂଚନା ଅନୁସାରେ ଆଜି ପ୍ରାୟ ଦିନ ୧୧/୩୦ରେ ହସ୍ପିଟାଲର ଜଣେ କର୍ମଚାରୀ ଗୋଦାମ ଗୃହରୁ ଧୂଆଁ ଓ ଗନ୍ଧ ଆସୁଥିବା ଖବର ମେଡିକାଲ ସୁପରିଟେଣ୍ଡେଣ୍ଟ ଡକ୍ଟର ପତିତପାବନ ଦ୍ୱିବେଦୀଙ୍କୁ ଖବର ଦେଇଥିଲେ । ଡକ୍ଟର ଦ୍ୱିବେଦୀ ପ୍ରଥମେ ଉମରକୋଟ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇ ଗୋଦାମ ଗୃହ ନିକଟରେ ଥିବା ଇନଡୋରରେ ଚିକିତ୍ସିତ ହେଉଥିବା ପ୍ରାୟ ୫ ଜଣ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସେଠାରୁ ଦୂରରେ ଥିବା ଏକ କୋଠରୀକୁ ସ୍ଥାନାନ୍ତର କରି ଦେଇଥିଲେ । ଏଥିସହ ଆଉଟ୍ ଡୋରରେ ପ୍ରାୟ ୪୦ ରୋଗୀ ମଧ୍ୟ ଉପସ୍ଥିତ ଥିଲେ । ସେମାନଙ୍କ ଚିକିତ୍ସାକୁ ତୁରନ୍ତ ବନ୍ଦ କରି ବାହାରକୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ହସ୍ପିଟାଲ କର୍ତ୍ତୃପକ୍ଷ । ନିଆଁଟି ଧୀରେ ଧୀରେ ବ୍ୟାପିବା ଦେଖି ହସ୍ପିଟାଲରେ ନିୟୋଜିତ ସୁରକ୍ଷା କର୍ମୀମାନେ ଓ ଅନ୍ୟ କର୍ମଚାରୀ ମାନେ ଅଗ୍ନି ନିର୍ବାପକ ଯନ୍ତ୍ର ମାଧ୍ୟମରେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରୁଥିବା ସମୟରେ ଉମରକୋଟରୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । ତେବେ ମିଳିଥିବା ସୂଚନା ଅନୁସାରେ ନିଆଁ ଲାଗିଥିବା ଗୋଦାମ ଗୃହଟି ଏକ ପୁରୁଣା ଗୃହ ହୋଇଥିବା ବେଳେ ଲୁହ ଟିଣଘର ଥିଲା । ଏହି ଗୋଦାମ ଗୃହରେ ଦୀର୍ଘ ଦିନ ହେଲା କୋଭିଡ ସମୟରେ ଆସିଥିବା ପ୍ରାୟ ୧୫ଟି ଖାଲି ସିଲିଣ୍ଡର,୬ଟି ଅଗ୍ନି ନିର୍ବାପକ ଯନ୍ତ୍ର ଥିଲା । ଯେଉଁଥିରେ କି ୪ ଟା ଖାଲି ଥିଲା ଆଉ ୨ ଟିରେ ପୁରା ଗ୍ୟାସ ଭର୍ତ୍ତି ଥିଲା । ଏଥିସହ ଅପରେସନ ଗୃହରେ ବ୍ୟବହୃତ କିଛି ପୁରୁଣା ଯନ୍ତ୍ରପାତି ଥିଲା । ତେବେ ପ୍ରଥମେ ପାନେଲ ବୋର୍ଡରେ ସଟ୍ ସର୍କିଟ ହେଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ତେବେ ନିଆ ଯେତେବେଳେ ଅଣାୟତ୍ତ ହେଇ ଜୋରରେ ଲାଗିଲା ସବୁ କର୍ମଚାରୀ ଆଉ ଉପସ୍ଥିତ ବ୍ୟକ୍ତି ମାନେ ହସ୍ପିଟାଲ ବାହାରକୁ ପ୍ରାଣ ବିକଳରେ ଧାଇ ପଳାଇ ଥିଲେ । ତେବେ ଅନୁମାନ କରାଯାଉଛି ନିଆଟି ଗ୍ୟାସ ଭର୍ତ୍ତି ଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ସିଲିଣ୍ଡରରେ ନିଆଁ ଲାଗି ବ୍ଲାଷ୍ଟ୍ ହେଇଯାଇଥିଲା ଫଳରେ ଗୋଦାମ ଗୃହର ଛାତଟି ଉଡ଼ି ଯାଇଥିଲା । ନିଆଁଟି ଅତି ନିକଟରେ ଥିବା ଡିଜେଲ ଜେନେରେଟରକୁ ପହଞ୍ଚି ପାରିଲା ନାହି । ଯଦି ପହଞ୍ଚି ଥାଆନ୍ତା ତେବେ ବଡ ଧରଣ କ୍ଷୟକ୍ଷତି ଘଟିଥନ୍ତା । ବୋଲି ଅନୁମାନ କରିଛନ୍ତି ଡକ୍ଟର ପତିତ ପାବନ ଦ୍ୱିବେଦୀ । ତେବେ ଅଗ୍ନିକାଣ୍ଡ ଯୋଗୁ କାହାର କିଛି କ୍ଷୟକ୍ଷତି ନ ହେବା ଆଉ ସେତେଟା କୌଣସି ଯନ୍ତ୍ରପାତି ନଷ୍ଟ ହେଇନି ବୋଲି କହିଛନ୍ତି ମେଡିକାଲ ସୁପେରିଡେଣ୍ଟ ଡକ୍ଟର ପତିତପାବନ ଦ୍ୱିବେଦୀ । ତେବେ ବିସ୍ତୃତ ଅନୁସନ୍ଧାନ ପରେ ହିଁ ଜଣାପଡ଼ିବ ବୋଲି କହିଛନ୍ତି ଡକ୍ଟର ଦ୍ୱିବେଦୀ । ଖବର ପାଇ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସଂନ୍ତୋଷ କୁମାର ପଣ୍ଡା ଡକ୍ଟର ଦ୍ୱିବେଦୀ ଙ୍କ ସହ କଥା ହେଇ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିଛନ୍ତି । ଉମରକୋଟ ଅଗ୍ନିଶମ ବିଭାଗ ପକ୍ଷରୁ କେନ୍ଦ୍ରାଧିକାରୀ ଭାଗିରଥି ବାଣୁଆ, ଡ୍ରାଇଭର ଜଗଦୀଶ କାଣ୍ଡ, ଫାୟାରମ୍ୟାନ୍ ଶଙ୍କର ମାଝୀ, ଅ ।ଗ୍ନିକ ଯଦୁମଣି କୋକ, ଫାୟାର ମ୍ୟାନ ଧର୍ମେନ୍ଦ୍ର ସା ପ୍ରମୁଖ କର୍ମଚାରୀ ନିଆଁକୁ ଆୟତ୍ତ କରିବାରେ ସାହାଯ୍ୟ କରିଥିଲେ । ତେବେ ହସ୍ପିଟାଲରେ ନିଆଁ ଲାଗିବ । ଘଟଣା ଅଞ୍ଚଳରେ ପ୍ରଥମ ଥର ବୋଲି କୁହାଯାଉଛି ।

## ବିନା ଟେଣ୍ଡରରେ ଜେସିବି ଲଗାଇ ମୋରମ୍ ଲୁଟ୍



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ରାଜସ୍ୱ ବିଭାଗର କର୍ତ୍ତୃପକ୍ଷ ନିରବ ଦ୍ରଷ୍ଟା ସାଜିବାର କାରଣ କଣ ବୋଲି ବୁଦ୍ଧି ଜୀବୀ ମହଲରେ ଆଲୋଚନା ଚାଲିଛି । ପ୍ରକାଶ ଥାଉ କି ମାଲକାନଗିରି ଜିଲ୍ଲା ଏକ ଆଦିବାସୀ ଏବଂ ବନ ପାହାଡ ଘେରା ଜଙ୍ଗଲିଆ ଅଞ୍ଚଳ । ଏଠାରୁ ପଥର, ଗୋଡି, କଳା ପଥର, ଧଳା ପଥର, ମୋରମ ଇତ୍ୟାଦି ବହୁଳ ମାତ୍ରାରେ ଭରପୁର ରହିଛି । କିନ୍ତୁ କିଛି ଅସାଧୁ ଠିକାଦାର ରାଜସ୍ୱ ଫାଙ୍କି ସେସବୁ ପଥର, ମୋରମ ଇତ୍ୟାଦି ବିନା ଦ୍ୱିଧା ଏବଂ ବିନା ବାଧକ ରେ ସସବୁ ଚାଲାଣ କରୁଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ତିଗଲ ପଞ୍ଚାୟତର ତିଗଲ ଗ୍ରାମରେ । ପ୍ରକାଶ ଥାଉ କି ବ୍ଲକର ଏମ ଭି -୯୬ ଗ୍ରାମରୁ ତାମନପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତାର ମରାମତି ଏବଂ ପୋଲ ନିର୍ମାଣ କାର୍ଯ୍ୟ ଚାଲୁଛି । ରାସ୍ତାକଡରୁ ଧୋଇ ହୋଇ ଥିବା ମାଟିକୁ ପୁନଃ ପକାଇବା ପାଇଁ ତିଗଲ ମୌଜା ର ଖାତା ନମ୍ବର -୫୬୧ ଏବଂ ପ୍ଲଟ ନମ୍ବର - ୨୫୬୯ ରୁ ସକାଳୁ ସକାଳୁ ଗୋଟିଏ ଜେସିବି ଏବଂ ୪ ରୁ ୫ ଗୋଟି ଟ୍ରାକ୍ଟର ସାହାଯ୍ୟରେ ସେଠାରୁ ମୋରମ ନେଇ ସେହି ରାସ୍ତା ମରାମତି କାର୍ଯ୍ୟ ହେଉଥିବା ପରିଲକ୍ଷିତ ହୋଇଛି । ଏ ବିଷୟରେ ତିଗଲ ରାଜସ୍ୱ ନିରୀକ୍ଷକଙ୍କ ସହ ଯୋଗାଯୋଗ କରିବାରୁ ସେ ଏ ବିଷୟରେ କିଛି ଅବଗତ ନାହାନ୍ତି ଏବଂ ଏହା ଖଣି ବିଭାଗ ଦାୟିତ୍ୱରେ ରହିଛି ବୋଲି ପ୍ରକାଶ କରିଥିଲେ । ଯଦି ବିନା ଟେଣ୍ଡରରେ ଅବାଧ ମୋରମ ଉତ୍ତୋଳନ କରାଯିବ, ତାହାଲେ ସରକାରଙ୍କ ବହୁତ ରାଜସ୍ୱ ହାନି ହେବାସହ ଖଣିଜ ସମ୍ପଦ ନଷ୍ଟ ହେବ । ଏ ବିଷୟରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଥିବା ଦେଖିବାକୁ ମିଳିଛି ।

## ଭଗବାନ ମିଶ୍ର ସ୍ମୃତି ସମିତିର ପ୍ରସ୍ତୁତି ବୈଠକ



ବରଗଡ(ଭାସ୍କର ନ୍ୟୁଜ୍): ଆସନ୍ତା ୧୮ ଫେବୃଆରୀରେ ସ୍ୱର୍ଗତ ଭଗବାନ ମିଶ୍ରଙ୍କ ୮୯ତମ ଜୟନ୍ତୀ ପାଳନ ଉପଲକ୍ଷେ ଭଗବାନ ମିଶ୍ର ସ୍ମୃତି ସମିତି ର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ଦ୍ଦାର ପ୍ରୀତମ ସିଂଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଆସନ୍ତା ୧୮ରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ସନ୍ଧ୍ୟା ୬ ଟା ସମୟରେ ଜୟନ୍ତୀ ପାଳନ କରାଯିବା ନେଇ ନିଷ୍ପତ୍ତି ନିଆଗଲା । ଏହି ଅବସରରେ ବରଗଡ଼ ଜିଲ୍ଲା ର ଜଣେ ବହୁମୁଖୀ ପ୍ରତିଭା ସମ୍ପର୍ଣ୍ଣ ବରିଷ୍ଠ ଶିକ୍ଷକ ଙ୍କୁ 'ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବା ସହ ଗତ ଓଡିଶା ଦଶମ ବୋର୍ଡ-୨୦୨୪ପରୀକ୍ଷା ରେ ଜିଲ୍ଲା ରେ ସର୍ବାଧିକ ନମ୍ବର ରଖିଥିବା ଓ ପ୍ରତ୍ୟେକ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର/ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଗତ ଜାନୁଆରୀ ୨୩ ତାରିଖରେ ଅନୁଷ୍ଠିତ ହୋଇଥିବା ହିନ୍ଦୀ ପ୍ରତିଯୋଗିତାର ୩୧ ଜଣ କୃତି ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ ।ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଓ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ ବିଦ୍ୟାଭୂଷଣ ଶତପଥି, ସରାଇପାଲି, ଛତିଶଗଡ ସମ୍ମତି ପ୍ରଦାନ କରିଛନ୍ତି ବୋଲି ସଭାପତି ଶ୍ରୀ ସିଂ ସୂଚନା ଦେଇଥିଲେ । ବୈଠକରେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ଉପଦେଷ୍ଟା ପ୍ର. ସନ୍ତୋଷ କୁମାର ପଣ୍ଡା, ଉପସଭାପତି ମନୋରମା ଷଡ଼ଙ୍ଗୀ, କମଳ ଯୋଶୀ,ସହ ସମ୍ପାଦକ ବିନୋଦ ସାହୁ, ମିନାକ୍ଷୀ ଦାଶ, ଖୁସୁବୁ ଶର୍ମା, ବାଳକୃଷ୍ଣ ମିଶ୍ର ଓ ନବକୃଷ୍ଣ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ଖୁସୁବୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜମନକିରାର ବିଭିନ୍ନ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଯୋଗଦାନ




କୁଚିଣ୍ଡା (ଭାସ୍କର ନ୍ୟୁଜ୍): ମଙ୍ଗଳବାର ୪ତାରିଖ ଦିନ ଜମନକିରା ବ୍ଲକ୍ ଅଞ୍ଚଳରେ ଓଡିଶାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଏକ ସୂତ୍ରରୁ ଜଣାଯାଇଛି । ପ୍ରାପ୍ତ ସୂଚନାମତେ ଫାସିମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ, ସମାଧାନ କରିଥିବା, ତାପରେ ଟିକିବା ଠାରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ପ୍ରାଣୀ ସଂପଦ ମେଳାରେ ଯୋଗଦାନ କରିଥିଲେ' ଏବଂ ଟିକିବା ନବନିର୍ମିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କୋଠାକୁ ଉଦ୍‌ଘାଟନ କରିଥିଲେ । ପୁଣି ଟିକିଲିପଡା ପଞ୍ଚାୟତ କାର୍ଯ୍ୟାଳୟରେ ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ବଣ୍ଟନ କରିଛନ୍ତି । ଶେଷରେ ଜମନକିରା ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ଛାତ୍ର, ଛାତ୍ରୀଙ୍କୁ ପୁରସ୍କୃତ କରିଥିବା ଜଣାଯାଇଛି ।

## ଅଘରିଆ ସମାଜର ସାଂଗଠନିକ ବୈଠକ



ବାମରା(ଭାସ୍କର ନ୍ୟୁଜ୍): ବାମରା ବ୍ଲକ ଟାଙ୍ଗରମୁଣ୍ଡା ଠାରେ ଅଖିଳ ଭାରତୀୟ ଅଘରିଆ ସମାଜର ଗୁଡ଼ିସ୍ତରୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଗୁଡ଼ି ଉପଦେଷ୍ଟା ଗଗନ ବିହାରୀ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଉପଦେଷ୍ଟା ଗଙ୍ଗାଧର ନାୟକ ମୁଖ୍ୟ ଅତିଥି, ଯୁବ ସଭାପତି ପୀତବାସ ପଟେଲ ମୁଖ୍ୟବକ୍ତା ଓ ମଣ୍ଡଳ ସଭାପତି ଭିକାରୀ ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆଗାମୀ ମହା ସମ୍ମିଳନୀ ଓବିସିଙ୍କୁ ସଂରକ୍ଷଣରେ ଦିଆଯିବାର ଅବହେଳା ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ଗୁଡ଼ି ସଭାପତି କିରଣ କୁମାର ନାୟକ ସ୍ୱାଗତ ଭାଷଣ ସହ ଧନ୍ୟବାଦ୍ ଅର୍ପଣ ମଧ୍ୟ କରିଥିଲେ । କବି କନକ ଲତା ପଟେଲ ଅଘରିଆ ଭାଷାରେ ସ୍ୱରଚିତ କବିତା ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମିତ୍ରଭାନୁ ପଟେଲ, ଦୀପକ ପଟେଲ, ସୁକାନ୍ତ ନାୟକ,ରୋଜି ଚୌଧୁରୀ, ନଭେଲ ପଟେଲ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ଇତି ମଧ୍ୟରେ ଚାରି ଗୋଟି ଗୁଡ଼ିରେ ବୈଠକ ହୋଇ ସାରିଥିବା ବେଳେ ଆଗାମୀ ଦିନରେ ବାମଣ୍ଡା ଅଞ୍ଚଳର ଆଉ କୋଡ଼ିଏଟି ସ୍ଥାନରେ ବୈଠକ ହୋଇ ସଂଗଠନକୁ ମଜବୁତ କରାଯିବ ବୋଲି ସାଂଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି ।

## ନୂତନ ବିଜେପି ସଭାପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ନୂତନ ଭାବେ ମନୋନୀତ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରି ଦାସଙ୍କୁ ଉମରକୋଟ ଠାରେ ଦଳୀୟକର୍ମୀଙ୍କ ପକ୍ଷରୁ ଆଜି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଜେପିର ଶତାଧିକ କର୍ମୀ ନୂତନ ସଭାପତିଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଡିଏନ୍‌କେ ଛକ ଠାରୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇ ଥିଲେ । ଦଳୀୟ କାର୍ଯ୍ୟାଳୟ ଠାରେ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟା ।ନନ୍ଦ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ମାଝି, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ରାଜ୍ୟ ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ପ୍ରଭାରୀ, ରମେଶ ଚନ୍ଦ୍ର ସାହୁ ,ପୂର୍ବତନ ଜିଲ୍ଲା ସଭାପତି ତଥା ନୂଆପଡା ଜିଲ୍ଲା ପ୍ରଭାରୀ, ଗୋବିନ୍ଦ ଜୈନ, ପୂର୍ବତନ ଜିଲ୍ଲା ସଭାପତି ଜଗଦୀଶ ବିଶୋଇ ,ପୂର୍ବତନ ଏନଏସି ଅଧ୍ୟକ୍ଷ ପି ରାବଣା ରାଓ,ଜିଲ୍ଲା ସାଧାରଣ ସମ୍ପାଦକ, ଅଚ୍ୟୁତ ବିଶୋୟୀ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶର୍ମିଷ୍ଠା ଦେଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା, ବାସନ୍ତୀ ମାଝୀ, ସୁରେଶ ଆଚାର୍ଯ୍ୟ ,ଜିଲ୍ଲା ସମ୍ପାଦକ ରାମ ନାୟକ ପ୍ରମୁଖ ମଞ୍ଚାସୀନ ରହିବା ସହ ଭାଷଣ ପ୍ରଦାନ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢୀ । ମନ୍ତ୍ରୀ ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଉପରେ ଆଲୋକପାତ କରିବା ସହ ଯୋଜନା ଗୁଡ଼ିକ ସମାଜର ଶେଷ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା ପ୍ରତ୍ୟେକ କର୍ମୀଙ୍କ ଦାୟିତ୍ୱ ବୋଲି କହିବା ସହ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସାଧାରଣ ଜନତାଙ୍କୁ ମିଶି ଲୋକଙ୍କ ସମସ୍ୟା ଉପରେ ଅବଗତ ହେଉଛନ୍ତି ବୋଲି କହିଛନ୍ତି । ନୂତନ ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ ଆଗାମୀ ପୌର ପରିଷଦ ଓ ପଞ୍ଚାୟତ ନିର୍ବାଚନ ପାଇଁ ଏବେ ଠାରୁ ସମସ୍ତ କର୍ମୀ ଏକଜୁଟ ହେଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେବା ସହ ନିର୍ବାଚନରେ ଦଳୀୟ କର୍ମୀଙ୍କୁ ବିଜୟ କରାଇବା ପାଇଁ ଶପଥ ନେବା ପାଇଁ ଅନୁରୋଧ କରିଥିଲେ ।

## ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ



କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ସଦର କାର୍ଯ୍ୟାଳୟ ରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଦିନ ଶୁଭାରମ୍ଭ ହୋଇଯାଇଛି ।ଏହି କାର୍ଯ୍ୟକ୍ରମଟିକୁ ଆଭାସି ଜରିଆରେ ଉଦ୍‌ଘାଟନ କରାଯାଇଥିଲା । ତୁରେକେଲାରେ ଅନୁଷ୍ଠିତ ସଭାରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ସମ୍ମାନୀତ ଅତିଥି ତୁରେକେଲା ବ୍ଲକ ଉପାଧ୍ୟକ୍ଷ ଧନ୍ମତୀ ଖୁରା, ତୁରେକେଲା ସଦର ସରପଞ୍ଚ ଜଳନ୍ଧର ମହା।କୁଡ଼, ଜିଲ୍ଲା ପରିଷଦ କୌସିକ୍ ମେହେର ସମିତି ସଭ୍ୟ ପ୍ରମୋଦ ମହାପାତ୍ର ସାଂସଦ ପ୍ରତିନିଧି ସୁଦର୍ଶନ କଟା ମଞ୍ଚାସୀନ ଥିଲେ । ଏହି ସଭାରେ ବ୍ଲକ୍‌ର ସମସ୍ତ ଆଶା ମା' ଅଙ୍ଗନବାଡ଼ି କର୍ମୀ ମହିଳା ଗୋଷ୍ଠୀ ସଭ୍ୟାସହ ମହିଳା ମାନେ ଉପସ୍ଥିତ ଥିଲେ । ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ସଭାକୁ ତୁଳସୀ ଜଗତ ପରିଚାଳନା କରିଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣୁପୁର ବ୍ଲକ ପରିସରରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁଣପୁର ଭାରପ୍ରାପ୍ତ ବିଡିଓ ଶିବ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କୁ ସାମର୍ଥ୍ୟ ସହ ସହାୟତା ପ୍ରଦାନ କରି ଉତ୍ସାହିତ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଗୁଣପୁର ବ୍ଲକର ୧୯ଟି ପଞ୍ଚାୟତର ୭୬୦ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିଲେ । ଚିକିତ୍ସା ପରେ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଡାକ୍ତରଙ୍କ ସାର୍ଟିଫିକେଟକୁ ଆଧାର କରି ୩ଜଣଙ୍କୁ ହ୍ୱିଲ ଚେୟାର, ୩ଜଣଙ୍କୁ ହିୟରିଂ ଏଡସ, ୧୪ଜଣଙ୍କୁ ଋଣ ପ୍ରଦାନ କରାଯାଇଥିବା ବେଳେ ୭୦ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା । ଏହିକାର୍ଯ୍ୟକ୍ରମକୁ ଗୁଣପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର ପରିଚାଳନା କରିଥିବାବେଳେ କନିଷ୍ଠ ସହାୟକ ଆଶୁତୋଷ ହୋତା ସହଯୋଗ କରିଥିଲେ ।

## କପା ଓ ମକା ମଣ୍ଡି ଖୋଲିବା ଦାବିରେ ବିକ୍ଷୋଭ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ୭ ଗୋଟି ବ୍ଲକ୍ ମଧ୍ୟରୁ କାଶୀନଗର, ରାୟଗଡ଼ , ରା. ଉଦୟଗିରୀ, ନୂଆଗଡରେ କପା ଚାଷ କରାଯାଉଛି । ସେହିପରି ମୋହନା ଓ ରା. ଉଦୟଗିରୀ ଓ ନୂଆଗଡ ବ୍ଲକ୍ ଓ ଗୁମ୍ମା ବ୍ଲକରେ ପ୍ରଚୁର ମାତ୍ରାରେ ମକା ଚାଷ ହୋଇଥାଏ । ଚାଷୀମାନେ ଉତ୍ପାଦନ ପରେ କପା ଓ ମକାକୁ ଦଲାଲ ମାନଙ୍କ ଦ୍ୱାରା ବିକ୍ରି କରି କ୍ଷତି ସହନ୍ତି । ସରକାର ବିଭିନ୍ନ ଜିଲ୍ଲାରେ ମଣ୍ଡି ଖୋଲିଛନ୍ତି । ମାତ୍ର ଏହି ଜିଲ୍ଲାରେ ଦଲାଲମାନଙ୍କ ଦ୍ୱାରା ବିକ୍ରି ଯୋଗୁ କ୍ଷତି ହୋଇଥାଏ । ଆଜି ଜିଲ୍ଲା ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲା ଜିଲ୍ଲାରେ ସମସ୍ତ ବ୍ଲକରେ ମଣ୍ଡି ଖୋଲିବା ଦାବିପତ୍ର ଜିଲ୍ଲାପାଳଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏହି ବିକ୍ଷୋଭରେ ୭ଗୋଟି ବ୍ଲକର ଶହ ଶହ ଚାଷୀଙ୍କ ସହ , ରାଜ୍ୟ ସଭାପତି ଜେନା ସୁବାଷ ରାଓ , ଦଣ୍ଡପାଣି ରଥିତ ଜିଲ୍ଲା ସଂପାଦକ , ବାଙ୍ଗାରୀ,ଓଡିଶା କୃଷକ ଜିଲ୍ଲା ସଭାପତି , ମୁରଲୀ କିଷ୍ଣା,ଏଆଇଏକେଏସର ଜିଲ୍ଲା ସଭାପତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାଏକ ଓ ସିଦ୍ଧାର୍ଥ ଜୈନ୍, ଆଇଏଫ୍‌ଏସ୍, (ପ୍ରବେସନ୍) ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୮୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭୪ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୧୫ ଗୋଟି ଓ ୯ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋରା ଚନ୍ଦ୍ର ପଟ୍ଟନାୟକ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ଅଭିଯୋଗ ଶୁଣାଣୀର ନୋଡାଲ ଅଧିକାରୀ ତଥା ଡେପୁଟି କଲେକ୍ଟର ଲିପିନା ଦାସ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପାଇଁ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପାଇଁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଗଜପତି, ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅଧିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଯୋଗଦେଇ ଚଳିତ ନିଯୁକ୍ତି ମେଳାର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଚଳିତ ଫେବୃଆରି ମାସ ୨୮ ତାରିଖରେ ଦିନ ରାୟଗଡ ବ୍ଲକ୍ ସ୍ଥିତ ମିନି ଷ୍ଟାଡିୟମ୍ ଠାରେ ଜିଲ୍ଲାର ସମସ୍ତ ବ୍ଲକର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ଜିଲ୍ଲାର ୭ଟି ବ୍ଲକର ଏକ ହଜାରରୁ ଉର୍ଦ୍ଧ୍ୱ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ତଥା ନିଯୁକ୍ତି ଦେବା ନିମନ୍ତେ ଚୟନ କରାଯିବ । ନିଯୁକ୍ତି ମେଳାରେ ବିଭିନ୍ନ ବେସରକାରୀ ନିଯୁକ୍ତିଦାତା ସଂସ୍ଥା ଏବଂ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ସଂସ୍ଥା ଯୋଗଦେବେ । ନିଯୁକ୍ତି ମେଳାରେ ସପ୍ତମ ଶ୍ରେଣୀ ଠାରୁ ସ୍ନାତକ ଡିଗ୍ରୀଧାରୀ ପର୍ଯ୍ୟନ୍ତ ଏବଂ ଡିପ୍ଲୋମା ଧାରୀ ଯୁବକ ଯୁବତୀମାନେ ବହୁଳ ଭାବରେ ନିଯୁକ୍ତି ମେଳାରେ ଯୋଗଦେବେ । ପ୍ରତ୍ୟେକ ବ୍ଲକରେ ଯେପରି ଦୁର୍ଗମ ଅଞ୍ଚଳର ଯୁବକ ଯୁବତୀମାନେ ଯେପରି ନିଯୁକ୍ତି ମେଳାରେ ଯୋଗଦେବେ ସେଥିପାଇଁ ଗ୍ରାମ ପଞ୍ଚାୟତ ସରପଞ୍ଚ, ୱାର୍ଡମେମ୍ବର ମାନଙ୍କ ଜରିଆରେ ତଥା ପଞ୍ଚାୟତ ସ୍ତରରେ ସଚେତନତା କରାଯିବ । ପ୍ରତ୍ୟେକ ବ୍ଲକର ସଦର ମହକୁମାରେ ବ୍ୟାନର ପୋଷ୍ଟର ମରାଯାଇ ପ୍ରଚାର ଓ ପ୍ରସାର କରାଯିବ । ଜିଲ୍ଲାର ସମସ୍ତ ଯୁବକ ଯୁବତୀମାନଙ୍କୁ କର୍ମ ସଂସ୍ଥାନ ପାଇଁ ନିଯୁକ୍ତି ମେଳାରେ ଯୋଗଦେବା ନିମନ୍ତେ ଜିଲ୍ଲାପାଳ କହିଛନ୍ତି । ଉକ୍ତ ନିଯୁକ୍ତି ମେଳାରେ ୪୦ ରୁ ଅଧିକ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନକାରୀ ଅଂଶଗ୍ରହଣ କରିବାର କାର୍ଯକ୍ରମ ରହିଛି । ଏଣୁ ସମସ୍ତ ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯୋଗଦନ କରିବାପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଅଛି ।ନିଯୁକ୍ତି ମେଳାରେ ସୁଚାରୁ ରୂପେ ପାନୀୟ ଜଳ ଯୋଗାଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ମେଳା ପଡିଆ ସଫେଇ ଆଦି କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଶିବାଶିଷ ସାହୁ, ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସୁନାରାମ ସିଂ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣ ଜୟନ୍ତୀ ପାଳିଲେ ୭୩ ବ୍ୟାଚର ଛାତ୍ରଛାତ୍ରୀ



ଲହୁଣୀପଡା (ଭାସ୍କର ନ୍ୟୁଜ୍): ବଣାଇ ଉପଖଣ୍ଡ ସ୍ଥିତ ଲହୁଣୀପଡ଼ା ବ୍ଲକରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରି ଥିବା ୧୯୭୩ ବ୍ୟାଚର ଛାତ୍ରମାନେ ନିକଟସ୍ଥ ଦର୍ଜିଙ୍ଗ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଏକତ୍ରିତ ହୋଇ ବଡ଼ ଧୂମ୍‌ଧାମରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ସହିତ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ । କିଛି ଦିବଂଗତ ବନ୍ଧୁ ସେମାନଙ୍କୁ ଛାଡି ଆର ପାରିକୁ ଚାଲିଯାଇଥିବାରୁ ସେମାନଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ଏଥିରେ ସମସ୍ତେ ପୁରୁଣା ଦିନର ସ୍ମୃତିଚାରଣ କରିବା ସହ ମଜାମଜଲିସ କରିଥିଲେ । ଏଥିରେ ଇସ୍ପାତ ଜେନେରାଲ ହସ୍ପିଟାଲର ଅବସରପ୍ରାପ୍ତ ଡାକ୍ତର ଡଃ କିଶୋର ଚନ୍ଦ୍ର ମହାନ୍ତ, ଡଃ ଗୋବିନ୍ଦ ଜୟସ୍ୱାଲ, ସଦାନନ୍ଦ ଜୟସ୍ୱାଲ, ବାସୁଦେବ ମାହାନ୍ତ, ଶଶୀଭୂଷଣ ମାହାନ୍ତ ଅବସରର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗହ୍ଲା ମାହାନ୍ତ, ଭଗବାନ ସାହୁ,ରଥୁ ମାହାନ୍ତ,କମଳ ମାହାନ୍ତ, ରାମନାଥ ପଶାୟତ, ଶଙ୍କର ମାହାନ୍ତ, ଧନେଶ୍ୱର ପଶାୟତ ଭଳେଶ୍ୱର ମାହାନ୍ତଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



ତିରୁପତି: ଭାରତରେ ପ୍ରମୁଖ ହିନ୍ଦୁ ଧର୍ମସ୍ଥଳୀ ମାନଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ଅନ୍ୟତମ। କିଛିଦିନ ତଳେ ଏଠାରେ ମିଳୁଥିବା ଲଡୁରେ ଗୋମାଂସ ଚର୍ବି ଅଂଶ ଥିବା ନେଇ ଖବର ସାମ୍ନାକୁ ଆସିବା ପରେ ବିବାଦ ଦେଖାଦେଇଥିଲା। ଅଧ୍ୟକ୍ଷ ବି.ଆର. ନାଇଡୁଙ୍କ ନେତୃତ୍ୱରେ ଟିଟିଡି ବୋର୍ଡ ପୂର୍ବରୁ କହିଥିଲେ ଯେ କେବଳ ହିନ୍ଦୁ କର୍ମଚାରୀମାନେ ଟିଟିଡିରେ କାମ କରିପାରିବେ। ତଥାପି ଏହି ୧୮ ଜଣ କର୍ମଚାରୀ ଅଣ-ହିନ୍ଦୁ ପରମ୍ପରା ପାଳନ କରୁଥିବା ଜଣାପଡିଛି। ଯାହା ଫଳରେ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟିଟିଡି ବୋର୍ଡର ନିଷ୍ପତ୍ତି ଅନୁଯାୟୀ, ଏହି କର୍ମଚାରୀମାନଙ୍କୁ ଟିଟିଡି ମନ୍ଦିର ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକରେ ସେମାନଙ୍କର ବର୍ତ୍ତମାନର ଭୂମିକାରୁ ବାହାର କରାଯିବ। ସେମାନଙ୍କୁ କୌଣସି ହିନ୍ଦୁ ଧାର୍ମିକ କାର୍ଯ୍ୟକ୍ରମ କିମ୍ବା କର୍ତ୍ତବ୍ୟରେ ଅଂଶଗ୍ରହଣ କରିବାରୁ ମଧ୍ୟ ନିଷେଧ କରାଯାଇଛି।

# ଆମେରିକାରୁ ଫେରିଲେ ପ୍ରବାସୀ ଭାରତୀୟ



ନୂଆଦିଲ୍ଲୀ: ଆମେରିକାରେ ବେଆଇନ ଭାବେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ନେଇ ଉଡାଣ ଭରିଥିବା ବିମାନ ଅମୃତସର ବିମାନ ବନ୍ଦରରେ ଅବତରଣ କରିଛି । ଆମେରିକା ବାୟୁସେନାର ସି-୧୭ ବିମାନ ବୁଧବାର ଅପରାହ୍ଣ ୧.୪୫ ମିନିଟରେ ଦେଶରେ ପହଞ୍ଚିଛି। ଏହି ବିମାନରେ ୧୦୪ ଜଣ ପ୍ରବାସୀ ଭାରତୀୟ ଥିବା ଜଣାପଡ଼ିଛି । ଅମୃତସରରେ ଅବତରଣ କରିଥିବା ବିମାନରେ ମୋଟ ୧୦୪ ଜଣ ଭାରତୀୟ ଅଛନ୍ତି । ଏମାନଙ୍କ ମଧ୍ୟରେ ୧୩ ପିଲା, ୭୯ ପୁରୁଷ ଏବଂ ୨୫ ମହିଳା ସାମିଲ ଅଛନ୍ତି । ଏଥିରୁ ୩୩ ଜଣ ଗୁଜରାଟର ଅଛନ୍ତି । ହରିୟାଣାର ୩୩, ପଞ୍ଜାବର ୩୦, ମହାରାଷ୍ଟ୍ର ୩, ଉତ୍ତର ପ୍ରଦେଶ ୩, ଚଣ୍ଡିଗଡ଼ର ୨ ଜଣ ଅଛନ୍ତି । ବିମାନ ବନ୍ଦର ଭିତରେ ଏବଂ ବାହାରେ ପଞ୍ଜାବ ପୋଲିସ ଏବଂ ସିଆଇଏସଏଫ ଯବାନ ମୁତୟନ ଅଛନ୍ତି । ଆମେରିକା ସେନାର ବିମାନ ସି-୧୭ ମଙ୍ଗଳବାର ଆମେରିକାର ସେନ୍ ଏଣ୍ଟୋନିଓରୁ ଅମୃତସର ଏୟାରପୋର୍ଟ ଅଭିମୁଖ ଉଡାଣ ଭରିଥିଲା । ଅମୃତସର ପହଞ୍ଚିଥିବା ବିମାନରେ ଅଧିକାଂଶ ଲୋକ ପଞ୍ଜାବର ବାସିନ୍ଦା । ଏମାନେ ଡଙ୍କି ରୁଟ୍ କିମ୍ବା ଅନ୍ୟ କୌଣସି ରାସ୍ତାରେ ଆମେରିକା ପହଞ୍ଚିଥାଇ ପାରନ୍ତି । ତେବେ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଦସ୍ତାବିଜ ନଥିଲା । ପୂର୍ବରୁ ସୂଚନା ଥିଲା ଯେ ବିମାନ ୨୦୫ ଜଣଙ୍କୁ ଧରି ଭାରତ ଆସୁଛି, କିନ୍ତୁ ଏବେ ୧୦୪ ଜଣ ହିଁ ଆସିଥିବା ସ୍ପଷ୍ଟ ହୋଇଛି । ଆମେରିକାରେ ବେଆଇନ ଭାବେ ରହିଥିବା ପ୍ରବାସୀ ଭାରତୀୟଙ୍କ ପ୍ରଥମ ବ୍ୟାଚ୍ ଭାରତରେ ଆସି ପହଞ୍ଚିଛି । ଆଗାମୀ ଦିନରେ ଆମେରିକାରୁ ଏପରି ଅନେକ ବିମାନ ଭାରତ ଆସିପାରେ । ଡୋନାଲ୍ଡ ଟ୍ରମ୍ପ ଜାନୁଆରୀ ୨୦ରେ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଦେଶରେ ବେଆଇନ ପ୍ରବାସୀଙ୍କୁ ସେମାନଙ୍କ ମୂଳ ଦେଶକୁ ପଠାଇବେ ବୋଲି ଘୋଷଣା କରିଥିଲେ। ସୂଚନା ଅନୁସାରେ ଆମେରିକାରେ ବେଆଇନ ଭାବେ ପ୍ରାୟ ୧୮ ହଜାର ଭାରତୀୟ ଅଛନ୍ତି । ସେଥିରୁ ପ୍ରାୟ ୫୦୦୦ଙ୍କୁ ଚିହ୍ନିଟ କରାଯାଇଛି ।

# ଦ୍ୱି ଦ୍ୱିବସୀୟ ବଙ୍ଗାଲ୍ ଗ୍ଲୋବାଲ ବିଜିନେସ୍ ସମିଟ୍ ଉଦ୍‌ଘାଟନ ସମାରୋହରେ ହେମନ୍ତ ସୋରେନ୍







ରାଞ୍ଚି/କୋଲକାତା : ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବିଶ୍ୱ ବଙ୍ଗାଲ୍ କନ୍‌ଭେନସନ ସେଣ୍ଟର ନ୍ୟୁ ଟାଉନ୍ କୋଲକାତାରେ ଆୟୋଜିତ ଦ୍ୱି ଦିବସୀୟ ବଙ୍ଗାଲ ଗ୍ଲୋବାଲ ବିଜିନେସ ସମିଟ୍‌ର ଅଷ୍ଟମ ସଂସ୍କରଣ ଉଦ୍‌ଘାଟନ ସମାରୋହରେ ସାମିଲ ହୋଇଥିଲେ। ତାଙ୍କ ଅଭିଭାଷଣରେ ଶ୍ରୀ ସୋରେନ୍ କହିଥିଲେ ଯେ, ସାରା ଦୋରେ ଏବେ ଡିଜିଟାଲ ଯୁଗର ଆରମ୍ଭ ହୋଇଛି। ଫଳରେ ନୂତନ ସମ୍ଭାବନା ସୃଷ୍ଟି ହୋଇଛି। ଏକ ମଜଭୁତ ଏବଂ ବିକଶିତ ରାଷ୍ଟ୍ର ନିର୍ମାଣ ପାଇଁ ରାଜ୍ୟ ରାଜ୍ୟ ମଧ୍ୟରେ ସଂପର୍କ, ସମନ୍ୱୟ ତଥା ଭାଗୀଦାରୀ ରହିବା ଜରୁରୀ ବୋଲି ସେ କହିଥିଲେ। ସେ କହିଥିଲେ ଆୟୋଜିତ ଗ୍ଲୋବାଲ ବିଜିନେସ୍ ସମିଟ୍ ଏକ ନିର୍ଣ୍ଣାୟ ଭୂମିକା ଗ୍ରହଣ କରିବ। ରାଜ୍ୟ ରାଜ୍ୟ ତଥା ଦେଶ ମଧ୍ୟରେ ବ୍ୟବସାୟର ଏକ ମାଧ୍ୟମ ମଧ୍ୟ ପାଲଟିବ। ନିବେଶ ସହ ନୂଆ ଟେକ୍ନୋଲୋଜିର ବିକାଶ ନୂତନ ସମ୍ଭାବନାର ସୃଷ୍ଟି କରିଥାଏ। ପଶ୍ଚିମବଙ୍ଗର କୋଲକାତାଠାରେ ଥିବା ବିଶ୍ୱ ବାଙ୍ଗଲା କନ୍‌ଭେସନସନ ସେଣ୍ଟରରେ ଏହି ଗ୍ଲୋବାଲ ବିଜିନେସ ସମିଟ୍ ଆୟୋଜିତ କରାଯାଇଛି। ଏଥିବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧ୍ୟକ୍ଷତା କରିବା ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଉଦ୍ୟୋଗପତି ଓ ନିବେଶକମାନେ ଏଥିରେ ସାମିଲ ହୋଇଛନ୍ତି। ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ କହିଥିଲେ ଯେ, ଏହି ସମ୍ମିଳନୀକୁ ଆସିଥିବା ଦେଶବିଦେଶର ନିବେଶକମାନଙ୍କ ସହ ମିଳିତ ହେବାର ସୌଭାଗ୍ୟ ମିଳିଛି। ସେମାନଙ୍କ ସହଯୋଗରେ ଝାଡଖଣ୍ଡର ବିକାଶ ପାଇଁ ଏକ ନୂଆ ଦିଶା ମିଳିବ ଏବଂ ରାଜ୍ୟ ଆଗକୁ ବଢ଼ିବ। ଏହି ଅବସରରେ ସେ ନିବେଶକମାନଙ୍କୁ ଝାଡଖଣ୍ଡ ଆସିବା ପାଇଁ ଆମନ୍ତ୍ରଣ କରିଥିଲେ। ଆପଣମାନେ ନିବେଶ କରନ୍ତୁ ଏବଂ ଝାଡଖଣ୍ଡର ବିକାଶ ପାଇଁ ପ୍ରୟାସ ଜାରି ରଖନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଶ୍ରୀ ସୋରେନ କହିଥିଲେ ଝାଡଖଣ୍ଡ ଦେଶର ଏଭଳି ଏକ ରାଜ୍ୟ ଯେଉଁ ରାଜ୍ୟରେ ୪୦% ଖଣିଜ ସାମଗ୍ରୀ ରହିଛି। ଏହା ନିବେଶକମାନଙ୍କ ପାଇଁ ଜରୁରୀ ହୋଇଥିବା ବେଳେ ଝାଡଖଣ୍ଡ ଖଣିଜ ଉତ୍ପାଦନରେ ସବୁଠାରୁ ବଡ ରାଜ୍ୟ। ଦେଶର ଅର୍ଥ ବ୍ୟବସ୍ଥାରେ ଝାଡଖଣ୍ଡର ଏକ ପ୍ରମୁଖ ଭୂମିକା ରହିଛି। ଯଦି କୌଣସି ନିବେଶକ ଏହି ରାଜ୍ୟରେ ନିବେଶ କରନ୍ତି ତେବେ ସେମାନଙ୍କୁ ସମସ୍ତ ସୁବିଧା, ସୁଯୋଗ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

# ବିଷ୍ଣୁଦେବଙ୍କୁ ଭେଟିଲେ ଲିଜେଣ୍ଡ ୯୦ ସାଂଗଠନିକ କମିଟି




ରାୟପୁର: ଲିଜେଣ୍ଡ ୯୦ କ୍ରିକେଟ ଲିଗ୍‌ର ସାଂଗଠନିକ କର୍ମକର୍ତ୍ତାମାନେ ବୁଧବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଆୟୋଜିତ ହେବାକୁ ଯାଉଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଯୋଗଦେବାକୁ କମିଟ ବିଷ୍ଣୁଦେବଙ୍କୁ ନିମନ୍ତ୍ରଣ କରିଛନ୍ତି। ଗୁରୁବାର ଠାରୁ ୧୮ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ନୂଆ ରାୟପୁରର ସହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ଲିଜେଣ୍ଡ ୯୦ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣେଶ ସିଂ ପରିହର ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ଜର୍ସି ଉପହାର କରିଥିଲେ। ଛତିଶଗଡ ୱାରିୟର ଟିମ୍‌ର ଏହି ଜର୍ସିକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲେ। ଲିଜେଣ୍ଡ ୯୦ କ୍ରିକେଟ ଲିଗ୍ ପ୍ରଥମଥର ପାଇଁ ଭାରତରେ ଆୟୋଜନ କରାଯାଉଛି। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଶ୍ରୀଲଙ୍କା ଏବଂ ଅନ୍ୟ ରାଷ୍ଟ୍ରରେ ପୂର୍ବରୁ ହୋଇସାରିଛି। ଏଥିରେ ବିଶ୍ୱର ବହୁ ଦାମୀ କ୍ରିକେଟର ଅଂଶ ଗ୍ରହଣ କରିଥାନ୍ତି। କ୍ରିସ୍ ଗେଲ୍, ଡେଭିଡ୍ ୱାର୍ଣ୍ଣର, ହରଭଜନ ସିଂ, ଶିଖର ଧାୱନ, ଯୁବରାଜ ସିଂ, ସୁରେଶ ରାଇନା, ମାଥ୍ୟୁୱାଡେ, ମୋହିନୀ ଅଲ୍ଲୀ, ଆର୍‌ଏନ୍‌ଥିନ୍, ଥିସାରା ପେରେରା, ରବିନ୍ ଉତ୍ଥାପା, ଦୀନେଶ କାର୍ତ୍ତିକ, ସାଉନ ମାର୍ଶ, ମାର୍ଟି ଗୁଫେଲେ, କେଦାର ଯାଦବ, ବେନ୍ ଡ୍ରଙ୍କ, ସାକିବ ଅଲ୍ଲି ହସନ୍ ଏବଂ ଦାନିୟଲ କ୍ରିଷ୍ଟିଆନ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଗୃହମନ୍ତ୍ରୀଙ୍କ କଡା ନିର୍ଦ୍ଦେଶ: ଆତଙ୍କବାଦୀଙ୍କୁ ମୂଳପୋଛ କରିଦିଅ



ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଦିଲ୍ଲୀରେ ଜମ୍ମୁ ଏବଂ କାଶ୍ମୀରର ସୁରକ୍ଷା ପରିସ୍ଥିତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଗୃହମନ୍ତ୍ରୀ ସମସ୍ତ ସୁରକ୍ଷା ଏଜେନ୍ସିକୁ ଜମ୍ମୁ ଏବଂ କାଶ୍ମୀରରେ ଆତଙ୍କବାଦ ବିରୋଧରେ ଲଢ଼େଇକୁ ତୀବ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଦ୍ୱାରା ଅନୁପ୍ରବେଶକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯାଇପାରିବ। ଜମ୍ମୁ-କାଶ୍ମୀରର ସୁରକ୍ଷା ପରିସ୍ଥିତି ଉପରେ ଦୁଇ ଦିନରେ ଦୁଇଟି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରି ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଜମ୍ମୁ-କାଶ୍ମୀରରୁ ଆତଙ୍କବାଦକୁ ସମ୍ପୂର୍ଣ୍ଣ ଭାବରେ ବିଲୋପ କରିବାକୁ ପ୍ରତିବଦ୍ଧ। ଏହି ବୈଠକରେ ଗୃହ ମନ୍ତ୍ରଣାଳୟ ଏବଂ ଜମ୍ମୁ ଓ କାଶ୍ମୀର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଜମ୍ମୁ ଓ କାଶ୍ମୀରର ଲେଫ୍ଟନାଣ୍ଟ ରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ଜମ୍ମୁ ଓ କାଶ୍ମୀରର ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ସାମିଲ ଥିଲେ। ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ମୋଦୀ ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁଁ ଜମ୍ମୁ-କାଶ୍ମୀରରେ ଆତଙ୍କବାଦର ଇକୋସିଷ୍ଟମ ଦୁର୍ବଳ ହୋଇଯାଇଛି। ସେ କହିଥିଲେ, 'ଆମର ଲକ୍ଷ୍ୟ ହେଉଛି ଆତଙ୍କବାଦୀଙ୍କ ଅସ୍ତିତ୍ୱକୁ ମୂଳପୋଛ କରିବା। ନିଶା କାରବାର ମାଧ୍ୟମରେ ଆତଙ୍କବାଦର ପାଣ୍ଠିକୁ ତୁରନ୍ତ ଏବଂ କଡ଼ାକଡ଼ି ଭାବରେ ରୋକିବା ଆବଶ୍ୟକ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଜମ୍ମୁ ଏବଂ କାଶ୍ମୀରର ସୁରକ୍ଷା ପରିସ୍ଥିତି ଉପରେ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିଲେ, ଯେଉଁଥିରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ କେନ୍ଦ୍ର ଗୃହ ସଚିବଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଦକ୍ଷିଣ କାଶ୍ମୀରର କୁଲଗାମ ଜିଲ୍ଲାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପୂର୍ବତନ ସୈନିକ ମଞ୍ଜୁର ଅହମଦଙ୍କ ମୃତ୍ୟୁ ଏବଂ ତାଙ୍କ ପତ୍ନୀ ଏବଂ ଭାଣିଜୀ ଆହତ ହେବା ପରେ ଏହି ବୈଠକ ହୋଇଥିଲା।

# ବାଣିଜ୍ୟ



ନୂଆଦିଲ୍ଲୀ : ପୂର୍ବରୁ ମ୍ୟାକ୍ସ ଲାଇଫ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ (ଆକ୍ସିସ୍ ମ୍ୟାକ୍ସ ଲାଇଫ/କମ୍ପାନି) ନାମରେ ପରିଚିତ ଆକ୍ସିସ ମ୍ୟାକ୍ସ ଲାଇଫ ଇନସ୍ୟୁରାନ୍ସ ଲିମିଟେଡ 'ଇନସ୍ୟୋର ଆର୍ଥ' କାର୍ଯ୍ୟକ୍ରମ ଅଧୀନରେ ଟିୟର-୩ ଓ ଟିୟର-୪ ସହରରେ ଥିବା ଏହାର ୩୫ଟି ଶାଖାରେ ୭୦୦୦ରୁ ଅଧିକ ଚାରା ରୋପଣ କରିବାକୁ ଘୋଷଣା କରିଛି। ହିମାଚଳ ପ୍ରଦେଶ, ଉତରାଖଣ୍ଡ, ଉତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଏବଂ କେରଳର ୩୫ଟି ଆରୋହଣ ଶାଖାରେ କର୍ମଚାରୀ, ଏଜେନ୍ସି ଅଂଶୀଦାର ଏବଂ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କ ସମେତ ୧୭୦୦ରୁ ଅଧିକ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ଆକ୍ସିସ ମ୍ୟାକ୍ସ ଲାଇଫର ମୁଖ୍ୟ ବିତରଣ ଅଧିକାରୀ ସୁମିତ ମଦନ କହିଛନ୍ତି, 'ଆକ୍ସିସ ମ୍ୟାକ୍ସ ଲାଇଫରେ ଆମେ 'ଡବଲ୍ ଭରସା'ର ପ୍ରତିଶ୍ରୁତି ପୂରଣ କରିବାରେ ବିଶ୍ୱାସ କରୁ। ସେହିଭଳି ଆକ୍ସିସ ମ୍ୟାକ୍ସ ଲାଇଫ ଇଏସଜି ମୁଖ୍ୟ ଏବଂ କମ୍ପାନି ସେକ୍ରେଟାରୀ ଜେନେରାଲ କାଉନସେଲ ଅନୁରାଗ ଚୌହାନ କହିଛନ୍ତି, 'ଇନସ୍ୟୋର ଆର୍ଥ' ଅଭିଯାନ ସ୍ଥାନୀୟ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛି, ଯାହା ଏହି ଧାରଣାକୁ ଦୃଢ଼ କରିଛି ଯେ ସ୍ଥାୟୀତା ଦିଗରେ ଛୋଟ ଛୋଟ ପଦକ୍ଷେପ ଏକ ବଡ଼ ପରିବର୍ତ୍ତନ ଆଣିପାରିବ।

## ଏଥର ଏନର୍ଜିର ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟରର ଶୁଭାରମ୍ଭ




ନୂଆଦିଲ୍ଲୀ: ଭାରତରେ ଇଲେକ୍ଟ୍ରିକ ଦୁଇ ଚକିଆ ଯାନ ନିର୍ମାତା ଏଥର ଏନର୍ଜି ଲିମିଟେଡ ନିକଟରେ ବାଲେଶ୍ୱରର କାଳିଦାସପୁରରେ ଅବସ୍ଥିତ ନିଜର ପ୍ରଥମ ଏକ୍ସପେରିଏନ୍ସ ସେଂଟର ଏଥର ସ୍ପେସର ଶୁଭାରମ୍ଭ କରିଛି। ଏହି ସେଂଟରରେ ଗ୍ରାହକମାନେ ଏଥର ୪୫୦ ପରଫର୍ମାନ୍ସ ସ୍କୁଟର ଏବଂ ଏଥରର ପ୍ରଥମ ଫ୍ୟାମିଲି ସ୍କୁଟର ରିଜଟା କିଣିପାରିବେ। ଏଥର ଏନର୍ଜିର ବର୍ତ୍ତମାନ ଓଡ଼ିଶାରେ ୯ଟି ଏକ୍ସପିରିଏନ୍ସ ସେଂଟର ରହିଛି। ଏଠାରେ ଲୋକମାନେ ସ୍କୁଟର ବିଷୟରେ ବିସ୍ତୃତ ଭାବରେ ବୁଝିପାରିବା ସହ ଟେଷ୍ଟ ରାଇଡ ମଧ୍ୟ କରିପାରିବେ । ଏଥର ଗ୍ରିଡ ହେଉଛି ଭାରତର ପ୍ରଥମ ଦୁଇ ଚକିଆ ଫାଷ୍ଟ ଚାର୍ଜିଂ ନେଟୱାର୍କ, ଏହା ଅନ୍ତର୍ଗତ ୩୧ ଡିସେମ୍ବର ୨୦୨୪ ସୁଦ୍ଧା ଓଡ଼ିଶାରେ ୫୨ଟି ଫାଷ୍ଟ ଚାର୍ଜର ଏବଂ ସମଗ୍ର ଭାରତରେ ୨୫୮୩ଟି ଫାଷ୍ଟ ଚାର୍ଜର ସ୍ଥାପନ କରାଯାଇଛି। ଏହି ଅବସରରେ ଏଥର ଏନର୍ଜି ଲିମିଟେଡର ମୁଖ୍ୟ ବ୍ୟବସାୟ ଅଧିକାରୀ ରବନୀତ ସିଂ ଫୋକେଲା କହିଛନ୍ତି, 'ବାଲେଶ୍ୱରରେ ଆମର ପ୍ରଥମ ଅଭିଜ୍ଞତା କେନ୍ଦ୍ରର ଶୁଭାରମ୍ଭ କରି ଆମେ ଆନନ୍ଦିତ । ପୁରୀ ଓ ସମ୍ବଲପୁର ଭଳି ସ୍ଥାନରେ ନୂତନ ଏକ୍ସପେରିଏନ୍ସ ସେଂଟର ସହ ଆମେ ଓଡ଼ିଶାରେ ଆମର ନେଟୱାର୍କ ବିସ୍ତାର କରୁଛୁ। ଆମର ବିଶ୍ୱାସ ଯେ ଆମର ପାରିବାରିକ ସ୍କୁଟର ରିଜଟା, ଏହି ଅଂଚଳ ପାଇଁ ଉପଯୁକ୍ତ । ଆମର ବିକ୍ରି ବଢୁଥିବାରୁ ଓଡ଼ିଶାରେ ଆମର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବା ସହ ଏହି ଅଂଚଳରେ ଇଭି ଦୁଇ ଚକିଆ ଯାନକୁ ଗ୍ରାହକଙ୍କ ନିକଟବର୍ତୀ କରିବାକୁ ଲକ୍ଷ୍ୟ ରଖାଯାଇଛି । କ୍ରିଷ୍ଣା ଆକ୍ୱା ଫାର୍ମସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର ସମୀର କୁମାର ଜଟାନିଆ କହିଛନ୍ତି ଯେ, 'ଆମେ କ୍ରିଷ୍ଣା ଆକ୍ୱା ଫାର୍ମସ ପ୍ରାଇଭେଟ ଲିମିଟେଡ ଇଲେକ୍ଟ୍ରିକ ଦୁଇ ଚକିଆ ଯାନ ସେଗମେଂଟର ସବୁଠାରୁ ପ୍ରସିଦ୍ଧ ବ୍ରାଣ୍ଡ ଏଥର ଏନର୍ଜି ସହିତ ଯୋଡିହୋଇ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ ।

## ନୂଆ ମେସିନ୍ ଲଞ୍ଚ କଲା ସୋମେନ୍ ଅଗରବତୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ସୋମେନ୍ ଅଗରବତୀ ପକ୍ଷରୁ ନୂଆ ମେସିନ୍ ଲଞ୍ଚ କରିଛି। ଯାହାକି ପୂର୍ବ ମେସିନ୍ ଅପେକ୍ଷା ଦୁଇଗୁଣ ଅଧିକ ପ୍ରଡକସନ୍ ପ୍ରସ୍ତୁତ କରିବ। ଯାହା ରୋଜଗାର ଦିଗରେ ଏକ ଭଲ ଫଳପ୍ରଦ ହେବ। ଏହା ଭାରତରେ ପ୍ରଥମ ଥର ବଜାର୍ ପ୍ରବେଶ କରିଛି। ରାଜ୍ୟ ତଥା ଦେଶରେ ରୋଜଗାର ଏବେ ସବୁଠାରୁ ବଡ ସମସ୍ୟା ହେଇ ଉଭା ହୋଇଛି। ଏହି ଅସୁବିଧାକୁ ଦୂର କରିବା ପାଇଁ ଦିର୍ଘ ୧୯ ବର୍ଷ ଧରି ପ୍ରଚେଷ୍ଟା କରି ଆସିଛି ସୋମେନ୍ ଅଗତବତୀ। ସବୁ ସମୟରେ ଲୋକଙ୍କ ସହ, ଲୋକଙ୍କ ପାଖରେ ରହି ରୋଜଗାର ଯୋଗାଇବା ସହ ନିଜ ପରିବାର ବଢାଇ ଚାଲିଛି। ପୂର୍ବରୁ ମିଳୁଥିବା ମେସିନ୍ ଘଣ୍ଟାରେ ଯେତିକି ପ୍ରଡ଼କ୍ସନ୍ ପ୍ରସ୍ତୁତ କରିଥିଲା ନୂଆ ମେସିନ୍ ତାର ଦୁଇଗୁଣ ରୁ ଅଧିକ ପ୍ରଡକସନ୍ ବାହାର୍ କରିବ। ଏଥିରେ ରୋଜଗାର ନିଶ୍ଚିତ ଭାବେ ବଢିବାରେ ଲାଗିବ। ନଭେମ୍ବର୍ ମାସରୁ କମ୍ପାନୀ କିଲୋ ପିଛା ୭ ଟଙ୍କା ବଢ଼ାଇଥିବା ବେଳେ ଅଧିକ ପ୍ରଡକସନ୍ ମେସିନ୍ ଗ୍ରାହକ ତଥା ନୂଆ ବ୍ୟବସାୟ ମନରେ ମନ ପସନ୍ଦର ରୋଜଗାର ଭରିଦେବ ବୋଲି କମ୍ପାନୀ ଦାବି କରିଛି। ଡବଲ ପିସ୍ତନ ମେସିନ୍ Made in Vietnam ପ୍ରସ୍ତୁତ ହେଉଛି। ଯାହା କମ୍ ଇଲେକ୍ଟ୍ରିକ୍ କଞ୍ଜୁମ କରିବ ମାତ୍ର ଅଧିକ ରୋଜଗାର ଦେବ। ଏହା ସାରା ଭାରତରେ ବିରଳ ହୋଇଥିବା ବେଳେ ଗ୍ରାହକ ମଧ୍ୟ ଏହାକୁ ବେଶ୍ ଗ୍ରହଣ କରୁଛନ୍ତି। ଦୀର୍ଘ ୧୯ ବର୍ଷ ଧରି କମ୍ପାନୀ ଲୋକଙ୍କ ସୁଖରେ ଦୁଃଖରେ ରହି ନୂଆ ନୂଆ ସୋମେନ୍ ଅଗରବତୀକୁ ଆପଣେଇ ଅଗ୍ରଣୀ କମ୍ପାନୀ ଭାବେ ଉଭା ହୋଇ ପାରିଛି। ଗ୍ରାହକଙ୍କ ଉନ୍ନତି ହିଁ କମ୍ପାନୀ ପ୍ରଗତିର ମାଇଲ ଖୁଣ୍ଟ। ଗ୍ରାହକ ଆଗକୁ ବଢ଼ିଲେ କମ୍ପାନୀ ସମାନ୍ତରାଳ ଭାବେ ବଢିବ ବୋଲି ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

## ଭି ପକ୍ଷରୁ 'ନମ୍ବର ରକ୍ଷକ' ଅଭିଯାନର ଶୁଭାରମ୍ଭ




ନୂଆଦିଲ୍ଲୀ : ପ୍ରତିବର୍ଷ କୁମ୍ଭ ମେଳାରେ ହଜାର ହଜାର ଲୋକ ହଜି ଯାଉଥିବା ବେଳେ ନିଜ ପରିବାର ଲୋକଙ୍କଠାରୁ ଅଲଗା ହୋଇଯାଆନ୍ତି। ୨୦୧୩ରେ ପ୍ରୟାଗରାଜ କୁମ୍ଭ ମେଳାରେ ୭୦ ହଜାର ଲୋକ ହଜିଥିଲେ। ଚଳିତ ବର୍ଷ ଆୟୋଜନ ହୋଇଥିବା ମହାକୁମ୍ଭ ମେଳା ଆରମ୍ଭ ହେବାର କିଛି ଘଂଟା ଭିତରେ ୨୫୦ ଲୋକ ହଜିଯାଇଥିଲେ। ତ୍ରିବେଣୀ ସଙ୍ଗମରେ ସାହି ସ୍ନାନ ପାଇଁ ବହୁ ଲୋକଙ୍କ ସମାଗମ ହେବାକୁ ଥିବାରୁ ନିଜ ପ୍ରିୟଜନଙ୍କଠାରୁ ଅଲଗା ହୋଇଯିବାର ଆଶଙ୍କା ରହିଛି। ଏହାକୁ ନଜରରେ ରଖି ଦେଶର ଅଗ୍ରଣୀ ଟେଲିକମ୍ ଅପରେଟର ଭି ପକ୍ଷରୁ ଭି ନମ୍ବର ରକ୍ଷକ ଅଭିଯାନ ଆରମ୍ଭ କରାଯାଇଛି ଯାହା କେହି ଯେଭଳି ହଜି ନଯିବେ କିମ୍ବା ପଛରେ ନ ରହିଯିବେ ତାହାକୁ ସୁନିଶ୍ଚିତ କରିବ। ଭିର ମୁଖ୍ୟ ମାର୍କେଟିଂ ଅଧିକାରୀ ଅବନୀଶ ଖୋସଲା କହିଛନ୍ତି ଯେ ଭି ନମ୍ବର ରକ୍ଷକ ହେଉଛି ଏକ ସରଳ ସମାଧାନ ଯାହା ଲୋକମାନଙ୍କୁ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆମେ କେବଳ ଏକ ଟେଲିକମ୍ ଅପରେଟର ନୁହେଁ, ବରଂ ଜରୁରୀ ସମୟରେ ଲୋକଙ୍କ ପ୍ରଥମ ସହଯୋଗୀ। ଏହି ପଦକ୍ଷେପ ସଠିକ୍ ସମାଧାନ ଏବଂ ପ୍ରଦର୍ଶନ ସନ୍ଧାନ ପାଇଁ ଭିର ପ୍ରତିବଦ୍ଧତାକୁ ଦର୍ଶାଉଛି। ଭି ନମ୍ବର ରକ୍ଷକ ଭିର 'ବି ସମ୍‌ୱାନସ ଭି'ର ଦର୍ଶନକୁ ଦର୍ଶାଉଛି। ଅନ୍ୟ ଜଣକଙ୍କ ପାଇଁ ସଂଯୋଗକୁ ଦୃଢ଼ କରିବା ଏବଂ ସାମଗ୍ରିକ ସମର୍ଥନର ଗୁରୁତ୍ୱକୁ ଏହା ଜଣାଉଛି। ସହରାଂଚଳରେ ଯୁବବର୍ଗ ଓ ବରିଷ୍ଠ ନାଗରିକଙ୍କୁ ପ୍ରଭାବିତ କରୁଥିବା ଏକଲାପଣ ଉପରେ ଏହା ଆଲୋକପାତ କରୁଛି। ମହାକୁମ୍ଭରେ ଭିର ନମ୍ବର ରକ୍ଷକ ସହିତ 'ବି ସମ୍‌ୱାନ୍‌ସ ଭି' ଜନ ସୁରକ୍ଷା ଓ କଲ୍ୟାଣ ଦର୍ଶନକୁ ଆଗକୁ ବଢ଼ାଉଛି। ଏଥି ସହିତ ମହାକୁମ୍ଭ ପରିଦର୍ଶନ କରୁଥିବା ଲୋକମାନଙ୍କୁ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରିବା ଲାଗି ଭି ପକ୍ଷରୁ ତ୍ରିବେଣୀ ସଙ୍ଗମରେ ୩୦ଟି ନୂଆ ସାଇଟ୍ ଯୋଡ଼ି ନେଟୱର୍କ ଦକ୍ଷତା ବୃଦ୍ଧି କରାଯାଇଛି। ଆଖାପାଖ ପ୍ରମୁଖ ଅଂଚଳରେ ୪୦ ମାକ୍ରୋ ଓ ଉଚ୍ଚ ମାନର କ୍ଷୁଦ୍ର ସେଲ୍ ମଧ୍ୟ ରଖାଯାଇଛି। ପ୍ରଚ୍ଛଦ ସଂଯୋଗ ପାଇଁ ୩୨ କିମି ଫାଇବର୍ ମଧ୍ୟ ମୁତୟନ କରାଯାଇଛି।

## ଏଆଇ-ଫାଷ୍ଟ ଓମନି ଏଜେଣ୍ଟର ଶୁଭାରମ୍ଭ




ନୂଆଦିଲ୍ଲୀ: ଆଇଟି ଓ ଆଇଟିଇଏସ ସଲ୍ୟୁଶନ୍ସ କ୍ଷେତ୍ରରେ ଏକ ଗ୍ଲୋବାଲ ଲିଡର, ତତ୍ତ୍ୱ ଟେକ୍ନୋଲୋଜି ଭୁବନେଶ୍ୱରସ୍ଥିତ ଏହାର କର୍ପୋରେଟ ମୁଖ୍ୟାଳୟରେ ଏକ ବିଶାଳ ସମାରୋହରେ ନିଜର ୨୩ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଦେଶବ୍ୟାପୀ କମ୍ପାନୀର ସମସ୍ତ ଡେଲିଭରି ସେଂଟରଗୁଡିକରେ ଏହି ସେଲିବ୍ରେଶନ ଡିଜିଟାଲ ମାଧ୍ୟମରେ ପାଳନ ହୋଇଥିଲା ଯେଉଁଥିରେ ୩୦୦୦ରୁ ଅଧିକ କର୍ମଚାରୀ ଓ ସହଯୋଗୀ ଯୋଗ ଦେଇଥିଲେ। କମ୍ପାନୀର ଏଆଇ ଗ୍ରୁପ ତତ୍ୱଓରେସନ.ଏଆଇ (TatwaOration.AI) ଅଧିନରେ ଏହାର ଅତ୍ୟାଧୁନିକ କନଭରସେଶନାଲ ଏଆଇ ପ୍ରଡକ୍ଟ-ଏଆଇ ଫାଷ୍ଟ ଓମନିଏଜେଂଟର ଶୁଭାରମ୍ଭ ଏହି ସେଲିବ୍ରେଶନର ମୁଖ୍ୟ ଆକର୍ଷଣ ଥିଲା। ଏଆଇ ଫାଷ୍ଟ ଓମନିଏଜେଂଟ ହେଉଛି ଭାରତର ପ୍ରଥମ ବହୁଭାଷୀୟ, ମାନବ-ସଦୃଶ ଏଆଇ ଏଜେଂଟ ଯାହା ପ୍ରସଙ୍ଗ-ସଚେତନ, ଭାବନା-ପରିଚାଳିତ ଯୋଗାଯୋଗ ପ୍ରଦାନ କରିବାରେ ସକ୍ଷମ। ଏହାକୁ ହାସ୍ୟ, ବ୍ୟଙ୍ଗ ଓ ସମାନୁଭୂତି ଭଳି ମାନବିକ ଗୁଣ ସହିତ କଷ୍ଟମାଇଜ କରାଯାଇପାରିବ, ଯାହା ଏହାକୁ ବିଶ୍ୱବ୍ୟାପୀ ଏଆଇ-ପରିଚାଳିତ ଗ୍ରାହକ ନିୟୋଜନରେ ଏକ ଗେମ୍-ଚେରରେ ପରିଣତ କରେ। ଏହି ଅବସରରେ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରର ଏକ ଅଗ୍ରଣୀ ନାମ, ଜ୍ଞାନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଗତ କିଛି ଦଶନ୍ଧି ମଧ୍ୟରେ ତତ୍ତ୍ୱର ପ୍ରଗତି ଦେଖି ମୁଁ ଆଶ୍ଚର୍ଯ୍ୟ। ଦ୍ରୁତ ଗତିରେ ବଦଳୁଥିବା ଜ୍ଞାନକୌଶଳକୁ ଗ୍ରହଣ କରିବା ଏବଂ ସେହି ଅନୁଯାୟୀ ନିଜକୁ ଉପଯୋଗୀ କରିବା ପାଇଁ ସେମାନଙ୍କର ଆଗ୍ରହ ସେମାନଙ୍କୁ ଦୌଡ଼ରେ ଆଗରେ ରଖିଛି ବୋଲି ଶ୍ରୀ ଦାଶ ମତ ବ୍ୟକ୍ତ କରିଥିଲେ। ଏହି ଶୁଭାରମ୍ଭ ଅବସରରେ ତତ୍ୱ ଟେକ୍ନୋଲୋଜିସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅୟସକାନ୍ତ ମହାନ୍ତି କହିଛନ୍ତି, 'ଏହି ସଲ୍ୟୁଶନ ବ୍ୟବସାୟଗୁଡିକୁ ଚମତ୍କାର ଗ୍ରାହକ ଅନୁଭୂତି ପ୍ରଦାନ କରିବା ପାଇଁ ସଶକ୍ତ କରୁଛି ଯାହା ଉଭୟ ମନୁଷ୍ୟ-କେନ୍ଦ୍ରିତ ଓ ଦକ୍ଷ ଅଟେ। ଏଆଇ-ଫାଷ୍ଟ ଓମ୍ନି ଏଜେଂଟ ଡିଜିଟାଲ ରୂପା'ରଣର ଭବିଷ୍ୟତ ଦିଗରେ ଏକ ପଦକ୍ଷେପ। ଗୁରୁଗ୍ରାମର ତାଜ ସିଟି ସେଂଟରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏଆଇ ଫାଷ୍ଟ ଓମନିଏଜେଂଟ ଉତ୍ସାହଜନକ ପ୍ରତିକ୍ରିୟା ହାସଲ କରିଥିଲା, ଯେଉଁଠାରେ ଇଣ୍ଡିଆ ଆଇଏନ୍‌ସି.ର ଟପ୍ ସିଇଓ, ସିଏକ୍ସଓ ଓ ସିଆଇଓମାନେ ଏହାର ସହଜ, ବ୍ୟକ୍ତିଗତ ଓ ଉଚ୍ଚ ଦକ୍ଷତାସମ୍ପନ୍ନ ଗ୍ରାହକ ଅନୁଭୂତି ପ୍ରଦାନ କରିବାର କ୍ଷମତାକୁ ପ୍ରଶଂସା କରିଥିଲେ। ବୈଷୟିକ ଅଗ୍ରଗତି ବ୍ୟତୀତ ତତ୍ୱ ଟେକ୍ନୋଲୋଜିସ୍ ନିଯୁକ୍ତି, ଦକ୍ଷତା ବିକାଶ ଓ ସ୍ଥାୟିତ୍ୱ ପ୍ରୟାସଗୁଡିକ ମାଧ୍ୟମରେ ନିରନ୍ତର ଭାବେ ସକାରାତ୍ମକ ସାମାଜିକ ପ୍ରଭାବ ସୃଷ୍ଟି କରିବା ଜାରି ରଖିଛି। ଏହାର ୭୫% କର୍ମଚାରୀ ଗ୍ରାମାଂଚଳ ଭାରତର ଅଟନ୍ତି, ଯେଉଁମାନେ ସେମାନଙ୍କ ପରିବାର ପାଇଁ ପ୍ରାଥମିକ ଆୟକାରୀ ଅଟନ୍ତି।

## ଜିଓ ଭାରତରେ ବିଶ୍ୱର ସର୍ବଶ୍ରେଷ୍ଠ ଏଆଇ ଭିତ୍ତିଭୂମି ପ୍ରସ୍ତୁତ କରୁଛି: ମୁକେଶ ଅମ୍ବାନୀ



କୋଲକାତା: ରିଲାଏନ୍ସ ଜିଓ ଭାରତରେ ବିଶ୍ୱର ସର୍ବଶ୍ରେଷ୍ଠ ଏଆଇ ଭିତ୍ତିଭୂମି ପ୍ରସ୍ତୁତ କରୁଛି ଏବଂ ଏକ ଅତ୍ୟାଧୁନିକ ମାନୁଫାକଚରିଙ୍ଗ କ୍ଷମତା ସହିତ ଡିପ୍ ଟେକ୍ନୋଲୋଜି ସମ୍ପନ୍ନ ଦେଶ ହେବାପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ। ଅଷ୍ଟମ ବେଙ୍ଗଲ ଗ୍ଲୋବାଲ ବିଜିନେସ ସମ୍ମିଳନୀରେ ଏହା ପ୍ରକାଶ କରିବା ସହିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆସନ୍ତା ୧୦ ବର୍ଷ ମଧ୍ୟରେ ପଶ୍ଚିମବଙ୍ଗରେ ନିଜର ପୁଞ୍ଜିନିବେଶକୁ ଦ୍ୱିଗୁଣିତ କରିବ ବୋଲି ସେ ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗରେ ଗତ ଦଶନ୍ଧି ମଧ୍ୟରେ ରିଲାଏନ୍ସର ପୁଞ୍ଜିନିବେଶ ୨ ହଜାର କୋଟି ଟଙ୍କାରୁ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି ହୋଇଥିବା ସୂଚନା ଦେଇ ୨୦୩୫ ସୁଦ୍ଧା ଏହା ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବା ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି। ବେଙ୍ଗଲ ଗ୍ଲୋବାଲ ସମ୍ମିଳନୀରେ ଯୋଗ ଦେଇ ମୁକେଶ ଅମ୍ବାନୀ ମୋଟ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଜିଓ ପକ୍ଷରୁ କୋଲକାତାରେ ରହିଥିବା ଡାଟା ସେଣ୍ଟରକୁ ଅତ୍ୟାଧୁନିକ ଏଆଇ-ପ୍ରସ୍ତୁତ ଡାଟା ସେଣ୍ଟରରେ ପରିଣତ କରାଯାଉଛି ଯାହା ଆସନ୍ତା ୯ ମାସ ମଧ୍ୟରେ ପ୍ରସ୍ତୁତ ହେବ ବୋଲି ସେ ସୂଚନା ଦେଇଛନ୍ତି। ରିଟେଲ କ୍ଷେତ୍ରରେ ରିଲାଏନ୍ସ ଆସନ୍ତା ତିନି ବର୍ଷ ମଧ୍ୟରେ ୪୦୦ ଟି ନୂତନ ଷ୍ଟୋର ଖୋଲିବାକୁ ଯାଉଥିବା ଅମ୍ବାନୀ ଘୋଷଣା କରିଛନ୍ତି। ସମ୍ପ୍ରତି, ରିଲାଏନ୍ସର ପଶ୍ଚିମବଙ୍ଗରେ ୧୩୦୦ ରୁ ଅଧିକ ଷ୍ଟୋର ରହିଛି, ଉଲ୍ଲେଖଯୋଗ୍ୟ ଯେ ରିଲାଏନ୍ସ ପଶ୍ଚିମବଙ୍ଗର ବିଭିନ୍ନ କ୍ଷେତ୍ରରେ ୧ ଲକ୍ଷରୁ ଅଧିକ ନିଯୁକ୍ତି ପ୍ରଦାନ କରିଛି। ଏହି ସମ୍ମିଳନୀରେ ବଙ୍ଗଳାର କାରିଗରମାନଙ୍କୁ ବିଶ୍ୱସ୍ତରରେ ସ୍ୱୀକୃତି ଦେବା ପାଇଁ କାର୍ଯ୍ୟ କରିବାକୁ ମୁକେଶ ଅମ୍ବାନୀ ପ୍ରତିଶୃତି ଦେଇଛନ୍ତି।

## ଗାୟତ୍ରୀ ବାସୁଦେବ ଯାଦବ ରିଲାଏନ୍ସର ଗ୍ରୁପ୍ ମୁଖ୍ୟ ମାର୍କେଟିଂ ଅଧିକାରୀ ନିଯୁକ୍ତ

ମୁମ୍ବାଇ: ରିଲାଏନ୍ସ ପକ୍ଷରୁ ଗାୟତ୍ରୀ ବାସୁଦେବ ଯାଦବଙ୍କୁ ନୂତନ ଗ୍ରୁପ୍ ମୁଖ୍ୟ ମାର୍କେଟିଂ ଅଫିସର (ସିଏମଓ) ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଷ୍ଟ୍ରାଟେଜିକ୍ ଇନିସିଏଟିଭ୍ କାର୍ଯ୍ୟନିର୍ବାହୀ ଉପସଭାପତି (ଇଭିପି, ଷ୍ଟ୍ରାଟେଜିକ୍ ଇନିସିଏଟିଭ୍) ଭାବରେ ନିଯୁକ୍ତ କରାଯାଇଛି। ଏହା ଘୋଷଣା କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବୋର୍ଡର ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି 'ତାଙ୍କ ନୂତନ ଭୂମିକାରେ ଗାୟତ୍ରୀ ରିଲାଏନ୍ସର ଅଧ୍ୟକ୍ଷ, ରିଲାଏନ୍ସ ଫାଉଣ୍ଡେସନର ଚେୟାରପର୍ସନ, ଆକାଶ, ଅନନ୍ତ ତଥା ସମଗ୍ର କାର୍ଯ୍ୟନିର୍ବାହୀ କମିଟି ଏବଂ ମୋ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବେ। ସେ ନବଉନ୍ମେଷକୁ ଆଗକୁ ବଢାଇବା, ବ୍ରାଣ୍ଡର ପ୍ରଭାବଶୀଳତା ଏବଂ ଗ୍ରାହକ-କୈନ୍ଦ୍ରିକ ସଂସ୍କୃତିକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଇଶା ଆହୁରି ମଧ୍ୟ କହିଛନ୍ତି, 'ମୁଁ ନିଶ୍ଚିତ ଯେ ଗାୟତ୍ରୀ ଯାଦବ ନୂତନ ଚିନ୍ତାଧାରା ଏବଂ ଗତିଶୀଳ ନେତୃତ୍ୱ ଆଣିବେ ଯାହା ଆମ ଦଳକୁ ପ୍ରେରଣା ଯୋଗାଇବ ଏବଂ ରିଲାଏନ୍ସକୁ ଆଗକୁ ନେବାରେ ସାହାଯ୍ୟ କରିବ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ ଏକ ଭିଡ଼ିଓ ସାମ୍ନାକୁ ଆସିଛି। ଶାନ୍ତ ସୌଭାବର ଦ୍ରାବିଡ କିନ୍ତୁ ଏହି ଭିଡିଓରେ ରାଗିଥିବାର ଜଣାପଡୁଛି। ଯାହାକୁ ଦେଖିବା ପରେ ତାଙ୍କ ପ୍ରଶଂସକମାନେ ବିଶ୍ୱାସ କରି ପାରୁନାହାନ୍ତି। ମଙ୍ଗଳବାର ସାରେ ବେଙ୍ଗାଲୁରୁର ରାସ୍ତାରେ ଜଣେ ଅଟୋ-ରିକ୍ସା ଡ୍ରାଇଭରଙ୍କ ସହ ତାଙ୍କର ପ୍ରବଳ ଯୁକ୍ତିତର୍କ ହେଉଥିବାର ଦେଖାଯାଇଛି। ଦ୍ରାବିଡ ଏବଂ ଅଟୋ ଡ୍ରାଇଭରଙ୍କ ମଧ୍ୟରେ ଯୁକ୍ତିତର୍କ ସମୟରେ କେହି ଜଣେ ସେମାନଙ୍କର ଏକ ଭିଡିଓ କରିଥିଲେ ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପ୍ରକୃତ କଥା ହେଉଛି, ରାହୁଲ ଦ୍ରାବିଡଙ୍କ କାରକୁ ଏକ ଅଟୋ ଧକ୍କା ଦେଇଥିଲା ଯାହା ପରେ ସେ ବହୁତ ରାଗି ଯାଇଥିଲେ। ସେ ଡ୍ରାଇଭରଙ୍କ ସହ କନ୍ନଡ ଭାଷାରେ ଯୁକ୍ତିତର୍କ କରୁଥିବାର ଦେଖାଯାଇଥିଲା। ରିପୋର୍ଟ ଅନୁସାରେ, ଦ୍ରାବିଡଙ୍କ କାର ଏକ ମାଲବାହୀ ଅଟୋ ସହିତ ଧକ୍କା ହୋଇଥିଲା। ଏହି ଘଟଣା ପରେ ଦ୍ରାବିଡଙ୍କ ଗାଡ଼ିକୁ ଧକ୍କା ଦେଇଥିବା ଡ୍ରାଇଭରଙ୍କ ସହ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ତଥାପି ଏହା ସ୍ପଷ୍ଟ ନୁହେଁ ଯେ ଦ୍ରାବିଡ ନିଜେ କାର ଚଳାଉଥିଲେ ନା ତାଙ୍କ ସହିତ ଜଣେ ଡ୍ରାଇଭର ଥିଲେ। ରିପୋର୍ଟ ଅନୁସାରେ, ଏହି ଘଟଣା ବେଙ୍ଗାଲୁରୁର ଏକ ବ୍ୟସ୍ତବହୁଳ ଅଞ୍ଚଳ କନିଂହାମ ରୋଡରେ ଘଟିଛି। ସୂଚନା ଅନୁଯାୟୀ, ଘଟଣାଟି ଘଟିବା ସମୟରେ ଦ୍ରାବିଡ ଇଣ୍ଡିଆନ ଏକ୍ସପ୍ରେସ ଜଙ୍କସନରୁ ହାଇ ଗ୍ରାଉଣ୍ଡସ ଅଭିମୁଖେ ଯାଉଥିଲେ। କୁହାଯାଉଛି ଯେ ଅଟୋ ଡ୍ରାଇଭର ଟ୍ରାଫିକରେ ଫସି ରହିଥିବା ଦ୍ରାବିଡଙ୍କ କାରକୁ ପଛରୁ ଧକ୍କା ଦେଇଥିଲେ।

## ଟି-୨୦ରେ ବିଶ୍ୱ ରେକର୍ଡ କଲେ ରସିଦ୍ ଖାନ୍




କାବୁଲ: ଆଫଗାନିସ୍ତାନର ଷ୍ଟାର ସ୍ପିନର ରଶିଦ ଖାନ ଟି-୨୦ କ୍ରିକେଟରେ ସର୍ବାଧିକ ୱିକେଟ ନେବାର ବିଶ୍ୱ ରେକର୍ଡ କରିଛନ୍ତି। ସେ ୱେଷ୍ଟଇଣ୍ଡିଜର ପୂର୍ବତନ ଅଲରାଉଣ୍ଡର ଡ୍ୱେନ ବ୍ରାଭୋଙ୍କୁ ପଛରେ ପକାଇ ସର୍ବାଧିକ ୱିକେଟ ନେବାର ରେକର୍ଡ କରିଛନ୍ତି। ରଶିଦ ବର୍ତ୍ତମାନ ଏସଏ୨୦ରେ ଖେଳୁଛନ୍ତି। ସୂଚନାଯୋଗ୍ୟ ଯେ, ରଶିଦ ଏସଏ୨୦ରେ ଏମଆଇ କେପଟାଉନର ନେତୃତ୍ୱ ନେଉଛନ୍ତି। ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାଲିଫାୟର ମ୍ୟାଚ ପାର୍ଲ ରୟାଲ୍ସ ଓ ଏମଆଇ କେପଟାଉନ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ରଶିଦ ପ୍ରଥମ ୱିକେଟ ନେବା ମାତ୍ରେ ବ୍ରାଭୋଙ୍କ ରେକର୍ଡ ଭାଙ୍ଗିଥିଲେ। ବ୍ରାଭୋ ତାଙ୍କ ଟି-୨୦ କ୍ୟାରିୟରରେ ୬୩୧ ୱିକେଟ ନେଇଥିବା ବେଳେ ରଶିଦ ଏବେ ୬୩୩ ଉଇକେଟ ନେଇଛନ୍ତି। ୧୦ ବର୍ଷରୁ କମ ସମୟ ମଧ୍ୟରେ ରଶିଦ ଏହି ସଫଳତା ହାସଲ କରିଛନ୍ତି। ଅକ୍ଟୋବର ୨୦୧୫ରେ ଜିମ୍ବାୱେ ବିପକ୍ଷରେ ରସିଦ ଟି-୨୦ ପଦାର୍ପଣ କରିଥିଲେ, ଯେଉଁଠାରେ ସେ ମାତ୍ର ୧ଟି ଉଇକେଟ ନେଇଥିଲେ। ଏବେ ୧୦ ବର୍ଷରୁ କମ ସମୟ ମଧ୍ୟରେ ସେ ଟି-୨୦ କ୍ରିକେଟରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇଛନ୍ତି। ଗତବର୍ଷ (୨୦୨୪) କ୍ରିକେଟରୁ ଅବସର ନେଇଥିବା ଡ୍ୱେନ ବ୍ରାଭୋ ୨୦୦୬ ଫେବ୍ରୁଆରୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ପଦାର୍ପଣ କରିଥିଲେ। ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ପହଞ୍ଚିବା ପାଇଁ ବ୍ରାଭୋଙ୍କୁ ପ୍ରାୟ ୧୮ ବର୍ଷ ସମୟ ଲାଗିଥିବା ବେଳେ ରସିଦ ଖାନ ୧୦ ବର୍ଷରୁ କମ ସମୟ ମଧ୍ୟରେ ଅଧିକ ସଂଖ୍ୟା ହାସଲ କରିଛନ୍ତି। ସୂଚନାଯୋଗ୍ୟ, ବ୍ରାଭୋ ୫୮୨ ଟି-୨୦ ମ୍ୟାଚ ରେ ୨୪.୪୦ ହାରରେ ୬୩୧ ଉଇକେଟ ନେଇଛନ୍ତି। ଅପରପକ୍ଷରେ ରଶିଦ ମାତ୍ର ୪୬୧ ମ୍ୟାଚରେ ୧୮.୦୭ ହାରାହାରିରେ ୬୩୩ ଉଇକେଟ ନେଇଛନ୍ତି। ତାଲିକାର ତୃତୀୟ ସ୍ଥାନରେ ୱେଷ୍ଟଇଣ୍ଡିଜର ସୁନୀଲ ନାରିନ ରହିଛନ୍ତି, ଯିଏ ଏପର୍ଯ୍ୟନ୍ତ ୫୭୩ ଉଇକେଟ ନେଇଛନ୍ତି। ତାଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର ଚତୁର୍ଥ ଓ ବାଂଲାଦେଶର ସାକିବ ଅଲ ହାସନ ପଞ୍ଚମ ସ୍ଥାନରେ ରହିଛନ୍ତି।

### ଟି-୨୦ରେ ସର୍ବାଧିକ ୱିକେଟ ନେଇଥିବା ଖେଳାଳି

| | |
|---|---|
| ରଶିଦ ଖାନ (ଆଫଗାନିସ୍ତାନ) | : ୬୩୩ ୱିକେଟ |
| ବ୍ରାଭୋ (ୱେଷ୍ଟଇଣ୍ଡିଜ) | : ୬୩୧ ୱିକେଟ |
| ସୁନୀଲ ନାରାୟଣ (ୱେଷ୍ଟଇଣ୍ଡିଜ) | : ୫୭୩ ୱିକେଟ |
| ଇମ୍ରାନ ତାହିର (ଦକ୍ଷିଣ ଆଫ୍ରିକା) | : ୫୩୧ ୱିକେଟ |
| ସାକିବ ଅଲ ହାସନ (ବାଂଲାଦେଶ) | : ୪୯୨ ୱିକେଟ |

## ଆଇସିସି ରାଙ୍କିଙ୍ଗ: ଦ୍ୱିତୀୟ ସ୍ଥାନରେ ଅଭିଷେକ ଶର୍ମା




ନୂଆଦିଲ୍ଲୀ : ଟିମ୍ ଇଣ୍ଡିଆର ଯୁବ ଓପନର ଅଭିଷେକ ଶର୍ମା ଏବେ ଟି-୨୦ରେ କମାଲ କରୁଛନ୍ତି। ଯାହା ଫଳରେ ସେ ୩୯ଜଣ ଖେଳାଳି ପଛରେ ପକାଇ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ସେ ଇଂଲଣ୍ଡ ବିପକ୍ଷ ଟି-୨୦ରେ ଦମଦାର ପ୍ରଦର୍ଶନ କରିଥିଲେ। ଅଭିଷେକ ଶର୍ମା ଗତକିଛି ଦିନ ମଧ୍ୟରେ ଏତେ ଭଲ ବ୍ୟାଟିଂ କରିଛନ୍ତି ଯେ ତାଙ୍କର ଦବଦବା ଏବେ ଆଇସିସି ରାଙ୍କିଙ୍ଗରେ ମଧ୍ୟ ଦେଖିବାକୁ ମିଳିଛି । ଅଭିଷେକ ଶର୍ମା ଆଇସିସି ଟି-୨୦ ରାଙ୍କିଙ୍ଗରେ ଅନେକ ଅଭିଜ୍ଞ ଖେଳାଳିଙ୍କୁ ପଛରେ ପକାଇଛନ୍ତି। ଅଭିଷେକ ଶର୍ମା ଫିଲ୍ ସଲ୍ଟ, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ, ଜସ୍ ବଟଲର, ବାବର ଆଜମ, ମହମ୍ମଦ ରିଜୱାନଙ୍କ ଭଳି ମହାନ ଖେଳାଳିଙ୍କୁ ପଛରେ ପକାଇଛନ୍ତି। ଅଭିଷେକ ଶର୍ମାଙ୍କ ସଦ୍ୟତମ ରାଙ୍କିଙ୍ଗ ୨ ଏବଂ ତାଙ୍କର ରେଟିଂ ପଏଣ୍ଟ ୮୨୯ ହୋଇଛି। ଅଭିଷେକଙ୍କ ଆଗରେ ରହିଛନ୍ତି ଟ୍ରାଭିସ୍ ହେଡ୍ । ସେ ୮୫୫ ରେଟିଂ ପଏଣ୍ଟ ସହିତ ନମ୍ବର ୧ରେ ରହିଛନ୍ତି । ଯଦି ଅଭିଷେକ ଆଉ ଗୋଟିଏ ଟି-୨୦ ସିରିଜରେ ଭଲ ପ୍ରଦର୍ଶନ କରନ୍ତି, ତେବେ ସେ ଟ୍ରାଭିସ୍ ହେଡଙ୍କୁ ମଧ୍ୟ ପଛରେ ପକାଇଦେବେ। ହେଡ୍ ଏବଂ ଅଭିଷେକ ଶର୍ମାଙ୍କ ବ୍ୟତୀତ ସମସ୍ତ ଖେଳାଳି ଟି-୨୦ ରାଙ୍କିଙ୍ଗରେ କ୍ଷତି ସହିଛନ୍ତି। ତିଲକ ବର୍ମା ଗୋଟିଏ ସ୍ଥାନ ଖସି ତୃତୀୟ ସ୍ଥାନରେ ରହିଛନ୍ତି । ସଲ୍ଟ ଚତୁର୍ଥ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ପଞ୍ଚମ ସ୍ଥାନରେ ରହିଛନ୍ତି। ଜସ୍ ବଟଲର୍ ଷଷ୍ଠ, ବାବର ୭ମ, ନିସାଙ୍କ ୮ମ, ରିଜୱାନ ୯ମ ଏବଂ କୁସାଲ ପରେରା ୧୦ମ ସ୍ଥାନରେ ଅଛନ୍ତି। ଅଲରାଉଣ୍ଡରଙ୍କ ରାଙ୍କିଙ୍ଗରେ ହାର୍ଦ୍ଦିକ ପାଣ୍ଡ୍ୟା ଶୀର୍ଷରେ ରହିଛନ୍ତି । ବୋଲିଂରେ ବରୁଣ ଚକ୍ରବର୍ତ୍ତୀ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି।

### ଜାତୀୟ ସ୍ତରୀୟ ଟାଏକୋଣ୍ଡ ପ୍ରତିଯୋଗିତା

## ସ୍ୱର୍ଣ୍ଣ ଜିତିଲେ ଅଦମ୍ୟ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଟାଏକୋଣ୍ଡ ଫେଡ଼େରେସନ ଅଫ ଇଣ୍ଡିଆ ଅନୁକୂଲ୍ୟରେ ତେଲେଙ୍ଗାନା, ହାଇଦ୍ରାବାଦର କୋଟଲା ବିଜୟ ଭାସ୍କର ରେଡ୍ଡୀ ଇନଡୋର ଷ୍ଟାଡ଼ିୟମରେ ୪୦ତମ ସିନିୟର ଓ ସପ୍ତମ କ୍ୟାଡେଟ କ୍ୟୋରୁଗି ଏବଂ ପୁମସେ ଜାତୀୟ ଟାଏକୋଣ୍ଡୋ ଚାମ୍ପିଅନସିପ ୨୦୨୫ ଗତ ମାସ ୨୭ ରୁ ୩୦ ତାରିଖ ଯାଏ ୪ ଦିନ ଧରି ଅନୁଷ୍ଠିତ ହୋଇଯାଇଅଛି। ଏହି ଜାତୀୟ ସ୍ତରୀୟ ଖେଳରେ ଯୁବ ଟାଏକୋଣ୍ଡୋ ଖେଳାଳି ଶ୍ରୀମାନ ଅଦମ୍ୟ ଅରିଜିତ ରାୟ ନିଜର ଦକ୍ଷତା ପ୍ରଦର୍ଶନ କରି ୧୪ ବର୍ଷରୁ କମ କ୍ୟାଡେଟ ଏକକ ପୁମସେ ପ୍ରତିଯୋଗିତାରେ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ସେ ୨୦୨୨-୨୩ ମସିହାରେ ରାଜସ୍ଥାନର କୋଟା ଠାରେ, ୨୦୨୩-୨୪ ମସିହାରେ ଉତ୍ତରାଖଣ୍ଡର ଡେରାଡୁନ ଠାରେ ଓ ଚଳିତ ବର୍ଷ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ନିଜ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରି ହ୍ୟାଟ୍ରିକ ଲାଭ କରିଛନ୍ତି। ଏହି ସଫଳତାରେ ଓଡିଶା ଟାଏକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଅଦମ୍ୟଙ୍କ ସହ ତାଙ୍କର ପ୍ରଶିକ୍ଷକ ମୋଳିନ୍ଦୁ କୁମାର ମହାନ୍ତ ଓ ରୋହିତ ପ୍ରସାଦଙ୍କୁ ଅଶେଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ୟୁନାଇଟେଡ ଏଫ୍‌ସି ବିଜୟୀ

ନିମାପଡା (ଭାସ୍କର ନ୍ୟୁଜ): ନିମାପଡାରେ ଆଥଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୧୦ମ ପଦ୍ମଚରଣ ସାମନ୍ତସିଂହାର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ବୁଧବାର ପରସ୍ପରକୁ ଭେଟିଥିଲେ ୟୁନାଇଟେଡ ଏଫ ସି ଗଣ୍ଡରପୁର ଓ ବଜରଙ୍ଗ ଏଫସି ଘାଟିକିଆ । ପ୍ରଥମାର୍ଦ୍ଧରେ ଏକ ମିନିଟ୍‌ରେ ୟୁନାଇଟେଡ ଏଫ୍ ସି ର ୧୧ ନମ୍ବର ଖେଳାଳୀ ବାପୁନି ବିଦ୍ଧାଣି ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧର ୨୩ମିନଟ୍‌ରେ ବଜରଙ୍ଗୀ ଏଫ୍ ସିର ୧୫ନମ୍ବର ଖେଳାଳୀ ଗୋଟିଏ ଗୋଲ ଦେଇ ଖେଳକୁ ସମାନସ୍ତରକୁ ଆଣିଥିଲେ । ୟୁନାଇଟେଡ ଏଫ୍‌ସିର ଖେଳାଳୀ ୨ୟ ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ ଥିବା ସହିତ ଖେଳରେ ପ୍ରବଳ ପ୍ରତିଦ୍ୱନ୍ଦିତା ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ଖେଳ ରୋମାଟଂକର ହୋଇଥିବା ବେଳେ ବଜରଙ୍ଗୀ ଏଫ୍ ସି ଦ୍ୱିତୀୟ ଗୋଲ ଦେଇ ଖେଳକୁ ସମାନ ସ୍ତରକୁ ଆଣିଥିଲେ । ପରେ ୟୁନାଇଟେଡ ଏଫ୍ ସି ତୃତୀୟ ଗୋଲ ଦେଇ ଆଗୁଆ ରହି ଶେଷରେ ବିଜୟ ଲାଭ କରିଥିଲା ।



## ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବିସିଏ ବିଜୟୀ



ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ଖେଳରେ ବିସିଏ ମୟୁରଭଞ୍ଜ ଗ୍ରୀନକୁ ୪୩ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବିସିଏ ୩୫ ଓଭରରେ ୮ ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସଚ୍ଚିଦାନନ୍ଦ କଟୁଆଲ ୫୨ ଓ ରୋହନ ସାହୁ ୬୪ ରନ କରିଥିବା ବେଳେ ବିପକ୍ଷ ଦଳର ଜିତ ଦେ ୨ ୱିକେଟ ଅକ୍ତିଆର କରିଥିଲେ। ଅନ୍ୟପଟେ ମୟୁରଭଞ୍ଜ ଗ୍ରୀନ ୩୦.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୬ ରନ ସଂଗ୍ରହ କରିପାରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ତିରିଆ ୨୮ରନ କରିଥିବାବେଳେ ବିପକ୍ଷ ଦଳର ସାଇବା ସିଂ ୪ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ଅତିଥି ବିଶିଷ୍ଟ କ୍ରୀଡ଼ାବିତ ପ୍ରଦୀପ କିଶୋର ମହାନ୍ତିଙ୍କ ସମେତ ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଡିଆରକେ (ଏ) ଓ ମୟୁରଭଞ୍ଜ (ଏ) ମଧ୍ୟରେ ଖେଳ ହେବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ପାରାଦ୍ୱୀପ ସ୍ପୋର୍ଟିଂ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ଡେରାବିଶ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଗତ ଶିନବାର ଠାରୁ ଆରମ୍ଭ ହୋଇଥିବା ୫୨ତମ ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ତଥା ଶେଷ କ୍ୱାଟର ଫାଇନାଲ ଖେଳରେ ଯାଜପୁର ଜିଲ୍ଲା ଅଧିନ ଗୋଲକୁଣ୍ଡର ବାଟ ମଙ୍ଗଳା କ୍ରିକେଟ କ୍ଲବକୁ ୨ୱିକେଟରେ ହରାଇ ଜଗତସିଂହପୁର ଜିଲ୍ଲା ଅଧିନ ପାରାଦ୍ୱୀପ ସ୍ପୋର୍ଟିଂ କ୍ରିକେଟ ଦଳ ସେମି ଫାଇନାଲକୁ ଉନ୍ନିତ ହୋଇଛି। ପାରାଦ୍ୱୀପ ଦଳ ପ୍ରଥମେ ଟସ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଗୋଲକୁଣ୍ଡ ଦଳ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୨ ଓଭରରେ ସମସ୍ତ ୱିକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌଭାଗ୍ୟ ଧଳ ସର୍ବାଧିକ ୪୦ ରନ କରିଥିବା ବେଳେ ବିପକ୍ଷ ପାରାଦ୍ୱୀପ ଦଳ ପକ୍ଷରୁ ଅଧିନାୟକ ଅମିତ ସାହୁ ଚମତ୍କାର ବୋଲିଂ କରି ୩ ଗୋଟି ୱିକେଟ ଅକ୍ତିଆର କରିଥିଲେ। ପରେ ୧୪୨ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ପାଇଁ ଓହ୍ଲାଇଥିବା ପାରାଦ୍ୱୀପ ସ୍ପୋର୍ଟିଂ ଦଳ ୧୬.୫ ଓଭରରେ ୮ଟି ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ପାରାଦ୍ୱୀପ ଦଳ ପକ୍ଷରୁ ରୋଶନ ରାଜପୁତ ସର୍ବାଧିକ ୫୦ରନର ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଅଧିନାୟକ ଅମିତ ସାହୁ ଦ୍ୱିତୀୟ ସର୍ବାଧିକ ୩୨ ରନ କରିଥିଲେ। ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ ଦେଖାଇଥିବା ଅଧିନାୟକ ଶ୍ରୀସାହୁଙ୍କୁ ଆଜିର ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ଖେଳରେ ଅତିଥି ଭାବେ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ, ପୂର୍ବତନ ସମିତିସଭ୍ୟ ସରୋଜ କୁମାର ପରିଡା, ଅବସରପ୍ରାପ୍ତ ଅଧ୍ୟାପକ ତାରାକାନ୍ତ ପ୍ରଧାନ, ସମାଜସେବୀ ରାଜକିଶୋର ମଲ୍ଲ ଓ ଶରତ ସାହୁ ଯୋଗଦେଇଥିଲେ। ପ୍ଲାବନ ସ୍ୱାଇଁ ଓ ଅନୁପ କୁମାର ରାଉତ ଅମ୍ପାୟାରଭାବେ ଆଜିର ଖେଳକୁ ପରିଚାଳନା କରିଥିବାବେଳେ ଚିରଞ୍ଜିବୀ ବିଶ୍ୱାଳ ସ୍କୋରର ଏବଂ ନିହାର କୁମାର ସ୍ୱାଇଁ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ଖେଳ ପରିଚାଳନାରେ ଆୟୋଜକ ଦଳର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ।

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
****
XXI-55

**ଅଧିସୂଚନା**

No RDM-LAA-MBJ-0026-2024- **45654** / R&DM, Dated **26.12.2024**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ , ବଧି ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- **ବଧି**, ଥାନା- ବୈଶିଙ୍ଗା, ନଂ. ୧୯୩, ତହସିଲ- ରସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. **୧.୩୧**ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ**- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ , ବଧି ସବ୍-ମାଇନର ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ**- ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ**- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ**- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ**- ଉପ ଜିଲ୍ଲାପାଳ, ବାରିପଦା ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରସଗୋବିନ୍ଦପୁର | ବଧି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୧.୬୪ | ଏ. ୧.୩୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/-(ସୁରର୍ଜ୍ଜନ ପ୍ରଧାନ)
ଅତରିକ୍ତ ଶାସନ ସଚିବ

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୧୧୧/୨୦୨୩
ଏ.୧.୩୧ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ **କେଶରୀ** ଡିଷ୍ଟ୍ରିବ୍ୟୁଟାରୀ, ବଧି ସବ -ମାଇନର ନିମନ୍ତେ
ମୌଜା- **ବଧି** , ଥାନା- ବୈଶିଙ୍ଗା ନଂ-୧୯୩, ତହସିଲ- ରସଗୋବିନ୍ଦପୁର , ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 18 | 12/746 | 0.23 | 0.08 | ଶାରଦ ଏକ | କୃଷ୍ଣ ରାମ ପି: କସ୍ତୁରି ରାମ, ସାନ ବାରି ରାମ ସ୍ୱା: କସ୍ତୁରି ରାମ, କାଙ୍ଗାଳି ରାମ ପି: ବୁଧି ରାମ ଜା: ଓରାଣ ବା: ପଥରଚାଟିଆ |
| 24 | 187 | 3.32 | 0.15 | ଶାରଦ ଏକ | କୃଷ୍ଣ ରାମ, ହାଡ଼ିଆ ରାମ ପି: ଗୋବଲ ରାମ, ଭଦ୍ରୀ ରାମ ପି: କାର୍ତ୍ତୀକ ରାମ, ସଖି ରାମ ସ୍ୱା: କାର୍ତ୍ତୀକ ରାମ, ଡୁମା ରାମ ପି: ବାରୁଆ ରାମ ଜା: ଓରାଣ ବା: ନିଜଗାଁ |
| 25 | 346 | 0.12 | 0.01 | ଶାରଦ ତିନି | କୃଷ୍ଣ ରାମ, ମୁନି ରାମ, ରାମଚନ୍ଦ୍ର ରାମ, ଭରତ ରାମ ପି: ଲୁଥୁ ରାମ, ସତୀ ରାମ ସ୍ୱା: ମୁନି ରାମ, ରାଧାନାଥ ରାମ ପି: ନନ୍ଦିଆ ରାମ, ବୈଶାଖୀ ରାମ ସ୍ୱା: ନନ୍ଦିଆ ରାମ, ସାମ ରାମ ପି: ହାଉବା ରାମ ଜା: ଓରାଣ ବା: ନିଜଗାଁ |
| 39 | 13 | 0.64 | 0.05 | ଶାରଦ ଏକ | ଗୋପ ସିଂ ପି:ମଙ୍ଗଳି ସିଂ ଜା: ଓରାଣ ବା: ବଡ଼ାମପୁର |
| 40 | 353 | 1.34 | 0.09 | ଶାରଦ ଏକ | ଗୋପିନାଥ ରାମ ପି:ମଙ୍ଗୁଳି ରାମ,ଜୀନୁ ରାମ, ଅମ୍ବିକା ରାମ,ଯୋତ୍ସ୍ନା ରାମ ପି:ରଇବା ରାମ,ଚମ୍ପା ରାମ ସ୍ୱା:ରଇବା ରାମ,ରାମ ରାମ,ମକରା ରାମ ପି:ସାମି ରାମ,ଗଜେନ୍ଦ୍ର ରାମ ପି:ଚୈତା ରାମ,ଜଗଜୀବନ ରାମ ପି: ମଧୁ ରାମ,ଶରଦୀ ରାମ ସ୍ୱା:ମଧୁ ରାମ, ଦୁରମଣି ରାମ ପି:ଡୁରା ରାମ,ନାନ୍ଦି ରାମ,ଗୁର ରାମ ସ୍ୱା:ଡୁରା ରାମ,କାର୍ତ୍ତୀକ ରାମ ପି: ବଡ଼ହାଲିମା ରାମ ଜା:ଓରାଣ ବା:ନିଜଗାଁ |
| 52 | 178 | 1.25 | 0.14 | ଶାରଦ ଏକ | ଛକା ରାମ, ଟିମା ରାମ, ସୁରେନ୍ଦ୍ର ରାମ ପି: ମାହାଲି ରାମ, ହାଡ଼ି ରାମ ସ୍ୱା: ମାହାଲି ରାମ ଜା: ଓରାଣ ବା: ନିଜଗାଁ |
| 67 | 355 | 0.14 | 0.01 | ଶାରଦ ଏକ | ଠୁମ୍ପୁ ସିଂ, କମଲ ସିଂ ପି: ଦର ସିଂ ଜା: ଓରାଣ ବା: ନିଜଗାଁ |
| 85 | 365 | 0.23 | 0.05 | ଶାରଦ ଏକ | ବଚି ସିଂ ସ୍ୱା: ଝଡିଆ ସିଂ, ବଧନ ସିଂ, ରଇବାରି ସିଂ, ହାଉଡି ସିଂ ପି: ଝଡିଆ ସିଂ, ବର ସିଂ, ସମନାଥ ସିଂ, ରବି ସିଂ, ଭିମ ସିଂ ପି: ରାୟାଁ ସିଂ ଜା: ଓରାଣ ବା: ନିଜଗାଁ |
| 100 | 337 | 0.05 | 0.02 | ଶାରଦ ତିନି | ମନି ରାମ, ରାଧା ନାଥ ରାମ ପି: ନଳିଆ ରାମ ଜା: ଓରାଣ ବା: ନିଜଗାଁ |
| 104 | 356 | 0.15 | 0.01 | ଶାରଦ ଏକ | ମନ୍ତ୍ରୀ ସିଂ ପି:ଶାମ ସିଂ ଜା:ଉରାଣ ବା:ନିଜଗାଁ |
| 114 | 335 | 0.21 | 0.05 | ଶାରଦ ତିନି | ମୁନି ରାମ ପି: ଗୁହିନ ରାମ, ମାଧିଆ ରାମ ପି: କୃଷ ରାମ, ଗୁରୁବାରୀ ରାମ ସ୍ୱା: କୃଷ ରାମ, ମହେଶ୍ୱର ରାମ ପି: ଲବ ରାମ ଜା: ଉରାଣ ବା: ନିଜଗାଁ |
| 115 | 359 | 0.17 | 0.05 | ଶାରଦ ଏକ | ରଇବା ସିଂ ପି:ବାୟା ସିଂ ଜା: ଉରାଣ ବା: ନିଜଗାଁ |
| 117 | 341 | 0.28 | 0.05 | ଶାରଦ ଦୁଇ | ରାଜେନ୍ଦ୍ର ରାମ, କେଶବ ରାମ ପି: ଶ୍ୟାମ ରାମ ଜା: ଓରାଣ ବା: ପଥରଚାଟିଆ |
| 118 | 334 | 0.10 | 0.01 | ଶାରଦ ଦୁଇ | ରାଧାକୃଷ୍ଣ ରାମ, ମଧୁ ସୁଦନ ରାମ ପି: ସୀତା ରାମ ଜା: ଉରାଣ ବା: ନିଜଗାଁ |
| | 350 | 0.20 | 0.05 | ଶାରଦ ଦୁଇ | |
| 131 | 366/801 | 0.40 | 0.05 | ଶାରଦ ଏକ | ରୁପା ସିଂ ପି: ଭିମ ସିଂ, ନାନ୍ଦି ସିଂ ସ୍ୱା: ମଧୁ ସିଂ ଜା: ଉରାଣ ବା: ନିଜଗାଁ |
| 142 | 357 | 0.11 | 0.01 | ଶାରଦ ଏକ | ସାରଦା ମଣୀ ରାମ ସ୍ୱା:ମଧୁ ସୁଦନ ରାମ ଜା: ଉରାଣ ବା: ନିଜଗାଁ |
| 148 | 8 | 0.73 | 0.08 | ଶାରଦ ଏକ | ସୋମ ନାଥ ରାମ, କାଳନ୍ଦି ରାମ, ନନ୍ଦିଆ ରାମ ପି: ଚାଡରା ରାମ, ଗୁରୁବାରି ରାମ ସ୍ୱା: ଚାଡରା ରାମ, ମନ୍ତ୍ରୀ ରାମ ସ୍ୱା: ମାଟୁରା ରାମ, ମଙ୍ଗୁଳି ରାମ, ଗୁରୁବାରୀ ରାମ ପି: ମାଟୁ ରାମ ଜା: ଉରାଣ ବା: ନିଜଗାଁ |
| 153 | 341/856 | 0.06 | 0.04 | ଶାରଦ ଦୁଇ | ହରେକୃଷ୍ଣ ରାମ,ଗୋପିନ୍ଦ୍ର ରାମ ପି:ରାୟା ରାମ,ଦର୍ଶନୀୟା ରାମ ପି: ଶୁକ୍ରା ରାମ, ଗୌର ଚନ୍ଦ୍ର ରାମ,ଶୁକୁରା ରାମ, ବାଇଧର ରାମ ପି: ଜୟା ରାମ,ଗହରଣି ରାମ ସ୍ୱା: ଜୟା ରାମ, ବଚି ରାମ ସ୍ୱା:ଶୁକ୍ର ରାମ,ପରବାସିଆ ରାମ, ଜଗା ରାମ ପି:ବଲ ରାମ,କର ରାମ ସ୍ୱା:ବଲ ରାମ,ରାଧାକୃଷ୍ଣ ରାମ, ମଧୁସୁଦନ ରାମ ପି: ଅଚ୍ଛୁତି ରାମ,ପାର୍ବତୀ ରାମ ସ୍ୱା:ଅଚ୍ଛୁତି ରାମ ଜା:ଓରାଣ ବା:ନିଜଗାଁ |
| | 345/794 | 0.06 | 0.02 | ଶାରଦ ଦୁଇ | |
| 157/26 | 351/946 | 0.21 | 0.07 | ଶାରଦ ଦୁଇ | ଟୀମା ରାମ ପି:ମାହାଲି ରାମ ଜା: ଓରାଣ ବା: ନିଜଗାଁ |
| 157/29 | 12 | 0.30 | 0.04 | ଶାରଦ ଏକ | ମହେଶ୍ୱର ରାମ ପି:ଲବ ରାମ ଜା: ଓରାଣ ବା: ନିଜଗାଁ |
| 157/45 | 178/903 | 0.13 | 0.01 | ଶାରଦ ଏକ | ଟୁନା ରାମ ପି:ଗିରିଧାରୀ ରାମ ଜା: ଓରାଣ ବା: ନିଜଗାଁ |
| 157/48 | 178/907 | 0.17 | 0.02 | ଶାରଦ ଏକ | ଲାଲମୋହନ ରାମ, ବଳରାମ ରାମ, ଅଭିମନ୍ୟୁ ରାମ ପି: ରଇବାରିଆ ରାମ ଜା: ଓରାଣ ବା: ନିଜଗାଁ |
| 157/70 | 358/932 | 0.41 | 0.06 | ଶାରଦ ଏକ | ଚୁନ୍ଦନାମଣି ସିଂ, ସାନବାରି ସିଂ ସ୍ୱା: ରାଧୁ ସିଂ, ବୁଧୁନୀ ସିଂ ସ୍ୱା: ସୁରେନ୍ଦ୍ର ସିଂ ଜା: ଓରାଣ ବା: ପଥରଚାଟିଆ, ରବି ରାମ ସ୍ୱା: ଗଜେନ୍ଦ୍ର ରାମ ଜା: ଓରାଣ ବା: କମାରଡିହା |
| 157/72 | 9/938 | 0.41 | 0.03 | ଶାରଦ ଏକ | ପବନି ରାମ ପି:ଆନନ୍ଦ ରାମ ଜା: ଓରାଣ ବା: ପଥରଚାଟିଆ |
| 157/82 | 938/953 | 0.09 | 0.04 | ଶାରଦ ଏକ | ରାଧାନାଥ ରାମ ପି:ନନ୍ଦିଆ ରାମ ଜା: ଓରାଣ ବା: ନିଜଗାଁ |
| 157/85 | 351/957 | 0.10 | 0.01 | ଶାରଦ ଦୁଇ | ଭଦ୍ରୀ ରାମ ପି:କାର୍ତ୍ତିକ ରାମ ଜା: ଓରାଣ ବା: ନିଜଗାଁ |
| 157/120 | 365/977 | 0.03 | 0.01 | ଶାରଦ ଦୁଇ | କମଲ ସିଂ ପି:ଦର ସିଂ ଜା: ଓରାଣ ବା:ନିଜଗାଁ |
| ମୋଟ | ୧୯ - ପ୍ଲଟକୁ | ଏ. ୧୧.୬୪ ଡେ.ମି. | ଏ.୧.୩୧ ଡେ.ମି. | | **OIPR 24001/14/0146/2425** |



ଅନେକଙ୍କୁ ମିଠା ଖାଇବା ଖୁବ୍ ପସନ୍ଦ। ମାତ୍ର ଆପଣ ଜାଣନ୍ତି କି ମିଠା ଖାଇବାର ସଠିକ୍ ସମୟ ଭୁଲ୍ ସମୟରେ ମିଠା କିମ୍ବା ମିଠା ଜାତୀୟ ଜିନିଷ ଖାଇବା ଦ୍ୱାରା ଶରୀର ଉପରେ କୁପ୍ରଭାବ ପଡିଥାଏ। କିଛି ଲୋକେ ସକାଳ ସମୟରେ ମିଠା ଖାଇ ଥାଆନ୍ତି। କିଛି ଲୋକେ ରାତିରେ ମଧ୍ୟ ମିଠା ଖାଇବାକୁ ପସନ୍ଦ କରନ୍ତି। କୁହାଯାଏ, ସକାଳ ସମୟର ଜଳଖିଆ ଦିନର ଖାଦ୍ୟ ମଧ୍ୟରୁ ମହତ୍ତ୍ୱପୂର୍ଣ୍ଣ। ସକାଳ ସମୟରେ ମିଠା ଖାଇବା ଦ୍ୱାରା ଦିନଯାକ ଶରୀର ଉପରେ ଏହାର ପ୍ରଭାବ ରହିଥାଏ। ସକାଳ ସମୟରେ ମିଠା ଖାଇବା ଦ୍ୱାରା ରକ୍ତରେ ଶର୍କରାର ମାତ୍ରା ବୃଦ୍ଧି ହୋଇଥାଏ। ଏହାସହ ଥକ୍କାପଣ, ଚିଡଚିଡାପଣ, ଏକାଗ୍ରତା ରଖିବାରେ ସମସ୍ୟା ହୋଇପାରେ। ଶରୀରକୁ ପୋଷକ ତତ୍ତ୍ୱ ସଠିକ୍ ଭାବେ ମିଳି ନପାରିବା ସହ ଓଜନ ବୃଦ୍ଧି ହେବାର ମଧ୍ୟ ସମ୍ଭାବନା ଅଧିକ ରହିଥାଏ। ବିଶେଷଜ୍ଞଙ୍କ ମତାନୁସାରେ, ମିଠା ଖାଇବାର ସବୁଠାରୁ ଉତ୍ତମ ସମୟ ହେଉଛି ଖରାବେଳ। ଖରାବେଳେ ଭୋଜନ ପରେ ମିଠା ଖାଇବା ଦ୍ୱାରା ଦିନଯାକ ଥକ୍କାପଣ ଅନୁଭବ ହୋଇନଥାଏ। ଚର୍ବି ମଧ୍ୟ ଜମାଟ ବାନ୍ଧି ନଥାଏ। ଖରାବେଳ ଭୋଜନର ପ୍ରାୟ ୧ ଘଣ୍ଟା ପରେ ମିଠା ଖାଇବା ଉଚିତ୍। ଖାଇବାର ତୁରନ୍ତ ପରେ ମିଠା ଖାଇବା ଦ୍ୱାରା ପେଟ ଫୁଲିବା ଭଳି ଅନୁଭବ ହେବା ସହ ବ୍ୟସ୍ତ ମଧ୍ୟ ଲାଗିଥାଏ। ମିଠା ଖାଇବା ପରେ କିଛି ସମୟ ନିଶ୍ଚୟ ଚାଲନ୍ତୁ।

## ଅଭିଷେକଙ୍କ ଠାରୁ ଐଶ୍ୱର୍ଯ୍ୟା ଅଧିକ ଧନୀ





ବଲିଉଡର ପ୍ରସିଦ୍ଧ ଅଭିନେତା ଅଭିଷେକ ବଚ୍ଚନ ଅନେକ ହିଟ ଫିଲ୍ମ ଦେଇଛନ୍ତି। ୧୯୭୬ ମସିହା ଫେବୃଆରୀ ୫ ତାରିଖରେ ଜନ୍ମଗ୍ରହଣ କରିଥିବା ଅଭିଷେକ ୪୯ ବର୍ଷରେ ପଦାର୍ପଣ କରିଛନ୍ତି। ଅଭିଷେକ ବର୍ଷ ବର୍ଷ ଧରି ଇଣ୍ଡଷ୍ଟ୍ରିରେ ସକ୍ରିୟ ଅଛନ୍ତି। ସେ ୨୦୦୦ରେ ଫିଲ୍ମ ରିଫ୍ୟୁଜି ଜରିଆରେ ବଲିଉଡ ଡେବ୍ୟୁ କରିଥିଲେ, ଯେଉଁଥିରେ କରୀନା କପୁର ବିପରୀତ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମକୁ ବିଶେଷ ପ୍ରତିକ୍ରିୟା ମିଳି ନଥିଲେ ମଧ୍ୟ ଅଭିଷେକ ବଚ୍ଚନଙ୍କ କାମକୁ ପ୍ରଶଂସା କରାଯାଇଥିଲା। ସେବେଠାରୁ ଅଭିଷେକ ବଚ୍ଚନଙ୍କ କ୍ୟାରିୟରରେ ଅନେକ ଉତ୍ଥାନ-ପତନ ଦେଖିବାକୁ ମିଳିଛି। ଯଦିଓ ଅଭିଷେକଙ୍କ କିଛି ସିନେମା ଫ୍ଲପ୍ ହୋଇଛି, ତଥାପି ପ୍ରଶଂସକମାନେ ତାଙ୍କ ଅଭିନୟକୁ ପ୍ରଶଂସା କରିଛନ୍ତି। ସେ ଗୁରୁ ଏବଂ ପା' ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ର ମଧ୍ୟ ଦେଇଛନ୍ତି। ବିଗତ କିଛିବର୍ଷ ମଧ୍ୟରେ ଅଭିଷେକ ଅଭିନୟ ମାଧ୍ୟମରେ କୋଟି କୋଟି ଟଙ୍କା ରୋଜଗାର କରିଛନ୍ତି। ଅଭିଷେକ ବଚ୍ଚନଙ୍କ ସମ୍ପତ୍ତି ୨୮୦ କୋଟି ଟଙ୍କା ରହିଛି। ଏହା ବ୍ୟତୀତ ସେ ଅନେକ ବ୍ରାଣ୍ଡର ମାଲିକ ଏବଂ ବିଜ୍ଞାପନ ମାଧ୍ୟମରେ ରୋଜଗାର କରନ୍ତି। ଅଭିଷେକ ବଚ୍ଚନ ହେଉଛନ୍ତି ପ୍ରୋ କବାଡି ଲିଗ ଫ୍ରାଞ୍ଚାଇଜି ଦଳ ଜୟପୁର ପିଙ୍କ ପାନ୍ଥର୍ସର ମାଲିକ। ସେ ଏବି କର୍ପୋରେସନ ପ୍ରଡକ୍ସନ ହାଉସର ମାଲିକ ମଧ୍ୟ ଅଟନ୍ତି। ରିଅଲ ଇଷ୍ଟେଟରେ ମଧ୍ୟ ସେ ନିବେଶ କରିଛନ୍ତି। ୨୦୨୦ରୁ ୨୦୨୪ ମଧ୍ୟରେ ଅଭିଷେକ ତାଙ୍କ ବାପାଙ୍କ ସହ ମିଶି ୨୨୦ କୋଟି ଟଙ୍କାର ସମ୍ପତ୍ତି କିଣିଥିଲେ। ନିକଟରେ ସେ ୨୪.୯୫ କୋଟିରେ ୧୦ଟି ଆପାର୍ଟମେଣ୍ଟ କିଣିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଅଭିଷେକ ବଚ୍ଚନ ତେରା ଜାଦୁ ଚଲ ଗୟା, ଦେଶ, ହାଁ ମୈନେ ଭି ପ୍ୟାର କିୟା, ସରାରତ, ମୁମ୍ବାଇ ସେ ଆୟା ମେରା ଦୋସ୍ତ, କୁଛ ନା କହୋ, ଜମିନ, ରନ, ଯୁବା, ଧୁମ, ରକ୍ତ, ନାଚ, ସରକାର, ବଣ୍ଟି ଔର ବବଲି, ଦସ, ସଲାମ ନମସ୍ତେ, କଭି ଅଲଭିଦା ନା କହନା ଏବଂ ଉମରାଓ ଜାନ ଭଳି ଅନେକ ଫିଲ୍ମରେ କାମ କରିଛନ୍ତି। ଶେଷ ଥର ପାଇଁ ତାଙ୍କୁ 'ଆଇ ୱାଣ୍ଟ ଟୁ ଟକ୍'ରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ସେ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମରେ ତାଙ୍କର ଅଭିନୟକୁ ବହୁତ ପ୍ରଶଂସା ମିଳିଥିଲା। ଏହା ମଧ୍ୟ ଶୁଣିବାକୁ ମିଳୁଛି ଯେ ଅଭିଷେକଙ୍କ ଠାରୁ ଐଶ୍ୱର୍ଯ୍ୟା ଅଧିକ ଧନୀ। ଐଶ୍ୱର୍ଯ୍ୟାଙ୍କ ସମ୍ପତ୍ତି ୮୦୦କୋଟିରୁ ଅଧିକ ଥିବାବେଳେ ଅଭିଷେକଙ୍କ ସମ୍ପତ୍ତି ମାତ୍ର ୨୮୦ କୋଟି ରହିଛି।

## କେଉଁଠି ଲଗାଇବେ କଲିଂବେଲ୍



ଘରର ମୁଖ୍ୟ ଦ୍ୱାରରେ କଲିଂବେଲ୍ ଲଗାଇବା ଏକପ୍ରକାର ଜରୁରି। ତେବେ ଘରର ଅନ୍ୟାନ୍ୟ ସାମଗ୍ରୀ ଭଳି ଏହି କଲିଂ ବେଲ୍ ଲଗାଇବା ପାଇଁ ମଧ୍ୟ ବାସ୍ତୁ ଶାସ୍ତ୍ରରେ ଆବଶ୍ୟକ ପରାମର୍ଶ ଦିଆଯାଇଛି। ବାସ୍ତୁ ଶାସ୍ତ୍ରର ପରାମର୍ଶ ଅଣଦେଖା କରି କଲିଂବେଲ୍ ଲଗାଇବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିବାର ଆଶଙ୍କା ରହିଥାଏ। କୁହାଯାଇଛି, କଲିଂ ବେଲ୍ ଲଗାଇବାରେ ବାସ୍ତୁ ଦୋଷ ରହିଲେ, ପରିବାରର ସଦସ୍ୟମାନଙ୍କ ସ୍ୱଭାବ ଚିଡ଼ିଚିଡ଼ା ହୋଇଥାଏ। ଆଉ ପରିବାର ଲୋକଙ୍କ ଭିତରେ ବିବାଦ ମଧ୍ୟ ସୃଷ୍ଟି ହୋଇଥାଏ। ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ କଲିଂବେଲ୍ ଲଗାଇଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ। ତେବେ ଆସନ୍ତୁ ଜାଣିବା, ବାସ୍ତୁଶାସ୍ତ୍ର ଅନୁସାରେ ଘରର କଲିଂ ବେଲ୍ ଲଗାଇବା ବେଳେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ। ବାସ୍ତୁଶାସ୍ତ୍ର ଅନୁସାରେ, ଘରର ମୁଖ୍ୟ ଦ୍ୱାରରେ କଲିଂ ବେଲ୍ ଚଟାଣରୁ ପାଖାପାଖି ପାଞ୍ଚ ଫୁଟ୍ ଉଚ୍ଚରେ ଲଗାଇବା ଉଚିତ୍। ଏହାଦ୍ୱାରା ଶୁଭଫଳ ମିଳିଥାଏ। ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ। ସେହିପରି ଘରର ନାମଫଳକ ଏହି କଲିଂ ବେଲ୍‌ର ଉପରେ ରହିବା ଆବଶ୍ୟକ। ଏପରି କଲେ, ପରିବାରର ମୁଖିଆଙ୍କୁ ଯଶ ଓ ସମ୍ମାନ ମିଳିଥାଏ। ଏହା ଛଡ଼ା ଘରେ ସକରାତ୍ମକ ଶକ୍ତି ମଧ୍ୟ ପ୍ରବେଶ କରିବା ଦ୍ୱାରା ଖୁସିର ବାତାବରଣ ରହିଥାଏ ଏବଂ ପରିବାର ଲୋକେ ମିଳିମିଶି ରହିଥା'ନ୍ତି।

## ସ୍ୱାସ୍ଥ୍ୟସେବାକୁ ମଜଭୁତ ପାଇଁ ୪ଟି ଆମ୍ବୁଲାନ୍ସ ଦାନ କଲେ ସୋନୁ ସୁଦ





ମାନବିକ କାର୍ଯ୍ୟ ପାଇଁ ପ୍ରସିଦ୍ଧ ଅଭିନେତା ସୋନୁ ସୁଦ ତାଙ୍କ ସୁଦ୍ ଚାରିଟି ଫାଉଣ୍ଡେସନ୍ ମାଧ୍ୟମରେ ଆନ୍ଧ୍ରପ୍ରଦେଶ ରାଜ୍ୟ ସରକାରଙ୍କୁ ଚାରୋଟି ଆମ୍ବୁଲାନ୍ସ ଦାନ କରି ପୁଣି ଥରେ ଜନସେବାରେ ଏକ ପାଦ ଆଗକୁ ବଢାଇଛନ୍ତି। ସ୍ୱାସ୍ଥ୍ୟର ବିକାଶ ପାଇଁ ସେ ପୁଣି ଆଗେଇ ଆସିଛନ୍ତି। ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟି ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ମଜବୁତ କରିବା ପାଇଁ ଚାରୋଟି ଆମ୍ବୁଲାନ୍ସ ଦାନ କରିଛନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ସୋନୁ ସୁଦ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ସହ ଅନେକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅଭିବାଦନ କରିବା ସହ ତାଙ୍କ ସହ ପୋଜ୍ ଦେଉଥିବା ଦେଖିବାକୁ ମିଳେ। ଅଭିନେତା ଏହି ପୋଷ୍ଟ୍ କରି କ୍ୟାପ୍‌ସନ୍‌ରେ ଲେଖିଛନ୍ତି, 'ଜୀବନ ରକ୍ଷା କରିବାରେ ଆମ୍ବୁଲାନ୍ସ ଗୁରୁତ୍ୱପୂର୍ଣ୍ଣ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଚାରିଟି ଆମ୍ବୁଲାନ୍ସ ଦାନ କରି ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ଯୋଗାଇବାର ଏହି ଯାତ୍ରା ଆରମ୍ଭ କରି ମୁଁ ବହୁତ ଖୁସି। ଏକ ସୁସ୍ଥ ଭାରତ ଦିଗରେ କାମ କରିବାକୁ ଆମର ଉଦ୍ୟମକୁ ଜାରି ରଖିବା ପାଇଁ ସମର୍ଥନ ଓ ମାର୍ଗଦର୍ଶନ ପାଇଁ ଚନ୍ଦ୍ରବାବୁ ନାଇଡୁ ସାର୍‌ଙ୍କୁ ଅଶେଷ ଧନ୍ୟବାଦ।' ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ମଧ୍ୟ ସୋନୁ ସୁଦଙ୍କୁ ଭେଟିବା ପରେ ନିଜର ଖୁସି ପ୍ରକାଶ କରିଛନ୍ତି। ରାଜ୍ୟକୁ ଚାରିଟି ଆମ୍ବୁଲାନ୍ସ ଦାନ କରିଥିବାରୁ ସେ ଅଭିନେତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଅଫିସିଆଲ୍ ହ୍ୟାଣ୍ଡେଲ୍‌ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, "ଆପଣଙ୍କୁ ଭେଟି ଖୁସି ହେଲି। ସୋନୁ ସୁଦ ଏବଂ ସୋନୁ ସୁଦ ଫାଉଣ୍ଡେସନ ଜରିଆରେ ଆନ୍ଧ୍ରପ୍ରଦେଶକୁ ଆମ୍ବୁଲାନ୍ସ ପ୍ରଦାନ କରିଥିବାରୁ ଧନ୍ୟବାଦ। ଆପଣଙ୍କର ପ୍ରଶଂସନୀୟ ପଦକ୍ଷେପ ସ୍ୱାସ୍ଥ୍ୟ ସେବାକୁ ମଜବୁତ କରିବ ଏବଂ ଦୁର୍ଗମ ଅଞ୍ଚଳରେ ଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇବ।" ଅଭିନେତା ସୋନୁ ସୁଦଙ୍କୁ ଶେଷ ଥର ପାଇଁ ତାଙ୍କର ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ 'ଫତେହ'ରେ ଦେଖିବାକୁ ମିଳିଥିଲା। ଫିଲ୍ମର କାହାଣୀ ଓ ଆକ୍ସନ୍ ଦୃଶ୍ୟ ମଜଭୁତ ଥିଲେ ମଧ୍ୟ ଫିଲ୍ମଟି ବକ୍ସ ଅଫିସରେ ସନ୍ତୋଷଜନକ ରୋଜଗାର କରିପାରି ନାହିଁ। ସୋନୁ ସୁଦଙ୍କ ଏହି ଫିଲ୍ମ ସାରା ବିଶ୍ୱରେ ମାତ୍ର ୧୯ କୋଟି ଟଙ୍କା ରୋଜଗାର କରିଥିବାବେଳେ ଭାରତରେ ୧୩.୩ କୋଟି ଟଙ୍କା ରୋଜଗାର କରିଛି।

## ହୃତ୍‌ପିଣ୍ଡ ପାଇଁ ଲାଲ୍‌ଫଳ





ସୁସ୍ଥ ଶରୀର ପାଇଁ ଫଳର ଉପକାରିତା କାହାକୁ ଅଛପା ନୁହେଁ। ଫଳାହାର ଆମକୁ ଦୀର୍ଘାୟୁ କରିବା ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ।ଫଳାହାରର ଉପକାରିତା ଉପରେ ବିଭିନ୍ନ ସମୟରେ ହୋଇଥିବା ଭିନ୍ନ ଭିନ୍ନ ଅଧ୍ୟୟନରୁ ଜଣାଯାଇଛି କି ଫଳଯୁକ୍ତ ଭୋଜନ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ରକ୍ତ ସଂଚାଳନରେ ସକାରାତ୍ମକ ପ୍ରଭାବ ପକାଇଥାଏ। କରେଣ୍ଟ୍ ମେଡିସିନାଲ୍ କେମେଷ୍ଟ୍ରି ଜର୍ଣ୍ଣାଲରେ ପ୍ରକାଶିତ ତଥ୍ୟ ଅନୁସାରେ, ଅଧିକ ଫଳାହାର ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥିବା ବେଳେ ଏହା ହୃଦ୍‌ଜନିତ ସମସ୍ୟାକୁ ଦୂରେଇଥାଏ। ତେବେ ଲାଲ୍‌ରଙ୍ଗର ଫଳ ସେବନ ଶରୀରକୁ ଅଧିକ ସୁଫଳ ଦେଇଥାଏ।



# ସ୍ୱର୍ଗତା ଲକ୍ଷ୍ମୀପ୍ରିୟା ଦାସ

(ସମାଜସେବୀ)

ଆବିର୍ଭାବ - ୩୧/୦୭/୧୯୫୩ | ତିରୋଧାନ - ୨୭/୦୧/୨୦୨୫

ସ୍ୱାମୀ - ସ୍ୱର୍ଗତ ବଟକୃଷ୍ଣ ଦାସ
ବରୁଣ୍ଡେଇ, କୋରେଇ, ଯାଜପୁର

ବୋଉ, ଦେଖୁ ଦେଖୁ ୧୧ ଦିନ ବିତିଗଲା । ତୁମ ଅବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଦୁଃଖପ୍ରଦ । ତୁମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଚିନ୍ତାଧାରା ଆମ ଜୀବନରେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ।

ଶୋକସନ୍ତପ୍ତ ପରିବାରବର୍ଗ - ବାବୁ, ବେବି, କାବୁ, ସୋନି, ବୁବୁ, ମାନ ଏବଂ ତୁହି, କ୍ରୀଷ୍ଣା, ଆୟୁଷ,ମାହି, ବୈଭବ, ଗୁଡ଼ିଆ ଏବଂ ଆତ୍ମୀୟ ସ୍ୱଜନ

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ରୋଟାରୀକ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ଆନୁକୂଲ୍ୟରେ ଏବଂ ରାଜସ୍ଥାନ ଜୟପୁରର ଗେଲ୍ ଗ୍ୟାସ ଲିମିଟେଡ ଓ ଶ୍ରୀଭଗବାନ ମହାବୀର ବିକଳାଙ୍ଗ ସହାୟକ ସମିତିର ମିଳିତ ସହଯୋଗରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଟାଉନ୍ ହଲ୍ ଠାରେ ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ଅଙ୍ଗ, ହ୍ୱିଲ ଚେୟାର, ଟ୍ରାଇ ସାଇକେଲ, ଆଶାବାଡି, ଶ୍ରବଣ ଯନ୍ତ୍ର ପ୍ରଭୃତି ଯନ୍ତ୍ର ମାଗଣା ପ୍ରଦାନର ଦୁଇ ଦିନିଆ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଏହି ଶିବିରକୁ ଉଦ୍‌ଘାଟନ କରି ରୋଟାରୀକ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟର ଏହି ସୁଦୂର ପ୍ରସାରୀ କାର୍ଯ୍ୟକ୍ରମର ଭୂୟଶୀ ପ୍ରଶଂସା କରି କ୍ଲବର ସମସ୍ତ ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇଥିଲେ। ଗଜପତି ଜିଲ୍ଲା ଡିଏସ୍ ଏସ୍‌ଓ ସନ୍ତୋଷ କୁମାର ନାୟକ ଏବଂ ଗେଲ୍ ଗ୍ୟାସ ଲିମିଟେଡର ଡେପୁଟି ଜେନେରାଲ ମ୍ୟାନେଜର ମଙ୍ଗେସ୍ ରାମଟେକେ ଏବଂ ମହାବୀର ବିକଳାଙ୍ଗ ସମିତିର ଇଂଜିନିୟର ଦିବ୍ୟ ଜେନା ଉପସ୍ଥିତ ରହି ଶିବିର ଆୟୋଜନକୁ ନିରୀକ୍ଷଣ କରିଥିଲେ। କ୍ଲବ୍‌ର ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିର ଉଦ୍‌ଘାଟନ ଉତ୍ସବରେ ସକ୍ଷମ-VI ର ଚେୟାରମ୍ୟାନ ଅଜିତ୍ ପୃଷ୍ଟି ବିବରଣୀ ପ୍ରଦାନ କରି ଏହି ଦୁଇ ଦିନିଆ ଶିବିରରୁ ବିଭିନ୍ନ କୃତ୍ରିମ ଅଙ୍ଗ ଗ୍ରହଣ ପାଇଁ ଗଜପତି ଜିଲ୍ଲାରୁ ଏବଂ ନିକଟସ୍ଥ ଆନ୍ଧ୍ରପ୍ରଦେଶରୁ ପ୍ରାୟ ୩୫୦ ଜଣ ଦିବ୍ୟାଙ୍ଗଙ୍କୁ ଉପରୋକ୍ତ କୃତ୍ରିମ ଅଙ୍ଗ ପ୍ରଦାନ କରିବା ବିଷୟ ପ୍ରକାଶ କରିଥିଲେ। କ୍ଲବର ପ୍ରୋଜେକ୍ଟ ଡାଇରେକ୍ଟର କାମରାଜୁ ମହାରଣା କ୍ଲବର ଏହି ଜନହିତକାରୀ କାର୍ଯ୍ୟକ୍ରମରେ ଗଜପତି ପ୍ରଶାସନ ଏବଂ ଜନସାଧାରଣ ସହଯୋଗ କରିଥିବା ଯୋଗୁଁ କୃତଜ୍ଞତା ଜଣାଇ ଥିଲେ।

## ଲଘୁ ଖଣିଜ ବିଭାଗ ଦ୍ୱାରା ୨ ଟ୍ରାକ୍ଟର ଜବତ

ଚମ୍ପୁଆ, (ଭାସ୍କର ନ୍ୟୁଜ୍): ଚମ୍ପୁଆ ତହସିଲ ଅନ୍ତର୍ଗତ ଅରଡେଇ ନଦୀରୁ ଟ୍ରାକ୍ଟର ଯୋଗେ ଚୋରା ବାଲି ଚାଲାଣ କରୁଥିବା ବେଳେ ଲଘୁ ଖଣିଜ ବିଭାଗ ଚଢାଉ କରି ଦୁଇଟି ଟ୍ରାକ୍ଟରକୁ ଜବତ କରିଥିବା ଜଣାପଡିଛି। ବୁଧବାର ସକାଳ ପ୍ରାୟ ୧୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅନ୍ତର୍ଗତ ପତଳା ଅରଡେଇ ନଦୀପଠାରୁ ଚୋରା ବାଲି ଚାଲାଣ ହେଉଥିବା ବେଳେ ଲଘୁ ଖଣିଜ ବିଭାଗ ଅତର୍କିତ ଚଢାଉ କରି ଚୋରା ବାଲି ଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ସୂଚନାଯୋଗ୍ୟ କି ଚମ୍ପୁଆ ତହସିଲ ଏବେ ଚୋରା ବାଲି ଚାଲାଣର ପେଣ୍ଠ ସ୍ଥଳୀ ପାଲଟିଛି। ମୁକୁଳା ହୋଇ ପଡିଥିବା ବାଲିଘାଟ ଗୁଡ଼ିକରୁ ମାଫିଆ ମାନେ ଦୈନିକ ଟ୍ରାକ୍ଟର ଓ ହାଇୱା ଯୋଗେ ଟ୍ରିପ ଟ୍ରିପ୍ ବାଲି ଚାଲାଣ କରି ମାଲାମାଲ୍ ହେଉଛନ୍ତି। ତେବେ ଆଜି ଲଘୁ ଖଣିଜ ବିଭାଗ ଚଢାଉ କରି ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ଜବତ ହୋଇଥିବା ଟ୍ରାକ୍ଟରଗୁଡିକୁ ଲଘୁ ଖଣିଜ ବିଭାଗ ଦ୍ୱାରା ରିମୁଳି ଫାଣ୍ଡି ଜିମାରେ ଦିଆଯାଇଥିବା ଜଣାପଡ଼ିଛି।

# ଧନୁର୍ଜ୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧନୁର୍ଜ୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ୮୮ତମ' ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ବିଦ୍ୟାଳୟର ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁନନ୍ଦ ଚରଣ ରଣା ବେଦପାଠ କରି ସଭା ଆରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଉପ-କୁଳପତି, ଧରଣୀ ଧର, ବିଶ୍ୱ ବିଦ୍ୟାଳୟ, କେନ୍ଦୁଝର, ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଛଳରେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ତାଙ୍କ ପିଲା ବେଳର କାହାଣୀ ମାଧ୍ୟମରେ ଛାତ୍ରଟିଏ କିପରି ଅଧ୍ୟୟନ ପ୍ରତି ଆକୃଷ୍ଟ ହୋଇପାରିବ ଓ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇପାରିବ, ତାହାକୁ ସରଳ ଭାବରେ ପିଲାଙ୍କୁ ବୁଝାଇଥିଲେ। ସ୍ୱତନ୍ତ୍ର ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, କେନ୍ଦୁଝର, ପବିତ୍ର ମୋହନ ବାରିକ, ତାଙ୍କ ବକ୍ତବ୍ୟରେ ଛାତ୍ରଟିଏ ସମୟାନୁବର୍ତ୍ତୀ, ଜିଜ୍ଞାସୁ ଓ ପାଠପ୍ରତି ଅନୁରାଗୀ ହେଲେ ପାଠ ଛାତ୍ରଛାତ୍ରୀଙ୍କର କରାୟତ ହୋଇପାରିବ ବୋଲି ମତ ରଖିଥିଲେ। ସେ ପିଲାମାନଙ୍କୁ ରାମାୟଣ, ମହାଭାରତ ଓ ଗୀତାର ଶ୍ଳୋକ ମାଧ୍ୟମରେ ବିଦ୍ୟାଳୟର ଶୈଖୀକ ପରିବେଶ ସୃଷ୍ଟି କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା, ଡ. ଅନିଲ କୁମାର ଦାସ, ଅବସରପ୍ରାପ୍ତ ଇଂରାଜୀ ପ୍ରଧାପକ, ଧରଣୀ ଧର ବିଶ୍ୱ ବିଦ୍ୟାଳୟ, କେନ୍ଦୁଝର, ତଥା ସୁଲେଖକ ଓ କଥାକାର, ସଭାରେ ଇତିହାସର କାହାଣୀ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ସମାଜରେ କିପରି ପ୍ରତିଷ୍ଠା ଲାଭ କରିପାରିବେ ତାହାର କୌଶଳ ଶିଖାଇ ଥିଲେ। ବିଦ୍ୟାଳୟର କୃତି ଶିକ୍ଷୟିତ୍ରୀ ଦୀପିକା ମିଶ୍ର, ଶିକ୍ଷକ ସୁନନ୍ଦ ଚରଣ ରଣା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ସୋମନାଥ ପଟ୍ଟନାୟକଙ୍କୁ ବିଦ୍ୟାଳୟ ପରିବାର ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସଭାର ସଭାପତି ଏ ଗୌରବମୟ ବିଦ୍ୟାଳୟର ଗାରିମାକୁ ବଜାୟ ରଖିବାପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ୭୪ଜଣ ବଦାନ୍ୟ ବ୍ୟକ୍ତିଙ୍କ ଦାନରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ୩୪,୦୦୦/- ଟଙ୍କାର ଅର୍ଥରାଶି ବଣ୍ଟନ କରାଯାଇଥିଲା। ସଭାକୁ ସଫଳ କରିବାପାଇଁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଦୀପିକା ମିଶ୍ର, ସୁନନ୍ଦ ଚରଣ ରଣା, ତାରୁଶୋଭାମୟୀ ମୁଦୁଲି, ସୁରେନ୍ଦ୍ର ପଇଡା, ଉଦୟନାଥ ନାୟକ, ଜ୍ୟୋସ୍ନାମୟୀ ବେହେରା, ନିବେଦିତା ନାୟକ, ସଂଗୀତା ମହାନ୍ତ, ରାକ୍ଷୀ ମହାନ୍ତ, ପ୍ରଜ୍ଞା ରଶ୍ମି, ସୋନାଲି ଜେନା, ପ୍ରିୟମ୍ୱଦା ନାଏକ, ପ୍ରଜ୍ଞାବତୀ ସିଂହ, ପ୍ରିୟଦର୍ଶିନୀ ରାଉଳ, ଲଳିତ କୁମାର ବାରିକ, ମମତାମୟୀ ରାଉତ, କବିତା ଭୂୟାଁ, ସୀମା ସେନାପତି, ଅଭିଶେକ ରାଉତ,ତାପସ କୁମାର ସାହୁ, ସରୋଜ କୁମାର ବେହେରା, ଝୁମିତା ଧୀର, ସିଦ୍ଧାର୍ଥ ଦାସ, ପ୍ରେମାନନ୍ଦ ସାହୁ, ସୋମନାଥ ପଟ୍ଟନାୟକ, ନିରଞ୍ଜନ ସାହୁ, କୁମୁଦିନୀ ଦେହୁରୀ ଆଦି ସହଯୋଗ କରିଥିଲେ। ମମତାମୟୀ ରାଉତ ଏହି ସଭାକୁ ପରିଚାଳନା କରିଥିଲେ।

## କାର୍ସିନୋଭା ପକ୍ଷରୁ କର୍କଟ ସଚେତନତା ଶୋଭାଯାତ୍ରା




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ବିଶ୍ୱ କର୍କଟରୋଗ ନିରାକରଣ ଦିବସରରେ ଢେଙ୍କାନାଳ ଜିଲାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁକ୍ତି ସଙ୍ଗଠନର ସହଯୋଗ କ୍ରମେ କଟକର କାର୍ସିନୋଭା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ ପ୍ରଥମେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ ଟାଉନହଲ୍ ଠାରେ ସଚେତନତା ସଭା ହୋଇଥିଲା। ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ତଥା ଡାକ୍ତର କ୍ଷିତିଶ ଚନ୍ଦ୍ର ମିଶ୍ର ଏହି ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ଲୋକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏପରିକି ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କଲେ କର୍କଟ ରୋଗ କାହାର କିଛି କ୍ଷତି କରିବ ନାହିଁ ବୋଲି ଡାକ୍ତର ମିଶ୍ର କହିଥିଲେ। ମୁକ୍ତିର ମୁଖ୍ୟ ଜିତେନ୍ଦ୍ର କୁମାର ରଥ କର୍କଟ ପ୍ରତି ଅବାଳ ବୃଦ୍ଧ ବନିତା ସମସ୍ତେ ସଚେତନ ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ବାଜିରୌକ ଛକରୁ ଟାଉନ ହଲ୍ ପର୍ଯ୍ୟନ୍ତ ଯାଇଥିବା ଶୋଭାଯାତ୍ରାରେ ବହୁ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିବା ବେଳେ ଏଥିରେ ଡାକ୍ତର ମିଶ୍ରଙ୍କ ସ୍ୱରଚିତ ଗୀତ ଗାନ କରାଯାଇଥିଲା। ଏସବୁ କାର୍ଯ୍ୟକ୍ରମରେ ଶିକ୍ଷାବିତ ଡ. ହରେକୃଷ୍ଣ କର, ସଂଗୀତଗୁରୁ ଯାମିନୀ ଦାଶ, ଡାକ୍ତର ଜ୍ୟୋତି ରାଉତ, ଅବସରପ୍ରାପ୍ତ ଡିଏଫଓ ବିରଞ୍ଚି ନାଥ, ଚିତ୍ରଶିଳ୍ପୀ ପରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୭୦ବର୍ଷର ବୃଦ୍ଧଙ୍କ କାନ୍ଧରେ ମାନସିକ ଭିନ୍ନକ୍ଷମ ପୁଅ ଓ ଦୁଇ ନାନିନାତୁଣୀଙ୍କ ବୋଝ



ଡେରାବିଶ, (ଭାସ୍କର ନ୍ୟୁଜ୍): ବର୍ଷର ବୃଦ୍ଧଙ୍କ କାନ୍ଧରେ ବୋଝ ସାଜିଛନ୍ତି ମାନସିକ ଭିନ୍ନକ୍ଷମ ପୁଅ ତାଙ୍କର ଦୁଇ ଥାଲାସେମିଆ ରୋଗ ଗ୍ରସ୍ତ କୁନି କୁନି ନାତି ନାତୁଣି। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମରେ। ଏହି ଗ୍ରାମର ୭୦ ବର୍ଷର ଅଲେଖ ସେଠୀଙ୍କ ପାଇଁ ଏବେ ତାଙ୍କର ମାନସିକ ଭିନ୍ନକ୍ଷମ ଭେଣ୍ଡିଆପୁଅ ଗଗୁନି(୩୩), ଥାଲାସେମିଆରେ ପୀଡ଼ିତ ନାତି ସାଇରାମ (୧୦) ଓ ନାତୁଣୀ ରାଜନନ୍ଦିନୀ (୬)ଙ୍କ ମୁହଁରେ ଆହାର ଦେବା କଷ୍ଟସାଧ୍ୟ ହୋଇଛି। ଏହି ବୟସରେ ସେ ପରର ମୂଲ ଲାଗୁଛନ୍ତି ତାଙ୍କ ପରିବାର ମୁହଁରେ ଆହାର ଗଣ୍ଡିଏ ଦେବା ପାଇଁ। ଘର କହିଲେ ନୁଆଁଣିଆ ଚାଳଘର ଘରର କବାଟ ନାହିଁ। ରାତିରେ ଦୁଆର ମୁହଁରେ ଖିଣ ଖଣ୍ଡେ ଦେଇ ଭିତରେ ଶୋଉଛନ୍ତି। ଏହି ଚାଳଘର ଭିତରେ ପଶିଲେ ଦିନରେ ଘର ଭିତରୁ ଦିନରେ ସୂର୍ଯ୍ୟ ଓ ରାତିରେ ଜହ୍ନ ଦେଖାଯାଉଛି। ଅର୍ଥ ଅଭାବରୁ ଘର ଛପର ହୋଇପାରି ନାହିଁ। ତେବେ ଗଗୁନିଙ୍କ ପତ୍ନୀ ରଶ୍ମିତା କୁହନ୍ତି ୧୨ବର୍ଷ ପୂର୍ବରେ ତାଙ୍କ ସ୍ୱାମୀ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ପଡ଼ିଥିଲେ। ଏଥିରେ ତାଙ୍କର ମସ୍ତିଷ୍କର ଅପରେସନ୍ ହୋଇଥିଲା। ସେବେଠାରୁ ସେ ସୁସ୍ଥ ହୋଇଗଲେ ସିନା କିନ୍ତୁ ମାନସିକ ଭିନ୍ନକ୍ଷମ ହୋଇପଡ଼ିଛନ୍ତି। ଏପରିକି ସେ ଭଲ ଭାବରେ ଚାଲିପାରୁଥିବା ବେଳେ ଅଧିକାଂଶ ସମୟରେ ସେ ଟାଲୁ ଟାଲୁ ପଡ଼ିଯାନ୍ତି। ସ୍ୱାମୀ ତାଙ୍କର ଏଭଳି ହୋଇଯିବା ପରେ ସେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଥିଲେ। ହେଲେ ଦଇବ ଆହୁରି ତାଙ୍କ ଉପରେ ଦାଉ ସାଧିଲା ତାଙ୍କର ଦୁଇଟି ପିଲା ମଧ୍ୟ ଜନ୍ମରୁ ଥାଲାସେମିଆ ରୋଗରେ ପିଡ଼ିତ ହୋଇଗଲେ। ସେ ଏବେ ସ୍ୱାମୀଙ୍କୁ ଦେଖିବେ କ'ଣ ଦୁଇ ଛୁଆଙ୍କୁ ନେଇ ରକ୍ତ ଦେବା ପାଇଁ ପ୍ରତିମାସରେ କଟକ ମେଡ଼ିକାଲକୁ ଧାଉଁଛନ୍ତି। ତେବେ ସ୍ୱାମୀଙ୍କ ଚିକିତ୍ସା ବେଳେ ଯେଉଁ ଦୁଇଚାରିଗୁଣ୍ଠ ସମ୍ପତି ଥିଲା ତାହା ବିକ୍ରି ହୋଇଯାଇଛି। ଘର କହିଲେ ଏହି ନୁଆଁଣିଆ ଚାଳଘରେ ଆମେ ପଡ଼ିରହିଛୁ। ରାଶନ କାର୍ଡ଼ରେ ଯେଉଁ ମୁଣ୍ଡପିଛା ୫ କିଲୋ ଚାଉଳ ମିଳୁଛି ତାହା ଆମ ଜୀବନ ବଞ୍ଚାଇଛି। ତାଙ୍କର ବୃଦ୍ଧ ଶ୍ୱଶୁର ଏହି ପରିଣତ ବୟସରେ ମୂଲପତି ଲାଗି ଯାହା ଆଣି ଆମକୁ ତେଲଲୁଣ ଦେଉଛନ୍ତି। ସରକାରୀ ଚିକିତ୍ସାଳୟରେ ସିନା ମାଗଣାରେ ଚିକିତ୍ସା ହୋଇପାରୁଛୁ ହେଲେ ଅଧିକାଂଶ ସମୟରେ ସମୟରେ ରକ୍ତ ମିଳିପାରୁ ନଥିବାରୁ ମୁଁ ବହୁ କାକୁତିମିନତି ହୋଇ ସ୍ଥାନୀୟ ଅଞ୍ଚଳର ରକ୍ତଦାତାଙ୍କୁ ସାଥିରେ ନେଇ ଛୁଆ ଦୁଇଟାଙ୍କୁ ବହୁ କଷ୍ଟରେ ମେଡ଼ିକାଲକୁ ନେଇ ରକ୍ତ ଦେଉଛି। ଏପରିକି ବହୁ ସମୟରେ ଅର୍ଥ ଅଭାବ ହେତୁ ମୁଁ ଛୁଆ ଦୁଇଟିଙ୍କୁ ସଠିକ ସମୟରେ ମଧ୍ୟ ରକ୍ତ ଦେଇପାରୁନାହିଁ ବୋଲି କାନ୍ଦି କାନ୍ଦି କହିଛନ୍ତି ରଶ୍ମିତା। ତେବେ ଦଇବ ମୋ ପରିବାର ଉପରେ ଆଉ କେତେ ଦାଉସାଧିବ ତାହା ସେହି ଭଗବାନଙ୍କୁ ଜଣା।

## ତାଳଚେରରେ ନୂଆ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ପୌର ପରିଷଦରେ ନୂତନ ନିର୍ବାହୀ ଅଧିକାରୀ ଭାବେ ଡ. ପ୍ରଦୀପ କୁମାର ସାହା (ଓଏଏସ) ଯୋଗଦାନ କରିବା ସହ ପୂର୍ବତନ ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ବିଦାୟ ନେଇଛନ୍ତି। ତେବେ ଏହି ଅବସରରେ ପରିଷଦ ପକ୍ଷରୁ ନୂତନ ଅଧିକାରୀ ଶାହାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ବିଦାୟୀ ଅଧିକାରୀ ଦେହୁରୀଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୌର ପରିଷଦର କାଉନସିଲ ହଲଠାରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନଗରପାଳ ପବିତ୍ର ଭୁତିଆଙ୍କ ନେତୃତ୍ୱରେ ଆୟୋଜନ ହୋଇଥିଲା। ବିଦାୟୀ ଅଧିକାରୀଙ୍କ ସମୟରେ ନିଆଯାଇଥିବା ବିକାଶ ମୂଳକ କାର୍ଯ୍ୟ ପାଇଁ ତାଳଚେର ପୌର ପରିଷଦ ତାଙ୍କୁ ସଦାସର୍ବଦା ମନେ ରଖିବ ବୋଲି ନଗରପାଳ ଭୁତିଆ ପ୍ରକାଶ କରିଥିଲେ। ଏଥି ସହିତ ସମସ୍ତ କାଉନସିଲର, ପୌର ପରିଷଦର କର୍ମଚାରୀଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ତାଳଚେରରେ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିଥିବାରୁ ପୌର ବାସୀଙ୍କ ପକ୍ଷରୁ ବିଦାୟୀ ଅଧିକାରୀ ଦେହୁରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ଆଠଗଡ଼ ଏନଏସିରେ ନିଜର ରହଣି କାଳ ମଧ୍ୟରେ ନୂତନ ଅଧିକାରୀ ଶାହା ସୁଚାରୁ ରୂପେ ନିଜର କାର୍ଯ୍ୟ ସମ୍ପାଦନ କରି ନୂତନ ଭାବେ ତାଳଚେରର ପୁରାତନ ପୌର ପରିଷଦରେ ଯୋଗଦାନ କରିଥିବାରୁ ତାଙ୍କୁ ପୌର ପରିଷଦ ପକ୍ଷରୁ ସ୍ୱାଗତ କରିଥିଲେ ନଗରପାଳ ଭୁତିଆ। ତାଳଚେର ପରି ଏକ ସମସ୍ୟା ବହୁଳ ଅଞ୍ଚଳରେ ଯୋଗଦାନ କରିଥିବା ରାଓ ନିଶ୍ଚିତ ଭାବେ ବିକାଶ ମୂଳକ କାର୍ଯ୍ୟରେ ସହଯୋଗ କରିବେ ବୋଲି ନଗରପାଳ ଆଶା ପ୍ରକଟ କରିଛନ୍ତି। ତାଳଚେରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ତାଳଚେରର ପରିମଳ ବ୍ୟବସ୍ଥାକୁ ପ୍ରାଥମିକତା ଦେବେ ବୋଲି ନୂତନ ନିର୍ବାହୀ ଅଧିକାରୀ ଅନୁରୂପ ଭାବେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତାଳଚେର ପୌର ପରିଷଦର ନିର୍ବାଚିତ ପ୍ରତିନିଧି, ପୌର ଯନ୍ତ୍ରୀ, ବଡ ବାବୁ ଚିତ୍ତ ରଞ୍ଜନ ପ୍ରଧାନଙ୍କ ସମେତ ପୌର ପରିଷଦର ବିଭିନ୍ନ ବିଭାଗ ମୁଖ୍ୟ ଓ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜଣାଇଥିଲେ।

# ଯାଜପୁର ଜିଲ୍ଲା ଯୁବ ମହୋତ୍ସବର ଲୋଗୋ ଉନ୍ମୋଚନ



ବ୍ୟାସନଗର, (ଭାସ୍କର ନ୍ୟୁଜ): ଦୁର୍ଯୋଧନ ରାଉତ ଫାଉଣ୍ଡେସନ ଆନୁକୂଲ୍ୟରେ ଯାଜପୁର ଜିଲ୍ଲା ଯୁବମହୋତ୍ସବ ଆସନ୍ତା ମାର୍ଚ୍ଚ ୭ତାରିଖରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ସ୍ଥିର କରାଯାଇଛି। ସେଥିପାଇଁ ବୁଧବାର ହୋଟେଲ ରୟାଲ କଳିଙ୍ଗ ଠାରେ ଅଭ୍ୟର୍ଥନା କମିଟିର ସାଧାରଣ ବୈଠକ ଅନୁଷ୍ଠିତ ହୋଇ ମହୋତ୍ସବର ଲୋଗ ଉନ୍ମୋଚନ ଓ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା କୋରେଇ ବିଧାୟକ ଆକାଶ ଦାଶ ନାୟକ ମୁଖ୍ୟ ଅତିଥି ଓ ମହୋତ୍ସବର ଉପାଧକ୍ଷ ତଥା ବ୍ୟାସନଗର ପୌର ପାରିଷଦର ଅଧକ୍ଷା ସଂଗୀତା ପିଙ୍ଗୁଆ ଯୁବ ମହୋତ୍ସବର ଲୋଗୋ ଉନ୍ମୋମୋଚନ କରିଥିଲେ। ଯୁବ ମହୋତ୍ସବକୁ ସଫଳ କରିବାକୁ ଉଭୟ ଅତିଥି ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବ୍ୟାସନଗର ପୂର୍ବତନ ପ୍ରାକ୍ତନ ଉପାଧକ୍ଷ ହୃଦାନନ୍ଦ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବରିଷ୍ଠ ସଭ୍ୟ ଡ. ଅକ୍ଷୟ କୁମାର ପଣ୍ଡା ସଞ୍ଚାଳନ କରିଥିଲେ। ଦୁର୍ଯୋଧନ ରାଉତ ଫାଉଣ୍ଡେସନର ସାଧାରଣ ସମ୍ପାଦକ ଇଂ ବିଶ୍ୱଜିତ ମହାନ୍ତି, ସଙ୍ଗଠନ ସମ୍ପାଦକ ନିରଞ୍ଜନ ଘଡ଼େଇ, ମହୋତ୍ସବର ଆବାହକ ଅଯୋଧ୍ୟା ଜେନା ପ୍ରମୁଖ ବକ୍ତବ୍ୟ ରଖି ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ସମ୍ପର୍କରେ ବିବରଣୀ ରଖିଥିଲେ। ପ୍ରାରମ୍ଭରେ ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ଦେଓ ବନ୍ଦେ ଉତ୍କଳ ଗାନ କରିଥିଲେ ବିଭୂତି ଭୂଷଣ ପାଲ ସ୍ୱାଗତ ଭାଷଣ ଦେବା ସହ ସମ୍ପାଦକ ଅଶ୍ୱିନୀ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମିଡ଼ିଆସେଲ ସମ୍ପାଦକ ହେମନ୍ତ କୁମାର ଧୀର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୧୦ଟି ବ୍ଲକ ୨ଟି ମୁନିସିପାଲିଟିର ପ୍ରତିନିଧି ଯଥା ରସୁଲପୁର ବ୍ଲକ ମୋହନ ଚରଣ ମଲ୍ଲିକ, ଧର୍ମଶାଳା ବ୍ଲକ ପ୍ରସନ୍ନ କୁମାର କର, ବଡ଼ଚଣା ବ୍ଲକର ତରଣୀସେନ ରାଉତ, ବରୀ ବ୍ଲକର ସମୀର ଚରଣ ନାୟକ, ଗୁନ ଚରଣ ନାୟକ, ସୁକିନ୍ଦା ବ୍ଲକର ମନୋରଞ୍ଜନ ଦାଶ, ଦାନଗଦି ବ୍ଲକର ଭାଗିରଥି ବିଶ୍ୱାଳ, କୋରାଇ ବ୍ଲକର ଭୁବନ ମୋହନ ମହାନ୍ତି, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ଦଶରଥପୁର ବ୍ଲକର ମହେଶ୍ୱର ପରିଡ଼ା, ଯାଜପୁର ବ୍ଲକର ଅନିରୁଦ୍ଧ ପରିଡା, ବିଝାରରପୁର ବ୍ଲକର ଅର୍ଜୁନ ଚରଣ ପଣ୍ଡା, ଯାଜପୁର ମ୍ୟୁନିସିପାଲିଟିରୁ ପ୍ରଦୀପ କୁମାର ପଣ୍ଡା ବ୍ୟାସନଗର ମ୍ୟୁନିସିପାଲିଟିରୁ ଅକ୍ଷୟ କୁମାର ଦେଓ, ବିକାଶ ଦାଶ ନିଜର ମତାମତ ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଶିଶିର କୁମାର ରାଉତ, ନରେନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ନାୟକ, ଜ୍ଞାନ ରଞ୍ଜନ ରାଉତ, ପ୍ରଶାନ୍ତ ବୋଇତାଇ, ନିକୁଞ୍ଜ ବିହାରୀ ପାଲ, ଶ୍ୟାମଳେନ୍ଦୁ ପାତ୍ର, ମନୋଜିତ ଦାଶ, ସୁନୀଲ କୁମାର ମୁଣ୍ଡା, ପ୍ରଶାନ୍ତ ରଥ ପ୍ରମୁଖ ଯୋଗ ଦେଇଥିଲେ।

## ମା' ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗବର୍ଦ୍ଧିହପାଟଣା ଗାଁ ଉପକଣ୍ଠରେ ପ୍ରତିଷ୍ଠିତ ମା' ଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ମାଘ ଶୁକ୍ଳ ତୀୟାର୍ଦଶୀ ତିଥିରେ ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏହି ଅବସରରେ ଅତିବ ପ୍ରାତଃ ସମୟରେ ଶକ୍ତିମୟୀ, କରୁଣାମୟୀ ମା' ଚଣ୍ଡୀଙ୍କ ଶୁଦ୍ଧସ୍ନାନ, ନୂତନ ବସ୍ତ୍ର ଓ ଅଳଙ୍କାର ପରିଧାନ ସହ ପୂଜା ନୀତି ଉପଚାର ସମ୍ପନ୍ନ କରାଯାଇ ଥିଲା। ଏହି ଅବସରରେ କର୍ତ୍ତା ଭାବେ ପ୍ରମୋଦ ମହାପାତ୍ର ଓ ଧର୍ମପତ୍ନୀ ପ୍ରତିଭା ମହାପାତ୍ର କାର୍ଯ୍ୟ ତୁଲାଇ ଥିଲେ। ମା'ଙ୍କ ଉଦ୍ଦେଶ୍ୟରେ ଶତାଧିକ ମହିଳା ସମେତ ପୁରୁଷ ଓ ମାନସିକଧାରୀ ଶ୍ରଦ୍ଧାଳୁ ପ୍ରମୁଖ ମାନେ କଳସ ଯାତ୍ରାରେ ସାମିଲ ଥାଇ ଉତ୍ସାହ ଓ ଉଦ୍ଦୀପନା ସହିତ ସାହି ପରିକ୍ରମା କରିଥିଲେ। କଳସ ଯାତ୍ରା ପରେ ଆଦି ନୀତି ଅନୁଯାୟୀ ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ଉପଚାର ପୂଜା ହୋମ ସମାପନ କରାଯାଇ ଶ୍ରଦ୍ଧାଳୁ ମାନେ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ ଶକ୍ତିପୀଠ ଲୋକାରଣ୍ୟ ତଥା ଶ୍ରଦ୍ଧାଳୁମୟ ପରିବେଶ ମଧ୍ୟରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦାମୋଦର ନାୟକ, ପ୍ରଦୀପ ମହାପାତ୍ର, ମନୋଜ ସୁବୁଦ୍ଧି, କୈଳାଶ ନାୟକ, ତ୍ରିଲୋଚନ ନାୟକ, ମାନ ଗୋବନ୍ଦ ସାହୁ ସମେତ ଗବଡ଼ିହପାଟଣା ଗ୍ରାମବାସୀ ମାନେ ସହଯୋଗ କରି ପରିଚାଳନା କରିଥିଲେ।

# ରକେଟ୍ ବେଗରେ ହେବ ଗ୍ରାମାଞ୍ଚଳର ବିକାଶ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବିକଶିତ ଗାଁ ବିକଶିତ ଓଡ଼ିଶା ସାଜିବ ମାଧ୍ୟମ। ବିକଶିତ ଗାଁ ବିକଶିତ ଓଡ଼ିଶା ଜରିଆରେ ସୁଦୃଢ ହେବ ଓଡିଶା ଅର୍ଥନୀତିର ମେରୁଦଣ୍ଡ। ପ୍ରତି ପଞ୍ଚାୟତରେ ଗଡିବ ବିକାଶର ଗାଡି, ଖର୍ଚ୍ଚ ହେବ କୋଟି କୋଟି ଟଙ୍କା। ନିଜ ଗାଁର ବିକାଶର ଚିତ୍ର ନିଜେ ଆଙ୍କିବେ ଗ୍ରାମବାସୀ।



ଏଥିପାଇଁ ୫ବର୍ଷିଆ ଯୋଜନା ପ୍ରସ୍ତୁତି କରିଦେବାକୁ ଫେବୃଆରୀ ୧୫ତାରିଖ କଣ୍ଟ ମିଳିଛି। ପଞ୍ଚାୟତକୁ ଆବଣ୍ଟିତ ଅର୍ଥର ସର୍ବାଧିକ ୩୫ପ୍ରତିଶତ କେବଳ ରାସ୍ତା ନିର୍ମାଣ ଖର୍ଚ୍ଚ ହେବ। ଜଙ୍ଗଲ ଅଞ୍ଚଳରେ ଥିବା ଲୋକଙ୍କ ପାଇଁ ମେଟାଲିଂ ମାନର ରାସ୍ତା ନିର୍ମାଣ, ବ୍ଲକରେ ଇଣ୍ଟରନେଟ ସୁବିଧା ଥିବା ରିଡିଂ ରୁମ୍, ସବୁ ଧାର୍ମିକ ପୀଠର ବିକାଶ ସହ ଭୋଗ ମଣ୍ଡପ, ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଖର୍ଚ୍ଚ ହେବ ପାଣ୍ଠି। ପଞ୍ଚାୟତ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ପୋଖରୀ ଓ ନଦୀକୂଳରେ ଚେଞ୍ଜିଙ୍ଗୀ ରୁମ୍ ସେଡ ନିର୍ମାଣ ହେବ। ବୁଧବାର ଦିନ ଖୋର୍ଦ୍ଧା ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ଶୁଭାରମ୍ଭ ଦେଖିବା ସହ ବିକଶିତ ଗାଁ' ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଆଭାସୀ କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରିଣୀଙ୍କ ସଭାପତିତ୍ୱରେ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ବ୍ଲକ ଉପାଧକ୍ଷ, ସିଡିପିଓ ମମତା ନାୟକ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଟିକିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୩ ଲକ୍ଷରୁ କମ୍ ବ୍ୟୟ, ଅଟକଳ ଥିବା ପ୍ରକଳ୍ପକୁ ଗ୍ରହଣ କରାଯିବନି, ପୁରୁଣା ପ୍ରକଳ୍ପର ଆବଶ୍ୟକତା ଗୁରୁତ୍ୱ ଦେଇଛନ୍ତି ନୂଆ ସରକାର। ଆମ ଓଡ଼ିଶା ନବୀନ ଓଡ଼ିଶା ଅଟକଥିବା ପ୍ରକଳ୍ପର ୨୦ପ୍ରତିଶତ ଖର୍ଚ୍ଚ ହୋଇଥିଲେ ବିକଶିତ ଗାଁ' ବିକଶିତ ଓଡ଼ିଶା ଯୋଜନାରେ ପ୍ରକଳ୍ପ ପୂରା ହେବ ବୋଲି ସର୍ତ୍ତ ରଖିଛନ୍ତି ସରକାର। ୧୮ତାରିଖ ସୁଦ୍ଧା ପଞ୍ଚାୟତ ସମିତିର ଟେକ୍ନିକାଲ କମିଟି ଏହାକୁ ଯାଞ୍ଚ ସାରିବେ, ୨୦ତାରିଖ ସୁଦ୍ଧା ଏହାକୁ ଜିଲ୍ଲାପାଳ ଙ୍କ ପାଖକୁ ପଠାଯିବ। ଜିଲ୍ଲାପାଳ ପ୍ରକଳ୍ପର ଅନୁମୋଦନ ଦେବା ପରେ କାମ ଆଗେଇବ। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତର ଜନସାଧାରଣ, ଲୋକ ପ୍ରତିନିଧି, ସ୍ୱୟଂସହାୟକ ମହିଳା ମାନେ ପ୍ରମୁଖ ଉପସ୍ଥିତ ଥିଲେ।

## 'ବିକଶିତ ଗାଁ' ବିକଶିତ ଓଡିଶା' ଯୋଜନାର ଶୁଭାରମ୍ଭ




ଖଇରପୁଟ, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେକ୍ଷ ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ଲୋକ ଭାଗ ନେଇ, ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମକୁ ଭରଚୁଆଲ ମାଧ୍ୟମରେ ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଖଇରପୁଟ ପଞ୍ଚାୟତ ସମିତି ଅଧକ୍ଷ ବିଘ୍ନ କିର୍ଷାନୀ, ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ବେହେରା, କନିଷ୍ଠ ଯନ୍ତ୍ରୀ ଭୀଷ୍ମ ମଲ୍ଲିକ ଏବଂ ସମୀର ରଞ୍ଜନ ଦାସ, ସିଡିପିଓ ନିହାରବାଳା ସାହୁଙ୍କ ସମେତ ସମସ୍ତ ପିଇଓ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ 'ବିକଶିତ ଗାଁ' ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ମିନି ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖମନ୍ତ୍ରୀ ମୋହନ ଚରଣ ମାଝୀ 'ବିକଶିତ ଗାଁ' ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକରେ ସମାନ୍ତରାଳ ଭାବେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ସଦର ବ୍ଲକ ଅଧିନସ୍ଥ ନରଣପୁର ଗ୍ରାମପଞ୍ଚାୟତ ସ୍ଥିତ ଖେଳ ପଡ଼ିଆଠାରେ ରାଜ୍ୟ ସରକାରଙ୍କ ଏହି ବହୁ ଆକାଂକ୍ଷିତ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ତେଲକୋଇ, ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚ.ଡ଼ି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କୁମାର ନାଗଭୁଷଣ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ମାନ୍ୟବର ମନ୍ତ୍ରୀ ଖୁଣ୍ଟିଆ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ବିକାଶର ଯେଉଁ ଅଧ୍ୟାୟ ଆରମ୍ଭ ହୋଇଛି ସେଥିରେ ଆଉ ଏକ ନୂତନ ଫର୍ଦ୍ଦ ଭାବେ ଗାଁର ସର୍ବାଙ୍ଗୀନ ବିକାଶକୁ ଲକ୍ଷ୍ୟ ରଖାଯାଇ 'ବିକଶିତ ଗାଁ' ବିକଶିତ ଓଡ଼ିଶା' ଯୋଜନା ଯୋଡ଼ି ହେଇଛି। ସୂଚନାଯୋଗ୍ୟ ଉକ୍ତ ଯୋଜନା ଅନ୍ତର୍ଗତ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ। କେନ୍ଦୁଝର ସଦର ବିଡ଼ିଓ ବିନୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ଅନ୍ୟ ପଦାଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ।

## ସ୍ୱର୍ଗତ ପ୍ରଶାନ୍ତ ରାଉତଙ୍କ ମା'ଙ୍କୁ ସହାୟତାର ହାତ ବଢ଼ାଇଲେ ଶିକ୍ଷକସମାଜ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ତାରପୁର ଗ୍ରାମର ରବିନ୍ଦ୍ର ନାଥ ରାଉତଙ୍କ ପୁତ୍ର ସ୍ୱର୍ଗତ ପ୍ରଶାନ୍ତ ରାଉତ ନାମକ ଜଣେ ଯୁବକଙ୍କର ଗତ ଜାନୁୟାରୀ ୨୫ ତାରିଖରେ କଟକ ପାରାଦ୍ୱୀପ ରାସ୍ତାର ଗଡ଼ମା ନିକଟରେ ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟିଥିଲା। ସେ ରଘୁନାଥପୁର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଡାଟାଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଏକାଦଶାହ ଉପଲକ୍ଷେ ମଙ୍ଗଳବାର ତାଙ୍କ ପୈତୃକ ବାସଭବନରେ ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ନ୍ୟାୟବ ସରପଞ୍ଚ କୃଷ୍ଣ ଚନ୍ଦ୍ର ଦାସ, ଯୁବନେତା ଅନ୍ତର୍ଯ୍ୟାମୀ ରାଉତ, ପ୍ରଭାକର ମଲ୍ଲିକ, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ, ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟ କୁମାର ସ୍ୱାଇଁ, ସହ ଶିକ୍ଷା ଅଧିକାରୀ ଆଶୁତୋଷ ବାନାର୍ଯୀ, ଅବସର ପ୍ରାପ୍ତ ସହଶିକ୍ଷା ଅଧିକାରୀ ସବିତା ଦାସ, ମେନକା ମହାପାତ୍ର, ଶିକ୍ଷକ ନେତା ନିର୍ମଳେନ୍ଦୁ ସୋମ, ଯାଜ୍ଞବଳକ ମିଶ୍ର, ଭାସ୍କର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ପରିଚୟ କରିଥିଲେ ଶିକ୍ଷକ ଜୟପ୍ରକାଶ ପଣ୍ଡା। ଧନ୍ୟବାଦ ଦେଇଥିଲେ ଶିକ୍ଷକ ଅମୀୟ କୁମାର ଭାୟା, ପରିଚାଳନାରେ ସହଯୋଗ କରିଥିଲେ ଶିକ୍ଷକ ଦେବାଶିଷ ବେହେରା। ଏଥିରେ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମାନେ ଉପସ୍ଥିତ ଥିଲେ। ମଣ୍ଡଳର ସମସ୍ତ ଶିକ୍ଷକ ଓ ମଣ୍ଡଳ କାର୍ଯ୍ୟାଳୟର କର୍ମଚାରୀମାନେ ୨ଲକ୍ଷ ୩୦ହଜାର ଟଙ୍କା ଅର୍ଥରାଶି ପ୍ରଶାନ୍ତଙ୍କ ମା'ଙ୍କୁ ପ୍ରଦାନ କରିଥିବା ଜଣାଯାଇଛି।



ଏରସମା(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ବଳେଇପୁର ପଞ୍ଚାୟତର ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ସିଂହପୁର ପରିସରରେ ବ୍ଲକ୍ ସ୍ତରୀୟ ସ୍କୁଲ ଆଇ ହେଲ୍ଥ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଶିକ୍ଷା ଜଗତସିଂହପୁର ସହଯୋଗରେ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନ୍ତର୍ଭୁକ୍ତ ଉକ୍ତ କାର୍ଯ୍ୟକ୍ରମରେ ଏରସମା ବ୍ଲକ୍ ସିଂହପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଏକେବିପି ଖୁରାଣ୍ଟ ଓ ଚଟୁଆ ସାଧନ କେନ୍ଦ୍ର ଅନ୍ତର୍ଗତ ୩୨ ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ଏଠାରେ ଆୟୋଜିତ ଶିବିରରେ ୧୪୬ ଜଣ ଛାତ୍ର ଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅପଥାଲମିକ୍ ଅଧିକାରୀଣି ଇନା ମହାନ୍ତି ଓ ସହକାରୀ ପ୍ରିୟଙ୍କା ପ୍ରଧାନ ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ଏରସମା ବ୍ଲକ୍ ସହ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହ ଶିକ୍ଷାଧିକାରୀ ଲିଆକତ ଅଲ୍ଲୀ ଖାଁ, ପତିତପାବନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତାପସ ଜେନା, କିରାଣୀ ଉମେଶ ସ୍ୱାଇଁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମେନେକା ମଞ୍ଜରୀ ସ୍ୱାଇଁ, ରାଜଶ୍ରୀ ବେହେରା,ସଂଯୋଜକ ନିହାର ରଞ୍ଜନ ଜେନା ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



# ସ୍ୱାମୀ ପରିତ୍ୟକ୍ତା ଦିବ୍ୟାଙ୍ଗମହିଳାଙ୍କୁ ପ୍ରଶାସନିକସ୍ତରରେ ନିର୍ଯାତନା ଅଭିଯୋଗ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଦିବ୍ୟାଙ୍ଗଙ୍କୁ ସରକାର ମାଗଣାରେ ୩ ଚକିଆଗାଡି, ଶ୍ରବଣଯନ୍ତ୍ର,ଆଶାବାଡି ଯୋଗାଇ ଦେବା ସହ ଭତ୍ତା ମଧ୍ୟ ପ୍ରଦାନ କରୁଛନ୍ତି ।

## ତଦନ୍ତ ଦାବି

ଦିବ୍ୟାଙ୍ଗଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଚାକିରୀ ଯୋଗାଇ ଦେବା ସହ ଦିବ୍ୟାଙ୍ଗ ନିମନ୍ତେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି । ଏପରିସ୍ଥଳେ କଟକ ଜିଲ୍ଲା ପ୍ରଶାସନର ଏକ ବିଚିତ୍ର ନୀତି ପଦାରେ ପଡିଛି । ସମସ୍ତ ସରକାରୀ ନୀତି ନିୟମକୁ ଉଲଙ୍ଘନ କରି ଜଣେ ସ୍ୱାମୀ ପରିତ୍ୟକ୍ତା ଦଳିତ ଦିବ୍ୟାଙ୍ଗ ମହିଳାଙ୍କୁ ଭୁବନେଶ୍ୱର ବଦଳି କରାଯାଇଥିବାର ଅଭିଯୋଗ ହୋଇଛି । ଏହା ଦିବ୍ୟାଙ୍ଗଙ୍କ ପ୍ରତି ଏକ ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା



ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମର ବାସନ୍ତୀ ଦାସ(୫୦) ଜଣେ ସ୍ୱାମୀ ପରିତ୍ୟକ୍ତା ଦଳିତ ଏବଂ ଦିବ୍ୟାଙ୍ଗ ମହିଳା ଅଟନ୍ତି । ବାସନ୍ତୀ ସ୍ଥାନୀୟ କଟକ ଜିଲ୍ଲା ଜୋବ୍ରା ବନ୍ଦୋବସ୍ତ କାର୍ଯ୍ୟାଳୟରେ ପେସକାର ରୂପେ କାର୍ଯ୍ୟ କରିଆସୁଥିଲେ । ବାସନ୍ତୀ ଜଣେ ସ୍ୱାମୀ ପରିତ୍ୟକ୍ତା ହୋଇଥିଲା ବଳେ ତାଙ୍କର ଏକମାତ୍ର କନ୍ୟା ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ +୩ ଶେଷ ବର୍ଷ ଛାତ୍ରୀରୂପେ ଅଧ୍ୟୟନରତ କରୁଛନ୍ତି । ଏକମାତ୍ର କନ୍ୟାର ଭବିଷ୍ୟତକୁ ଆଖିଆଗରେ ରଖି ବାସନ୍ତୀ ସାଲେପୁର ଠାରେ ଭଡାସୂତ୍ରରେ ରହିଆସୁଥିଲେ । ବାସନ୍ତୀ ଦୈନନ୍ଦିନ କାର୍ଯ୍ୟାଳୟକୁ ବସ ଯୋଗେ ଅତ୍ୟନ୍ତ ଦୟନୀୟ ଭାବେ ଯା'ଆସ କରିଥାନ୍ତି । ଏପରିସ୍ଥଳେ କଟକ ସେଟଲମେଣ୍ଟ ଅଫିସ ଚିଠି ନଂ ଏକ୍ସ ୩୦/ ୨୦୨୪.୧୯୨ତା ୨୧-୬-୨୦୨୪ରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଅତିରିକ୍ତ ସବକଲେକ୍ଟରଙ୍କ ଅଦାଲତକୁ ବଦଳି କରାଯାଇଥିଲା । ତାଙ୍କର ବଦଳି ଆଦେଶକୁ ବାତିଲ କରିବା ନିମନ୍ତେ ବାସନ୍ତୀ ନିର୍ଦ୍ଦେଶକ ଭୂ ଅଭିଲେଖ ମାନଚିତ୍ର ପ୍ରକାଶନ ବନ୍ଦୋବସ୍ତ ଓ ଚକବନ୍ଦୀ କଟକଙ୍କୁ ଲିଖିତ ଆକାରରେ ଜଣାଇଥିଲେ । ନିର୍ଦ୍ଦେଶକ ବାସନ୍ତୀଙ୍କ ଅଭିଯୋଗକୁ ଭିତ୍ତି କରି ତାଙ୍କୁ କଟକସଦର ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଡେପୁଟେସନରେ ପଠାଇଥିଲେ । ବାସନ୍ତୀ ସେଠାରେ କାର୍ଯ୍ୟରେ ଯୋଗଦାନ କରିବା ପରେ ତାଙ୍କୁ ଗତ ନଭେମ୍ବର ମାସର ଦରମା ପ୍ରଦାନ କରାଯାଇଛି । କିନ୍ତୁ ବାସନ୍ତୀଙ୍କୁ ଗତ ଜୁନ ୨୧ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଓ ଗତ ଡିସେମ୍ବର ଓ ଜାନୁଆରୀ ମାସର ଦରମା ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନଥିବାର ଅଭିଯୋଗ ହୋଇଛି । ଦରମା ନପାଇ ବାସନ୍ତୀଙ୍କ ପରିବାର ଆଜିର ମହଙ୍ଗା ଦୁନିଆରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ବିଭାଗୀୟ ଅଧିକାରୀ ବାସନ୍ତୀଙ୍କୁ ତାଙ୍କ ଚିଠି ନଂ ୩୧୭ତା।୦୪/୦୨/୨୦୨୫ରେ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିବାର ଜଣାଯାଇଛି । ତେବେ ବିଭାଗୀୟ ଅଧିକାରୀ ଦିବ୍ୟାଙ୍ଗ ବାସନ୍ତୀଙ୍କୁ ବାରମ୍ବାର ମାନସିକ ସ୍ତରରେ ଆଘାତ ଦେଉଥିବାର ଅଭିଯୋଗ ହୋଇଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦିବ୍ୟାଙ୍ଗ ବାସନ୍ତୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ନିମନ୍ତେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ,ପରିବାର ସ୍ୱେଚ୍ଛାସେବୀ ସଙ୍ଗଠନର ସଭାପତି ବଲ୍ଲଭ ଚରଣ ପଲେଇ ପ୍ରମୁଖ ଦୃଢ ଦାବି କରିଛନ୍ତି ।

# ନୂତନ ବ୍ଲକ ଗଠନକୁ ନେଇ ବୈଠକ

ଅନୁଗୁଳ (ଭାସ୍କର ନ୍ୟୁଜ୍ ): ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ପୁରୁଣାକୋଟ ଓ ଟାପଡୋଲ ଫାଣ୍ଡି ଅଞ୍ଚଳରେ ରହିଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକୁ ନେଇ ଏକ ନୂତନ ବ୍ଲକ ଗଠନ ନେଇ ଚତୁର୍ଥ ବୈଠକ ଅନୁଷ୍ଠିତ ହୋଯାଇଅଛି । ନୂତନ ବ୍ଲକ ଗଠନ ନେଇ ଦଳ, ବଳ ନିର୍ବିଶେଷରେ ସମସ୍ତ ବୁଦ୍ଧିଜୀବୀ, ରାଜନେତା ଓ ଗ୍ରାମର ମୁଖ୍ୟମାନେ ଏକତ୍ର ହୋଇଛନ୍ତି । ଟାଇଁସି ସୀତାରାମ ଆଶ୍ରମ ଠାରେ ଆୟୋଜିତ ବୈଠକରେ ଏକ ଖସଡ଼ା ପ୍ରସ୍ତୁତ କରାଯାଇଅଛି । ଆଗାମୀ ଦିନରେ ସମସ୍ତ ଗ୍ରାମ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ପୂର୍ବତନ ନିର୍ବାଚିତ ପ୍ରତିନିଧି, ଗ୍ରାମ ମୁଖ୍ୟ ଏବଂ ଅନ୍ୟାନ୍ୟ ବୁଦ୍ଧିଜୀବୀ ମାନଙ୍କର ବୈଠକ ହେବାକୁ ନିଷ୍ପତ୍ତି ନିଆଯାଇଅଛି । ବୈଠକରେ ଏକ ଉପଦେଷ୍ଟା କମିଟି ଗଠନ ହୋଇଥିବା ବେଳେ ଅସ୍ଥାୟୀ ସଭାପତି ଓ ଆବାହକ ଭାବେ ଆଡଭୋକେଟ୍ ଅନିଲ ପ୍ରଧାନଙ୍କୁ ମନୋନୀତ କରାଯାଇଅଛି । ଅନୁଗୋଳ ବ୍ଲକ ଉପାଧକ୍ଷ ପ୍ରକାଶ



ଚନ୍ଦ୍ର ପ୍ରଧାନଙ୍କୁ ସଂପାଦକ ଭାବରେ ମନୋନୀତ କରାଯାଇଅଛି । ଆସନ୍ତା ୮ ତାରିଖରେ ବିଭିନ୍ନ ଗ୍ରାମ ପଞ୍ଚାୟତ ବୁଲି ନୂତନ ବ୍ଲକ ଗଠନ ହେଲେ ଅଞ୍ଚଳର ବିକାଶ ସହଜରେ ହୋଇପାରିବ ବୋଲି ସଚେତନ କରାଯିବାର କାର୍ଯ୍ୟକ୍ରମ ରହିଛି । ଉପଦେଷ୍ଟା କମିଟିର ସଭ୍ୟ ଭାବେ ବିଜେପି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଆଡଭୋକେଟ୍ ପ୍ରଦୀପ ପ୍ରଧାନ ଓ ପ୍ରସନ୍ନ କୁମାର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ଚନ୍ଦ୍ର ସାହୁ, ଅବସର ପ୍ରାପ୍ତ ନେଭାଲ ସାମରିକ କର୍ମଚାରୀ ପ୍ରକାଶ ଚନ୍ଦ୍ର ସାହୁ, ସମାଜସେବୀ ସୁନିଲ କୁମାର ପ୍ରଧାନ, ମଦନ ମୋହନ ପ୍ରଧାନ, ଗଣେଶ୍ୱର ପ୍ରଧାନ ଓ ଦୀପକ କୁମାର ସାହୁଙ୍କୁ ମନୋନୀତ କରାଯାଇଅଛି । ଆଗାମୀ ଦିନରେ ରାଜନୈତିକ ଚାପ ସୃଷ୍ଟି କରାଯିବା ସହ ଦାବୀ ପୂରଣ ହାସଲ ପର୍ଯ୍ୟନ୍ତ ଉଦ୍ୟମ ଜାରି ରହିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୌରଚନ୍ଦ୍ର ସାହୁ, ରାଜେନ୍ଦ୍ର ପ୍ରଧାନ, ଜନାର୍ଦ୍ଦନ ସାହୁ, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ମନରେଗାରେ ମହାଦୁର୍ନୀତି ଅଭିଯୋଗ

## ମାଟି ଡ୍ରେନ୍, ଅବଶୋଷଣ ଖାତ,ବର୍ଷାଜଳ ସଂରକ୍ଷଣ ଖାତ ନାଁରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଚଳୁ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ପ୍ରତ୍ୟେକ ବର୍ଷ ମାଟି ଡ୍ରେନ, ଅବଶୋଷଣ ଖାତ, ବର୍ଷାଜଳ ସଂରକ୍ଷଣ ଖାତ ନାଁ ରେ କୋଟି କୋଟି ଟଙ୍କା ବିଲ କରାଯାଇ ଲାଲେଲାଲ ଠିକାଦାର ଏବଂ ସରକାରୀ ବାବୁ । ପ୍ରଥମେ ମେସିନ ସାହାଯ୍ୟରେ କାର୍ଯ୍ୟ କରାଯାଏ । ପରେ ଏହାକୁ ଜବକାର୍ଡ ମାଧ୍ୟମରେ ଶ୍ରମିକମାନଙ୍କ ନାମରେ ଏହାକୁ ବିଲ କରାଯାଇ ଲାଲେଲାଲ ହୁଅନ୍ତି ଗ୍ରାମରୋଜଗାର ସେବକ ଠାରୁ ବିଡିଓ ପର୍ଯ୍ୟନ୍ତ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବୁହାଳିପାଳ ଗ୍ରାମପଂଚାୟତରେ । ବିନା ସୂଚନା ଫଳକରେ ମାଟି ଡ୍ରେନ କାର୍ଯ୍ୟ ସରିଥିଲେ ସୁଦ୍ଧା କନିଷ୍ଠ ଯନ୍ତ୍ରୀ ସିଲାରାଣୀ ସାହୁ କୁହନ୍ତି ମୋ ପଂଚାୟତରେ ମନେରେଗାରେ କୌଣସି କାର୍ଯ୍ୟ ହେଉନାହିଁ , କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ସହକାରୀ ଯନ୍ତ୍ରୀ କୁହନ୍ତି ମୁଁ କିଛି ଜାଣିନାହିଁ ଯନ୍ତ୍ରୀଙ୍କୁ ପଚାରନ୍ତୁ । ବିଡିଓ କୁହନ୍ତି ମୁଁ ବୁଝିକି ଜଣାଉଛି କ'ଣ ହେଇଛି । ଏପରି ଭାବରେ ମନେରେଗାରେ କାର୍ଯ୍ୟ ଚାଲୁଛି ହିନ୍ଦୋଳ ବ୍ଲକରେ ।

# 'ଭୁଲ ତୋର ଭୋଗୁଛି ମୁଁ' ନାଟକ ପରିବେଷଣ

ବାଲୁଗାଁ(ଭାସ୍କର ନ୍ୟୁଜ୍): ସରସ୍ୱତୀ ପୂଜା ଉପଲକ୍ଷେ ବାଲୁଗାଁ ପାଟଣା ସାହି କଣ୍ଟେଇ କ୍ଲବ ଆନୁକୂଲ୍ୟରେ 'ଭୁଲ ତୋର ଭୋଗୁଛି ମୁଁ' ସାମାଜିକ ନାଟକ ପରିବେଷଣ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ କାଉନସିଲର ପ୍ରତିନିଧି ସହଦେବ ବେହେରା,ଖୋର୍ଦ୍ଧା ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ସୁଧାଂଶୁ ଶେଖର ପରିଡା, ସମାଜସେବୀ ଧୋବା ବିଶ୍ୱାଳ,ରତନା ବେହେରା,ଉମାକାନ୍ତ ବେହେରା, ନାଟ୍ୟ ନିର୍ଦ୍ଦେଶକ ପର୍ଶୁରାମ ସାହୁ,କ୍ଲବ ସଭାପତି ରାଜେନ୍ଦ୍ର ବେହେରା, ସମ୍ପାଦକ ଜିତେନ୍ଦ୍ର ବେହେରା, ଉପଦେଷ୍ଟା ବୈକୁଣ୍ଠ ବେହେରା ପ୍ରମୁଖ ଉପସ୍ଥିତ ରହି ମା ଜାଗୁଲାଇ କଳା ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ କଳାକାରମାନଙ୍କ ଆପ୍ରାଣ ଚେଷ୍ଟା ଓ ଉଦ୍ୟମ ବଳରେ ସାମାଜିକ ନାଟକ ପରିବେଷଣ କରିଥିବାରୁ କଳାକାର ସମେତ ଅଞ୍ଚଳବାସୀଙ୍କୁ



ଭୂୟସୀ ପ୍ରଶଂସା କରିଥିଲେ । ନାଟ୍ୟକାର ପର୍ଶୁରାମ ସାହୁଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ତୃତୀୟ ଅବଦାନ 'ଭୁଲ ତୋର ଭୋଗୁଛି ମୁଁ' ନାଟକ ପରିବେଷଣ କରାଯାଇଥିଲା । ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ନାଟକ ଦେଖିବା ପାଇଁ ଆଶାତୀତ ଭାବେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ଜେପି ଟ୍ରଷ୍ଟର ବାର୍ଷିକ ଉତ୍ସବ




ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ଥିବା ଜେପି ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଉମରକୋଟ ଡିଏନ୍‌କେ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଇଥିଲା । ଜେପି ଟ୍ରଷ୍ଟର ଅଧ୍ୟକ୍ଷ ଜୟଦେବ କୁମାର ପରିଡ଼ାଙ୍କ ନା । ରେ ଅନୁଷ୍ଠିତ ଏହି ଟ୍ରଷ୍ଟର ବାର୍ଷିକ ଉତ୍ସବର ପ୍ରାରମ୍ଭରେ ପ୍ରତିଷ୍ଠାତା ଜୟଦେବ ପରିଡା ତାଙ୍କ ସ୍ୱାଗତ ଭାଷଣରେ, ନବରଙ୍ଗପୁର ଜିଲ୍ଲାର ପଛୁଆ ଆଦିବାସୀ ଅଧିବାସୀମାନଙ୍କ ଅଧିକାରର ସୁରକ୍ଷା ପାଇଁ ସରକାରଙ୍କ ବିରୁଦ୍ଧରେ କରିଥିବା ଲଢ଼େଇକୁ ମନେ ପକାଇବା ସହ ସେ ବର୍ତ୍ତମାନର ଯୁବପିଢ଼ିକୁ ଜିଲ୍ଲାର ଦଳିତ ଲୋକମାନଙ୍କ କଲ୍ୟାଣ ପାଇଁ ସ୍ୱର ଉଠାଇବାକୁ ପରାମର୍ଶ ଦେଇଥିଲେ ଓ ଟ୍ରଷ୍ଟ ର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଟ୍ରଷ୍ଟର ସାଧାରଣ ସମ୍ପାଦିକା ଓମ୍ ପ୍ରଭା ସାହୁ ଟ୍ରଷ୍ଟର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । ତାଙ୍କ ରିପୋର୍ଟରେ ସେ ଅତୀତରେ ଟ୍ରଷ୍ଟ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ସେବାଭିତ୍ତିକ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ନେତା ନାରାୟଣ ପାତ୍ର ନିଜ ଭାଷଣରେ ଟ୍ରଷ୍ଟ ର ପ୍ରତିଷ୍ଠାତା ଜୟଦେବ ପରିଡାଙ୍କ ଦୃଷ୍ଟିକୋଣ ଏବଂ ଐତିହ୍ୟକୁ ଉଲ୍ଲେଖ କରିବା ସହ ଭବିଷ୍ୟତରେ ମଧ୍ୟ ସେ ଆହୁରି ଅଧିକ ପ୍ରକଳ୍ପ ହାତକୁ ନେବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବିଶିଷ୍ଟ ଶିକ୍ଷାବିତ ତଥା କବି ବିଜୟ ଚୌଧୁରୀ ତାଙ୍କ ଭାଷଣ ରେ ଶ୍ରୀ ପରିଡାଙ୍କୁ ତାଙ୍କର ନିରନ୍ତର ପ୍ରୟାସ ଏବଂ ସାଧାରଣ ଲୋକଙ୍କ ପ୍ରତିନିଧିତ୍ୱ ପାଇଁ ପ୍ରଶଂସା କରିଥିଲେ । ଏହି ସଭାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇ ତାଙ୍କ ଭାଷଣରେ ସେ ପରିଡାଙ୍କ ଲଢୁଆ ନେତା ଭାବେ ବର୍ଣ୍ଣନା କରି ଗରିବ, ମୂଲିଆ, ଦଳିତଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିବା ନେତା ବୋଲି ବର୍ଣ୍ଣନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶିକ୍ଷାର ବିକାଶ ପାଇଁ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ବରିଷ୍ଠ ସମାଜସେବୀ କଜାମ ମଦାନି, ସାଂସଦଙ୍କ ପ୍ରତିନିଧି ରାମ ନାୟକ ଏବଂ ଉମରକୋଟ ଏନଏସିର ପୂର୍ବତନ ଅଧ୍ୟକ୍ଷ ଝାଡେଶ୍ୱର ମହାନ୍ତି ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ଚଳିତ ବର୍ଷ ଟ୍ରଷ୍ଟ ପକ୍ଷରୁ କଲେଜରେ ଶିକ୍ଷା ଜାରି ରଖିବା ପାଇଁ ୬ ଜଣ ମେଧାବୀ ଗରିବ ଛାତ୍ର ଛାତ୍ରୀଙ୍କୁ ୧୫ ହଜାର ଟଙ୍କା ବୃତ୍ତି ପ୍ରଦାନ କରାଯାଇଥିଲା । ସମାଜରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ୪ ଜଣ ସହିଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ । କବିତା ପାତ୍ର, କ୍ରୀଡ଼ା ଶିକ୍ଷକ ଏମ . ବିଜୟ କୁମାର ଓ ସପନ ବୈରାଗୀ ଓ ଭକ୍ତ ରାମ ତୁରୁକଙ୍କୁ ସମ୍ମାନିତ କରା ଯାଇଥିଲା । ସ୍କୁଲର ପ୍ରଶାସନିକ ଅଧିକାରୀ ଶ୍ରୀ ଭିଏସଏନ ମୂର୍ତ୍ତି ଧନ୍ୟବାଦ ପ୍ରସ୍ତାବ ପ୍ରଦାନ କରିଥିଲେ । ସଭା ପରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଉମରକୋଟର ଏସ୍ଏଲ୍ଏନ୍ ବ୍ଲିକ୍ ସ୍କୁଲର କୁନି କୁନି ପିଲାମାନେ ସେମାନଙ୍କର ପ୍ରଦର୍ଶନ କରିଥିଲେ । ସହିଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲର ସମସ୍ତ କର୍ମଚାରୀମାନେ ସମସ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ ।

# ବ୍ରାହ୍ମଣୀନଦୀ ଉତ୍ତରାୟଣୀ ଗଙ୍ଗାଘାଟରେ ପ୍ରଥମ ବାରୁଣୀ ବୁଡ଼ ଆରମ୍ଭ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସଦର ବ୍ଲକ ବଣସିଂହ ଚାଉଳିଆ ପଞ୍ଚାୟତର ବଡନାଗେନା ଠାରେ ଉତ୍କଳର ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଶ୍ରୀ ଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ଚରଣାଶ୍ରିତ ପୂଣ୍ୟତୋୟା ବ୍ରାହ୍ମଣୀ ନଦୀ ଉତ୍ତରାୟଣୀ ଗଙ୍ଗା ଘାଟରେ ଆଜି ପ୍ରତ୍ୟୁଷରୁ ପବିତ୍ର ମାଘ ସପ୍ତମୀରେ ଶ୍ରୀଜଗନ୍ନାଥ ଚେତନା ସେବା ସମିତି ଓ ଶ୍ରୀଶ୍ରୀ ନାଗନାଥେଶ୍ୱର ମନ୍ଦିର ଉନ୍ନୟନ ପରିଷଦ ମିଳିତ ଆନୁକୂଲ୍ୟରେ ବାରୁଣୀ ବୁଡ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉକି ଭାରତ ଭୂଖଣ୍ଡର ପ୍ରୟାଗରାଜ ମହାକୁମ୍ଭ ଅବସରରେ ପବିତ୍ର ମାଘ ସପ୍ତମୀ ଅବସରରେ ପୂଣ୍ୟତୋୟା ବ୍ରାହ୍ମଣୀ ଉତରାୟଣୀ ଗଙ୍ଗାର ପବିତ୍ର ପାବନ ଜଳରେ ବୁଡ ପକାଇ ରୋଗ, ଶୋକ, ଦୁଃଖକୁ ଦୂରୀଭୂତ କରି ନଦୀ ପରି ଜୀବନ ପ୍ରବାହମାନ ହେବା ନିମନ୍ତେ ଏହା ଏକ ଆନନ୍ଦମୟ ମୁହୂର୍ତ୍ତ । ବଡନାଗେନାସ୍ଥିତ ଶ୍ରୀ ଶ୍ରୀ ନାଗନାଥେଶ୍ୱର ମହାଦେବ ସେଠାରେ ଉତ୍କଳର ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଭାବରେ ପୂଜା ପାଉଛନ୍ତି । ଯାହାକି ନାଗବଂଶମାନେ ଏଠାରେ ରାଜୁତି କରୁଥିବାବେଳେ ସଲଗ୍ନ ରୂପାବଳିଆ ପାହାଡ ଉପରେ ତାଙ୍କର ରାଜଧାନୀ ସ୍ଥାପନ କରି ତାଙ୍କର ଇଷ୍ଟ ନାଗନାଥେଶ୍ୱର ଏବଂ କୁଳଦେବୀ ନାଗନାଇ ମାତାଙ୍କୁ ପୂଜା କରୁଥିଲେ । ଅନ୍ୟ ପକ୍ଷରେ ଇତିହାସ କହେ ଯେ ପୂର୍ବ କାଳରେ ନାଗା ସାଧୁମାନେ ନାଗନାଥେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ସଲଗ୍ନ ପ୍ଲାବିତ ବ୍ରାହ୍ମଣୀ ଉତ୍ତରାୟଣୀ ଗଙ୍ଗାରେ ବୁଡ ପକାଇଥିଲେ । ଯେପରିକି ସେଠାରେ ପିତୃପୁରୁଷଙ୍କୁ ମଧ୍ୟ ପିଣ୍ଡଦାନ କରୁଥିଲେ । ସେଠାରେ ଲୋକଙ୍କ ଅନୁଭୂତିରେ ଦର୍ଶାଯାଏ ଯେ ସେହିଠାରେ ବାରୁଣୀ ପଡିଥିବାର ପ୍ରକାଶ କରନ୍ତି । ଏହି ପବିତ୍ର ପାବନ ଭୂମି ଓ ପୀଠ ତଥା ଘାଟର କୀର୍ତିରାଜ ଇତିହାସକୁ ପୁନଃରୁଦ୍ଧାର କରିବା ପାଇଁ ଶ୍ରୀନାଗନାଥ ଚେତନା ସେବା ସମିତି ଢେଙ୍କାନାଳ ଓ ଶ୍ରୀ ନାଗନାଥେଶ୍ୱର ମନ୍ଦିର ଉନ୍ନୟନ ପରିଷଦ ମିଳିତ ସହଯୋଗରେ ଆଜି ପବିତ୍ର ମାଘ ସପ୍ତମୀରେ ବ୍ରାହ୍ମଣୀ ଉତ୍ତରାୟଣୀ ଗଙ୍ଗା ଘାଟରେ ସମୂହ ବାରୁଣୀ ବୁଡ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ଶତାଧିକ ଶ୍ରଦ୍ଧାଳୁ ପୂଣ୍ୟତୋୟା ବ୍ରାହ୍ମଣୀରେ ବୁଡ ପକାଇବା ସହିତ ସର୍ବମଙ୍ଗଳ ବିଧାନାର୍ଥେ ସୂର୍ଯ୍ୟଦେବଙ୍କୁ ଜଳାର୍ଘ୍ୟ ସହ ଗଙ୍ଗା ପୂଜନ କରିବା ସହିତ ଶ୍ରୀ ଶ୍ରୀ ନାଗନାଥେଶ୍ୱରଙ୍କୁ ଦର୍ଶନ କରିଥିଲେ । ଅନ୍ୟପକ୍ଷରେ ମନ୍ଦିର କମିଟି ପକ୍ଷରୁ ଅଷ୍ଟପ୍ରହରୀ ନାମଯଜ୍ଞର ଆୟୋଜନ ହୋଇଥିଲା । ଶ୍ରୀଜଗନ୍ନାଥ ଚେତନା ସେବା ସମିତିର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ୍ ଲିଭିଙ୍ଗର ସଂପାଦକ ପ୍ରଦିପ୍ତ କୁମାର ମିଶ୍ର, ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ଶତୃଘ୍ନ ମାଟି, ଉଦ୍ୟୋଗପତି ଅଶ୍ୱିନୀ କୁମାର ସାହୁ, ସମାଜସେବୀ ବିକାଶ କୁମାର ରଥ, ଚାମ୍ବର ଅଫ୍ କମର୍ସର ଉପସଭାପତି ରାଜ କିଶୋର ବେହେରା, ସାଇ ସତସଙ୍ଗ ସେବା ଟ୍ରଷ୍ଟର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା, ବିଶିଷ୍ଟ ଲେଖିକା ତଥା ଆଇନଜୀବୀ ନିର୍ମଳା ମହାପାତ୍ର, ଆଇନଜୀବୀ ପଦ୍ମଭୂଷଣ ସାହୁ, ପୁରୀର ଜିଏମ ଅବିନାଶ ପାଣିଗ୍ରାହୀ, ମମତା ମିଶ୍ର, ଏଚଡିଏଫ୍‌ସି ଶାଖା ଉପ ପ୍ରବନ୍ଧକ ଭବାନୀ ଶଙ୍କର ଦାସଗୁପ୍ତା, ଆଇନଜୀବୀ ସମ୍ବିତ କୁମାର ବୋଷ, ସର୍ବେଶ୍ୱର ବ୍ରହ୍ମ, ଦୀପକ ମିଶ୍ର, ବିଜ୍ଞାନ ମହାନ୍ତି ଏବଂ ମନ୍ଦିର ପରିଚାଳନା କମିଟି ସଂପାଦକ ସୁଦାମ ଚନ୍ଦ୍ର ବେହେରା, ସଭ୍ୟ ଅଶୋକ କୁମାର ପଣ୍ଡା, ସବ୍ୟସାଚୀ ପାଣି, ସଭାପତି ନିତ୍ୟାନନ୍ଦ ସାହୁ, ସୁଧୀର କୁମାର ପାଣି, ଶ୍ରୀବତ୍ସ ଦାସ, ବିଶ୍ୱନାଥ ସାହୁ, ପ୍ରମୁଖଙ୍କ ସହଯୋଗରେ ଏହି ଆଧାତ୍ମିକ ବାରୁଣୀ ବୁଡକୁ ଅଧିକ ପ୍ରଚାର ପ୍ରସାର କରିବା ସହିତ ଯେ କେହି ନିଜ ପିତୃପୁରୁଷଙ୍କୁ ପିଣ୍ଡଦାନ ମଧ୍ୟ ସେଠାରେ କରିପାରିବେ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ସୁଶୀଲ ପାଣି ଏବଂ ଦୀପକ ପଲେଇ ବାଲୁକା ଶିଳ୍ପୀ ବାଲିରେ ନାଗନାଥେଶ୍ୱର ଏବଂ ବ୍ରାହ୍ମଣୀର ସ୍ୱରୁପ ଗଢିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବାଲିତୁଠ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୧୬ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ବିଦ୍ୟାଳୟର ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ସରସ୍ୱତୀ ଶିଶୁ ମନ୍ଦିର ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିବା ସହିତ ଛାତ୍ର ଛାତ୍ରୀଙ୍କୁ ଦିଆଯାଉଥିବା ନୈତିକ ଶିକ୍ଷା ସମାଜ ବଦଳାଇବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବାଲିତୁଠ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଲିଳ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କାର୍ଯ୍ୟାଳୟ ପ୍ରମୁଖ ସନ୍ତୋଷ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦକ ବିଜୟ କୁମାର ମହାନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ରବିନ୍ଦ୍ର ମିଶ୍ର, ସମ୍ମାନିତ ଅତିଥିଭାବେ ଜିନ୍ଦଲ କମ୍ପାନୀର ଉପାଧ୍ୟକ୍ଷ ଧନଞ୍ଜୟ କୁମାର ସିହ୍ନା, ବାଲିତୁଠ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଏରସମା ବ୍ଲକ ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ବିଦ୍ୟାଳୟ ଶ୍ରଷ୍ଟା ତଥା ପାରାଦ୍ୱୀପ ଶଙ୍ଖୁଳ ପ୍ରମୁଖ ଗୌରାଙ୍ଗ ଚରଣ ସ୍ୱାଇଁ, ଡ଼ ତାମିଲ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବିଭାବକ ଓ ଅବିଭାବିକା ବହୁ ସଂଖ୍ୟାରେ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମାଙ୍କ ଉଦ୍ୟମରେ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



# ଯୁବକବି ଗଗନ ଦେଖାଇଲେ ମହାନତା



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସିଆଳ ପଂଚାୟତ ଅନ୍ତର୍ଗତ ଗିଲିନାସୀ ଗ୍ରାମ ର ବିଶିଷ୍ଟ ସମାଜ ସେବୀ ପରୋପକାରୀ ଆଧାତ୍ମିକ ବାଦୀ ପରିବେଶବିତ୍ ସ୍ୱର୍ଗତ ବୃନ୍ଦାବନ ପ୍ରଧାନ ଙ୍କ ପୁଅ ଯୁବ କବି ଗଗନ ବିହାରି ପ୍ରଧାନ ଦେଖାଇଲେ ମହାନତା । ସ୍ୱର୍ଗତ ବୃନ୍ଦାବନ ପ୍ରଧାନ ଙ୍କ ଗତ ୧ତାରିଖ ଦିନ ବାର୍ଷିକ ଉତ୍ସବ ହିନ୍ଦୁ ରୀତିନୀତି ଅନୁଯାୟୀ ନିଜ ବାସ ଭାବନାରେ ସଂକୀର୍ତ୍ତନ ସଭା ଓ ଏ ଅଞ୍ଚଳର ସମସ୍ତ କବି ଲେଖକ ସାହିତ୍ୟିକଙ୍କ ସମ୍ମିଳନୀ ସହ ବୃନ୍ଦାବନ ସ୍ମୃତି ପାଖୁଡା ନାମକ ପୁସ୍ତକ ଏବଂ ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଅନାବରଣ କରି ଯୁବ କବି ଗଗନ ବିହାରି ପ୍ରଧାନ ପୁରୀ ଶ୍ରୀ ମନ୍ଦିର କୁ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ବଡସିଂହାର ବେଶ ଦର୍ଶନ କରି ଫେରିବା ସମୟରେ ଉତ୍ତର ଦ୍ୱାରଦୀପ ଷ୍ଟାଣ୍ଡ ପାଖରେ ଏକ ମନିପର୍ସ ପଡିଥିଲା । ଅନେକ ଭକ୍ତ ଶ୍ରଦ୍ଧାଳୁ ସେହି ପର୍ସଟିକୁ ଦଳିଚକଟି ଯାଉଥିଲେ । ଯେତେବେଳେ ଗଗନ ଦେଖିଲେ ଏହି ପର୍ସକୁ ଉଠେଇ ଆଣି ସୋସିଆଲ ମିଡିଆରେ ଜଣାଇବା ପରେ ଗଞ୍ଜାମ ଜିଲ୍ଲା ପୋଲସରା ଗ୍ରାମର ସୌଭାଗ୍ୟ ଲକ୍ଷ୍ମୀ ପାଢ଼ୀ ଆସି ପହଞ୍ଚିବା ସହ ନିଜର ପରିଚୟ ପ୍ରମାଣ ପତ୍ର ଦେଖାଇ ଯୁବ କବି ଗଗନ ବିହାରି ପ୍ରଧାନ ଙ୍କ ଠାରୁ ପର୍ସ ଥିବା ୮୨୨୦ଟଙ୍କା ଆନନ୍ଦ ମନରେ ଗ୍ରହଣ କରି ଧନ୍ୟବାଦ ଜଣାଇଥିଲେ । ଯୁବ କବି ଗଗନ ଙ୍କ ମହାନତା ପାଇଁ ବହୁ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# 'ଗାଁର ବିକାଶ ହେଲେ ଦେଶର ବିକାଶ ହେବ'



ଟିକିଟି (ଭାସ୍କର ନ୍ୟୁଜ୍): ଏହି ବ୍ଲକରେ ଆଜି ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ସ୍ଥାନୀୟ ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନଙ୍କ ପୌରହିତ୍ୟରେ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ଯନ୍ତ୍ରୀ ଉଦୟନାଥ ପ୍ରଧାନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରାହୀ, ସ୍ୱାସ୍ଥ୍ୟ ଅଧିକାରୀ ପୁରଂଜିତ ପାତ୍ର, ତହସିଲଦାର ବିଶ୍ୱରଂଜନ କହଁର ଯୋଗଦାନ କରି ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ଆଭାସୀ ରୂପାନ୍ତିକରଣ କାର୍ଯ୍ୟକ୍ରମକୁ ଦେଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ଓ ବିକାଶ ସକାଶେ ମୁଖ୍ୟ ମନ୍ତ୍ରୀଙ୍କ ସମ୍ଭାଷଣ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ଏହାଙ୍କୁ ଠିକ ଭାବରେ କାର୍ଯ୍ୟକାରୀ ଟିକିଟି ବ୍ଲକର ସମସ୍ତ ଗ୍ରାମକୁ ବିକାଶ ର ଧାରରେ ଯୋଗ କରି ଓଡ଼ିଶାରେ ଏକ ନମ୍ବର ବ୍ଲକ କରିବି ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ମଞ୍ଚକୁ ସୂଚାରୁ ରୂପେ ପରିଚାଳନା ଓ ଧନ୍ୟବାଦ ଅର୍ପଣ ବ୍ଲକ ଲେଖାଛାପା ଅଧିକାରୀ ସୁରେଶ କୁମାର ବେହରା କରିଥିଲେ ।



ଆମ କଳାହାଣ୍ଡି





## ନିଖିଳ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବିକ୍ଷୋଭ

# ଦାବି ପୂରଣ ନହେଲେ ୧୩ରୁ ଗଣଧାରଣା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡିଶାରେ ଗତ ୨୫ବର୍ଷ ଧରି ଜୀବିକା ମିଶନ ଓ ୧୧ବର୍ଷ ଧରି ମିଶନ ଶକ୍ତିର ପ୍ରାୟ ମୋଟ ଦେଢ଼ ଲକ୍ଷ ଇସି ସଦସ୍ୟଙ୍କୁ ଏବେର ସରକାର ରିଷ୍ଟ୍ରକ୍‌ଚରିଙ୍ଗ୍ ନାମରେ ବାହାର କରିବା ପ୍ରତିବାଦରେ କଳାହାଣ୍ଡି ଜିଲ୍ଲାର କାର୍ଯ୍ୟରତ ହଜାର ହଜାର ଇସିସଦସ୍ୟ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଉପସ୍ଥାପନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ'ର ଜିଲ୍ଲା ସଭାପତି ସରିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଜିଲ୍ଲା ସମ୍ପାଦକ ଜୟନ୍ତୀ ବିହାରୀ ୧୧ଦଫା ସମ୍ବଳିତ ଦାବି ପାଠ କରିଥିଲେ। ଏହି ବିକ୍ଷୋଭରେ ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ ଉଦ୍‌ବୋଧନ ଦେଇ ଗତ ୨୫ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ସ୍ୱର୍ଣ୍ଣ ଜୟନ୍ତୀ ସ୍ୱ ରୋଜଗାର ଯୋଜନା ଓ ୨୦୧୧ମସିହା।୦।ରୁ ଏନ୍‌ଆରଏଲ୍‌ଏମ୍ କେନ୍ଦ୍ରୀୟ ସ୍କିମ୍ ଅଧିନରେ ଓଡ଼ିଶାର ମିଶନଶକ୍ତି ବିଭାଗ ମାଧ୍ୟମରେ ନିଯୁକ୍ତି ପାଇ ରାଜ୍ୟରେ ୬ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମିଶନଶକ୍ତି ମାଧ୍ୟମରେ ୭୦ଲକ୍ଷ ମହିଳାଙ୍କୁ ଜୀବିକା ଅର୍ଜନର ରାହା ଦେଖାଇଛନ୍ତି। ଏମାନେ ୨୦୧୯ ପର୍ଯ୍ୟନ୍ତ ବିନା ଭତ୍ତାରେ କାର୍ଯ୍ୟ କରି ଆସିଥିବା ବେଳେ ୨୦୧୯ରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଭିତ୍ତିରେ ୨୦୨୨ମସିହାରୁ ମାସିକ ହଜାରେ ଟଙ୍କା ହାରରେ ଏବଂ ୨୦୨୪ ମାର୍ଚ୍ଚରୁ ମାସିକ ଦେଢ଼ ହଜାର ଟଙ୍କା ହାରରେ ଧାର୍ଯ୍ୟ ଗସ୍ତ ଭତ୍ତା ପାଉଛନ୍ତି। ବିଧାନସଭା ନିର୍ବାଚନରେ ରାଜ୍ୟର ସରକାର ପରିବର୍ତ୍ତନ ହେଲା। ନୂଆ ସରକାର ୨୦୨୫ ନୂଆବର୍ଷରେ ରାଜ୍ୟର ଏହି ଲକ୍ଷାଧିକ କାର୍ଯ୍ୟରତ କର୍ମଜୀବୀ ମହିଳା ଇସି ସଦସ୍ୟଙ୍କୁ ରିଷ୍ଟ୍ରକ୍‌ଚରିଙ୍ଗ୍ ଆଳରେ କାର୍ଯ୍ୟରୁ ବାହାର କରିବା ନିଷ୍ପତ୍ତିକୁ କଡ଼ା ନିନ୍ଦା କରିବା ସହ ରିଷ୍ଟ୍ରକ୍‌ଚରିଙ୍ଗ୍ ଆଦେଶ ପ୍ରତ୍ୟାହାର ସହ ଏହି କାର୍ଯ୍ୟରତ ଇସି ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି, ବକେୟା ଭତ୍ତା ପ୍ରଦାନ, ଇପିଏଫ୍ ଏବଂ ଇଏସ୍‌ଆଇ ସମେତ ସାମାଜିକ ନିରାପତ୍ତା ପ୍ରଦାନ, କାର୍ଯ୍ୟକାଳର ବୟସ ସୀମା ୬୫ବର୍ଷକୁ ବୃଦ୍ଧି ଇତ୍ୟାଦି ସହ ମିଶନ ଶକ୍ତି ପରିବାରରେ କାର୍ଯ୍ୟରତ ସିଆରପି ଓ ଏମବିକେ ସମେତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ବର୍ଷାଧିକ କାଳର ବକେୟା ଭତ୍ତା ପ୍ରଦାନ ସହ ସ୍ଥାୟୀ ନିଯୁକ୍ତି ଦାବି କରିଛନ୍ତି। ସରକାର ନିର୍ବାଚନ ପ୍ରତିଶ୍ରୁତି ଦେଇ ରାଜ୍ୟର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ମାସିକ ହଜାରେ ଟଙ୍କାର ସଶକ୍ତି କରଣ ଭତ୍ତା ଫାଙ୍କିବା ପାଇଁ ଆସି ରିଷ୍ଟ୍ରକ୍‌ଚରିଙ୍ଗ୍ ନାମରେ ଲକ୍ଷାଧିକ କର୍ମଜୀବି ମହିଳା ଇସିଙ୍କୁ ବାହାର କରିବାର ରାଜନୈତିକ ପ୍ରତିହିଂସା ପରାୟଣ ନିଷ୍ପତ୍ତି ସମଗ୍ର ରାଜ୍ୟର ପ୍ରତି ଗାଁରେ ମହିଳାଙ୍କୁ ଅଶାନ୍ତି ଭିତରକୁ ଠେଲି ଦେଇଛନ୍ତି। ଏହି ରିଷ୍ଟ୍ରକ୍‌ଚରିଙ୍ଗ୍ ଆଦେଶ ପ୍ରତ୍ୟାହାର କରି ସ୍ଥାୟୀ ନିଯୁକ୍ତି ଦାବିରେ ଆସନ୍ତା ୧୩ଫେବୃଆରୀରୁ ବିଧାନସଭାର ବଜେଟ ଅଧିବେଶନ ସମୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ପାଇଁ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଆହ୍ୱାନ ଦେଇଛି। ଏହି ଦାବି ପାଇଁ ସମସ୍ତ ଇସି ୧୨ତାରିଖରୁ ଭୁବନେଶ୍ୱର ଯାତ୍ରା ପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଏହି ଆନ୍ଦୋଳନରେ ସଂଘର ରାଜ୍ୟ ଉପ ସାଧାରଣ ସମ୍ପାଦକ ଟୁନୀ ନାଏକ, ବିଭିନ୍ନ ବ୍ଲକରୁ ଆସିଥିବା ନେତାମାନେ ଉଦ୍‌ବୋଧନ ଦେଇ ସରକାର ତୁରନ୍ତ ଇସି ରିଷ୍ଟ୍ରକ୍‌ଚରିଙ୍ଗ୍ କରି ସ୍ଥାୟୀ ନିଯୁକ୍ତି କରିବାକୁ ଦାବି କରିବା ସହ ୧୩ ଫେବୃଆରୀ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣାର ସଫଳତା ପାଇଁ ଆହ୍ୱାନ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ନର୍ଲା ବ୍ଲକ ଅନ୍ତର୍ଗତ ପଲମ ଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ପଲମ କ୍ଲଷ୍ଟରର ସିଆର୍‌ସିସି ଡିଲେଶ୍ୱର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଶ୍ରୀପୁର ସିଆରସିସି ରଘୁପତି ନାଏକ, ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିପ୍ର ବଗର୍ତ୍ତୀ, ଖଇରମାଲ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଯୁବରାଜ ଜାନୀ, ଆଲିମ୍ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଜଗନ୍ନାଥ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଉମାଶଙ୍କର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଜ୍ଞାନେନ୍ଦ୍ର ଗହିର ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଛନ୍ଦାଚରଣ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପଲମ କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟରୁ ୧୦ଜଣ ଲେଖାଏଁ ଛାତ୍ରଛାତ୍ରୀ ଗାଇଡ୍ ଶିକ୍ଷକଙ୍କ ସହ ଯୋଗଦେଇଥିଲେ। ମେଳାରେ ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନାତ୍ମକ ଓ ମତାମତ ଷ୍ଟଲରେ ଛାତ୍ରଛାତ୍ରୀମାନେ ନିଜର ପ୍ରକଳ୍ପ ସବୁକୁ ପ୍ରଦର୍ଶିତ କରିଥିଲେ। ସେହିପରି ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ନର୍ଲା ବିଆରସିସି ଗୋବର୍ଦ୍ଧନ ମାଝୀ, ମୁଖ୍ୟବକ୍ତା ଏବିଇଓ ସୂର୍ଯ୍ୟଦେବ ବାଗ, ଭାନପୁର ସିଆରସିସି ଦୁର୍ଗାମାଧବ କୁମାର, ପଲମ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ବିପ୍ର ବଗର୍ତ୍ତୀ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ଯଶୋବନ୍ତୀ ସାହୁ, କମିଟି ସଦସ୍ୟା ପ୍ରିୟଙ୍କା ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସିଆରସିସି ଡିଲେଶ୍ୱର ରଣା ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବକ୍ତୃତା, ହସ୍ତଶିଳ୍ପ, ଚିତ୍ରାଙ୍କନ, ଶ୍ରେଷ୍ଠ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପ୍ରକଳ୍ପରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କ୍ଲଷ୍ଟରର ସମସ୍ତ ଏଫଏଲ୍‌ଏନ ଶିକ୍ଷକଙ୍କ ସମେତ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ



ଲାଞ୍ଜିଗଡ଼, ( ଭାସ୍କର ନ୍ୟୁଜ୍) : ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ତୃଣମୂଳ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ଦେଖିବାକୁ ମିଳୁଛି। ଆଜି ସାରା ରାଜ୍ୟରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହିକ୍ରମରେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଲାଞ୍ଜିଗଡ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଭିଡିଓ କନଫରେନସିଂ ଜରିଆରେ ଏହାର ଶୁଭାରମ୍ଭ କରିଥିଲେ। ଏଥିପାଇଁ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର ସ୍ୱାଗତ ଅଭିଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ସାଂସଦ ପ୍ରତିନିଧି ନିରଞ୍ଜନ ବିଭାର, ଜିଲ୍ଲା ପରିଷଦ ସଦସ୍ୟ ଅଞ୍ଜଳୀ ମାଝୀ, ପରୀକ୍ଷିତ ନାଏକ, ସିଡିପିଓ ବିଜୟଶ୍ରୀ ସିଂହଦେଓ, ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ଅରବିନ୍ଦ ମହାପାତ୍ର, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂହ, ଏପିଓ ସଞ୍ଜିତ ପରିଡ଼ା, ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଦସ୍ୟ, ସଦସ୍ୟା, ଦୁଇ ହଜାରରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମଙ୍କ ନେତୃତ୍ୱରେ ପୁଲିସ ବାହିନୀ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ନିୟୋଜିତ ଥିଲେ।

### ପ୍ରତାପ କିଶୋର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଆର୍‌କେ ଏକ୍ସଆଇକୁ ହରାଇ ଆୟୁସ-୧୧ ବିଜୟୀ



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର କେନ୍ଦୁଡଙ୍ଗରୀ ଏସ୍‌ପିସିସି ଆନୁକୂଲ୍ୟରେ ଚାଲିଥିବା ପ୍ରତାପ କିଶୋର ନାଏକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଆୟୁସ-୧୧ ବଡ଼ପୋଡ଼ାଗୁଡ଼ା ଓ ଆରକେ ଏକ୍ସଆଇ ନବରଙ୍ଗପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରକେ ଏକ୍ସଆଇ ନବରଙ୍ଗପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ବିନିମୟରେ ୯୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଆୟୁସ-୧୧ ପଡିଆକୁ ଓହ୍ଲାଇ ୮.୨ ଓଭରରେ ୨ ଉଇକେଟ ବିନିମୟରେ ମ୍ୟାଚ୍ ବିଜୟୀ ହୋଇଥିଲା। ଆୟୁସ-୧୧ର ଚିନ୍ତା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ବରାଡଙ୍ଗା ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୋକୁଳ ନାଏକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଜଗଦୀଶ ନାଏକ, ତୁଳା ନାଗ, ଦିବାକର ପଟ୍ଟନାୟକ, ସଦାନନ୍ଦ ବାଗ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବରେ ସୁନୀଲ ମଲ୍ଲିକ ଓ ରଶିକ୍ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ସ୍କୋର ବୋର୍ଡରେ ଜିତେନ୍ଦ୍ର ନାଏକ ରହିଥିବାବେଳେ ଖେଳର ଧାରାବିବରଣି ମାମନୁ ଦାସ ଓ କୋକିଳ ମଲ୍ଲିକ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ନବାବ ଦାସ, ହେମନ୍ତ ନାଏକ, ପ୍ରଶାନ୍ତ ପଟ୍ଟନାୟକ, ବଂଶିଧର ନାଏକ, ପ୍ରଦୀପ ପଟ୍ଟନାୟକ, ବୁଲୁ ପଟ୍ଟନାୟକ, ସରୋଜ ଦାସ, ଜତିନ୍ଦ୍ର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରତିଯୋଗିତା ନାଁରେ ଚାଲିଛି ଜୁଆଆଡ୍ଡା, ସର୍ବଶ୍ୱାନ୍ତ ଯୁବଗୋଷ୍ଠୀ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକର ବିଭିନ୍ନ ଗ୍ରାମରେ ଗତ ମାସେ ହେବ ଜୋରସୋରରେ କ୍ରୀଡା ପ୍ରତିଯୋଗିତା ଚାଲୁ ରହିଛି। ହେଲେ କ୍ରୀଡା ପ୍ରତିଯୋଗିତାରେ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିବା କମ୍ ଦେଖା ଦେଇଥିବାବେଳେ ଖେଳ ପ୍ରତିଯୋଗିତା ନାଁରେ ଘୁଡଘୁଡି ପଟିକୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖାଯାଉଛି। କୋକସରା ଓ ଆମପାଣି ଉଭୟ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଫୁଟ୍‌ବଲ୍ ଓ କ୍ରିକେଟ୍ ଆଦି ଖେଳ ଜାରି ରହିଛି। ତେବେ ଏଠାରେ ଅନୁଷ୍ଠିତ ହେଉଥିବା ଖେଳ ପ୍ରତିଯୋଗିତାର ପ୍ରକୃତ ଉଦ୍ଦେଶ୍ୟ କିନ୍ତୁ ଭିନ୍ନ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଆଳ କରି ଘୁଡଘୁଡି ପଟି ଖେଳ କରୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଅଞ୍ଚଳରେ ଚାଷକାର୍ଯ୍ୟ ସହ ଧାନ ବିକ୍ରୀ ସରିଥିବାବେଳେ ଯୁବଗୋଷ୍ଠୀ ଓ ଲୋକେ ବିଭିନ୍ନ ସ୍ଥାନରେ ଚାଲିଥିବା କ୍ରୀଡା ପ୍ରତିଯୋଗିତା ଦେଖିବାକୁ ଯାଉଛନ୍ତି। ଖେଳ ଦେଖିବା ସହିତ ସେମାନେ ଆୟୋଜକ ଅନୁଷ୍ଠାନ ଦ୍ୱାରା ଡକା ଯାଇଥିବା ଘୁଡଘୁଡି ପଟିରେ ଯୁବଗୋଷ୍ଠୀ ଜୁଆ ଖେଳି ସ୍ୱର୍ବଶ୍ୱାନ୍ତ ହେଉଛନ୍ତି। ଏ ବିଷୟରେ ପୋଲିସ ସୂଚନା ପାଇ ଚଢ଼ାଉ କରିବା ପାଇଁ ସେଠାକୁ ଯିବା ସମୟରେ ପୋଲିସ ବିଭାଗର ତଳିଆ କର୍ମଚାରୀ ମାନେ ତତକ୍ଷଣାତ୍ ଅନୁଷ୍ଠାନର କର୍ମକର୍ତ୍ତା ଓ ଜୁଆ ଖେଳ କରାଉଥିବା ବ୍ୟକ୍ତି ବିଶେଷଙ୍କୁ ଖବର ଦେଇ ଦେଉଛନ୍ତି। ଚଢ଼ାଉ କରିବା ଆଗରୁ ସତର୍କତା ପୂର୍ବକ ସେଠାରୁ ଛତ୍ରଭଙ୍ଗ ଦେଇ ଜୁଆ ଖେଳ ଚଳାଉ ଥିବା ବ୍ୟକ୍ତି ବିଶେଷ ସାଧାରଣ ଦର୍ଶକ ମଧ୍ୟରେ ମିଶି ଯାଉଛନ୍ତି। ଯାହା ଫଳରେ ପୋଲିସ୍ ମଧ୍ୟ ସେମାନଙ୍କୁ ଧରିବାରେ ସକ୍ଷମ ହୋଇ ପାରୁନାହିଁ। ସ୍ଥାନୀୟ ଅଞ୍ଚଳରେ ଯୁବକମାନେ ଏହି ଜୁଆଖେଳରେ ସାମିଲି ହୋଇ ସର୍ବଶ୍ୱାନ୍ତ ହେବା ସହ ଚୋରୀର ଶିକାର ମଧ୍ୟ ହେଉଛନ୍ତି। ଅନ୍ୟପଟେ ବିଭିନ୍ନ କ୍ରୀଡାର ବିକାଶ ନିମନ୍ତେ ନିରନ୍ତର ପ୍ରୟାସ କରି ଆସୁଥିବା ଅନୁଷ୍ଠାନ ଗୁଡ଼ିକ କିଛି ଅସାଧୁ ଲୋକଙ୍କ ପାଇଁ ଅଯଥାରେ ବଦନାମ୍ ହେବାକୁ ପଡୁଛି। ଯୁବ ଗୋଷ୍ଠୀଙ୍କୁ ଖେଳ ପ୍ରତି ଉତ୍ସାହିତ କରିବା ପାଇଁ କ୍ରୀଡା ପ୍ରତିଯୋଗିତା ହେଉ, ଅନୈତିକ ଭାବରେ ଖେଳ ନାଁରେ ଜୁଆ ଖେଳ କରି ଲୋକଙ୍କୁ ସ୍ୱର୍ବଶ୍ୱାନ୍ତ କରା ନଯାଉ, କ୍ରୀଡା ପ୍ରତିଯୋଗିତା ନାଁରେ ଜୁଆଖେଳ କରୁଥିବା ଓ ଏହାକୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ବିଶେଷ, କମିଟି ଉପରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

## ୧୪ରୁ ଜୁନାଗଡ଼ ମହୋତ୍ସବ ଆରମ୍ଭ



ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ହାଇସ୍କୁଲ ଖେଳପଡିଆ ଠାରେ ଜୁନାଗଡ଼ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚିତ ପ୍ରତିନିଧି ଯୋଗଦେଇ ସବୁପ୍ରକାର ସହଯୋଗ କରିବାକୁ ସହମତି ପ୍ରକାଶ କରିଛନ୍ତି। ଉତ୍ସବ କମିଟିର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହ ଅଧ୍ୟକ୍ଷ ଲଳିତ ଅଗ୍ରୱାଲ, ସମ୍ପାଦକ ହିମାଂଶୁ ଶେଖର ବରାଡ଼, ଈଶ୍ୱର ପୁଝାରି, ଉଦ୍ଧବ ଚରଣ ସାହୁ, ବିଘ୍ନରାଜ ବରାଡ଼, ମାନସ ସେଠି ପ୍ରମୁଖ ଉଦବୋଧନ ଦେଇଥିଲେ। ଚଳିତବର୍ଷ ଜୁନାଗଡ଼ ହାଇସ୍କୁଲ ଖେଳ ପଡିଆ ତିନି ଦିନ ଧରି ଏହି ଉତ୍ସବ ପାଳନ ହେବ। ବ୍ଲକ ଓ ଏନଏସିର ଲୋକେ ଚଳିତବର୍ଷ ଉତ୍ସବ ଦେଖିବାରୁ ନିରାଶ ହୋଇଥଲେ। ଜୁନାଗଡ଼ର ମାନ, ସ୍ୱାଭିମାନ ଓ ସର୍ବୋପରି ଜୁନାଗଡ଼ର ଅସ୍ମିତାକୁ ବଞ୍ଚାଇ ରଖିବା ପାଇଁ ଜୁନାଗଡ଼ବାସୀ ପକ୍ଷରୁ ଜୁନାଗଡ଼ ମହୋତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଚଳିତ ଫେବୃଆରୀ ୧୪,୧୫ ଓ ୧୬ ତାରିଖରେ ହାଇସ୍କୁଲ ଖେଳପଡିଆ ଠାରେ ଜୁନାଗଡ଼ ମହୋତ୍ସବ ପାଳନ ହେବ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ୍ୟା ହିମାଦ୍ରୀ ନାଏକ, ଜିଲ୍ଲା ପରିଷଦ ସଭ୍ୟ। ସାମୁକାରାଣୀ କୁମାର, ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲ, ସରପଞ୍ଚ ସଂଘ ସଭାପତି ତାରାପ୍ରସାଦ ରାୟଗୁରୁ, ସୁନୀଲ ନାଇଡୁ, ବିକାଶ ପଣ୍ଡା, ବିଦ୍ୟାଧର ସାହୁ, ସ୍ୱୟଂଭୁ ପାଣିଗ୍ରାହୀ, ହିମାଦ୍ରୀ ନାଏକ, କୁନା ଦଣ୍ଡସେନା, ସମୀର ସାହୁ, କାଳିଆ କନ୍ଦ ପାନ, ସରୋଜ ପଣ୍ଡା ପ୍ରମୁଖଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ସହରବାସି ଉପସ୍ଥିତ ରହିଥିଲେ।

## ଭିକ୍ଷା ପାଲଟିଛି ସାହାରା

## ଖାଦ୍ୟ ସୁରକ୍ଷା ଆଇନରୁ ବାଦ ପଡ଼ିଛନ୍ତି ଦମ୍ପତି



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ଯେପରି ଜଣେ ବି ଗରିବ ରହିବେନି। ଜଣେ ବି ଗରିବ ଭୋକର ତାଉ ସହିବେନି । ଏଥିପାଇଁ ସରକାର ପ୍ରତ୍ୟେକ ବ୍ୟକ୍ତିଙ୍କ ୩ ମୌଳିକ ଆବଶ୍ୟକତା (ଖାଦ୍ୟ, ବସ୍ତ୍ର ଓ ବାସଗୃହ)କୁ ପୂରଣ କରିବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି। ଗରିବ ପେଟରେ ଦାନାଟିଏ ଦେବାପାଇଁ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ସାଧାରଣ ଗରିବ ଲୋକଙ୍କୁ ପ୍ରାଥମିତା ଦେଇ ସଭିଙ୍କ ପାଇଁ ରାସନ୍ କାର୍ଡର ବ୍ୟବସ୍ଥା କରାଗଲା। ରାସନ କାର୍ଡ ମାଧ୍ୟମରେ ପଞ୍ଚାୟତରୁ ଚାଉଳ, ଗହମ, ମାଣ୍ଡିଆ, କିରୋସିନ ଇତ୍ୟାଦି ଲୋକଙ୍କୁ ଯୋଗାଇ ଦିଆଗଲା। ହେଲେ ଟେଣ୍ଟାପାଲି ପଞ୍ଚାୟତ ଘଣ୍ଟିଗୁଡା ଗ୍ରାମ ତେଲି ପଳାସ ପଡାର ଦମ୍ପତିଙ୍କ କ୍ଷେତ୍ରରେ ଯୋଜନା ଆଜି ବି ଅପହଞ୍ଚ ଦୂରରେ ରହିଯିବା ଘଟଣା ସାମ୍ନାକୁ ଆସିଛି। ଦମ୍ପତି ହେଲେ ଗ୍ରାମର ହରି ଗହୀର (୭୦) ସ୍ତ୍ରୀ ମାଳତୀ ଗହୀର (୬୫)। ତାଙ୍କ ଦୁର୍ଦ୍ଦଶା ନ କହିବା ଭଲ। ଏକ ଝାଟି ଘରେ ଦୁଇ ଦମ୍ପତି ଦୀର୍ଘ ବର୍ଷରୁ ରହି ଆସୁଛନ୍ତି। ହସିଲା ସଂସାର ଭିତରେ ଗୋଟାଏ ପୁଅ, ଗୋଟାଏ ଝିଅ ସହ ଆନନ୍ଦ ଉଲ୍ଲାସରେ ରହୁଥିଲେ ଦମ୍ପତି। ହେଲେ ପୁଅ ଝିଅକୁ ତାଙ୍କ ଠାରୁ ବହୁଦିନ ହେବ ଛଡେଇ ନେଇଛି ଦଇବ । ଏବେ ଦୁହେଁ ଏକ ଝାଟି କୁଡ଼ିଆ ଟେ କରି ରହି ଆସୁଛନ୍ତି। ଏବେ ଅପରାହ୍ନ ବୟସ। ସାହା ବୋଲି କିଏ ନାହିଁ। କେବଳ ସକାଳ ପାହିଲେ କଷ୍ଟେ ମଷ୍ଟେ ପାଖ ଆଖ ଗାଁକୁ ଯାଇ ଭିକ୍ଷା ମାଗି ଯାହା ଆଣନ୍ତି ସେଥିରେ ଚୁଲିରେ ନିଆଁ ଲାଗେ। ଦେହ ପାହ କଥା କିଏ ପଚାରେ। ଉପରବାଲା ଭରସା । ଏତିକିରେ ଦୁଃଖ ସରେ ନାହିଁ- ସ୍ୱାଧୀନତା ୭୬ତମ ବର୍ଷ ହୋଇଥିଲେ ହିଁ ମୌଳିକ ଅଧିକାରରୁ ବଞ୍ଚିତ ଦମ୍ପତି। ନା ପଞ୍ଚାୟତରୁ ମିଳୁଛି ଚାଉଳ ନା ବାର୍ଦ୍ଧକ୍ୟଭତ୍ତା ନା ମିଳୁଛି ଅନ୍ୟାନ୍ୟ ସୁବିଧା। କିଛି ବର୍ଷ ତଳେ ପଞ୍ଚାୟତ ପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କୃପାରୁ ସହାୟତା ଭାବେ ୫କିଲୋ ଚାଉଳ ମିଳୁଥିବା ବେଳେ ବର୍ତ୍ତମାନ ଆଉ ତାହା ବି ପାଉ ନ ଥିବା କହନ୍ତି ହରି। ଆଧାର କାର୍ଡ କିମ୍ବା ଭୋଟ କାର୍ଡ ତାଙ୍କର ନଥିବା ଯୋଗୁଁ ସବୁଥିରୁ ବଞ୍ଚିତ ହୋଇଥିବା ଗ୍ରାମର ଅନେକ ଲୋକ କହନ୍ତି। ଅନ୍ୟପଟେ ୱାର୍ଡ ମେମ୍ବର କିମ୍ବା ସ୍ଥାନୀୟ ସରପଞ୍ଚ ମାନବିକତା ଦୃଷ୍ଟିକୋଣରୁ ହରି ଓ ତାଙ୍କ ସ୍ତ୍ରୀ ପାଇଁ କିଛି ସୁବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ଗାଁ ଲୋକେ ଆଲୋଚନା କରନ୍ତି। ଘର ଖଣ୍ଡ ତ ଦୂରର କଥା-କମସେ କମ ଖାଦ୍ୟ ସୁରକ୍ଷା ଆଇନ ଭିତରେ ଦମ୍ପତିଙ୍କୁ ସମ୍ପୃକ୍ତ କରିବା ବ୍ୟବସ୍ଥା ସ୍ଥାନୀୟ ପ୍ରତିନିଧିଙ୍କ ଦାୟିତ୍ୱ ବୋଲି ସାଧାରଣରେ ଆଲୋଚନା ହୁଏ। ଦମ୍ପତିଙ୍କ ବିଷୟରେ ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳଙ୍କୁ ପଚାରିବାରୁ -ଆଧାର କାର୍ଡ ନ ଥିବା ଓ ଦମ୍ପତି ଦୁହେଁ କେବେ ଗାଁରେ ତ କେବେ ଗାଁ ବାହାରେ ରହୁଥିବା ଯୋଗୁଁ ସମସ୍ୟା ହେଉଥିବା ପ୍ରକାଶ କରନ୍ତି। ଅନ୍ୟଅଟେ ସରପଞ୍ଚଙ୍କ ପ୍ରତିକ୍ରିୟା ଉପରେ ହରିଙ୍କ ଭାଇ ଦମ୍ପତି ଦୁହେଁ ଜନ୍ମ ଠାରୁ ଏଠି ରହୁଛନ୍ତି ଓ ଆଧାର କାର୍ଡ ପାଇଁ ବାରମ୍ବାର ଯାଇ ଥିଲେ ହିଁ ହୋଇ ନ ଥିବା କହନ୍ତି। ସେ ଯାହା ହେଉନା କାହିଁକି -ତୁରନ୍ତ ଦମ୍ପତି ଦୁହିଁଙ୍କୁ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଭିତରେ ସମ୍ପୃକ୍ତ କରି ଯୋଜନା ମଧ୍ୟରେ ଚାଉଳ ଓ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥା ଯୋଗାଇ ଦେବାକୁ ପଡାବାସୀ ଦାବି କରନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ରାଶିଫଳ

ଗୁରୁବାର, ୬ ଫେବୃଆରୀ ୨୦୨୫



**ମେଷ:** ବ୍ୟବସାୟରେ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ । ସାମାଜିକ ପ୍ରସଙ୍ଗରେ ବାହାରକୁ ଯିବାର ସମ୍ଭାବନା ରହିବ। ଏକ ମନୋରମ ସ୍ଥାନରେ ରହିବାକୁ ଉପଭୋଗ କରନ୍ତୁ ।



**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ । ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ । କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ । ମଧ୍ୟାହ୍ନ ଭୋଜନ ପରେ ଭଲ ଟ୍ରେଣ୍ଡ ଅଛି ।



**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ।



**ସିଂହ:** ଆପଣଙ୍କର ଅଧ୍ୟକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।



**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ । କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ । ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ । ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୈଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ । ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ । ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ । ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ ।



**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ । ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ । ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ । ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ । ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ । ନିଷ୍ପତ୍ତି ଶକ୍ତିର ଅଭାବ ରହିବ । ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି ।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ । ପାରିବାରିକ ଜୀବନରେ ସମନ୍ୱୟ ରହିବ । ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ । ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ । ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ । ସାଙ୍ଗମାନେ ମଧ୍ୟ ଉପକୃତ ହେବେ । ମଧ୍ୟାହ୍ନ ଭୋଜନ ପରେ, ଆପଣ କୈଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯